ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୭୯
୬ ଡିସେମ୍ବର, ୨୦୨୫ ଶନିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 179
6th December, 2025 Saturday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍**
**ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।**

ବିଷ ମଧ୍ୟରୁ ଅମୃତ ଓ ଅମେଧ୍ୟରୁ ସୁବର୍ଣ୍ଣ ଯେପରି ଗ୍ରହଣ କରାଯାଏ, ସେହିପରି ନୀଚ ଲୋକଠାରୁ ଉତ୍ତମ ବିଦ୍ୟା ଶିକ୍ଷା ଓ ନୀଚ କୁଳରୁ ଗୁଣବତୀ ନାରୀ ଓ କନ୍ୟାରତ୍ନ ଗ୍ରହଣ କରିବା ଉଚିତ।

# ଭାରତ-ରୁଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା

## ରୁଷ ନାଗରିକଙ୍କୁ ମାଗଣା ପର୍ଯ୍ୟଟକ ଭିସା

**ନୂଆଦିଲ୍ଲୀ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଦିନ ଦିଲ୍ଲୀରେ ଭାରତ ଏବଂ ରୁଷ ମଧ୍ୟରେ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଏକ ମିଳିତ ବିବୃତ୍ତି ମଧ୍ୟ ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀ ମୋଦି ଏବଂ ରୁଷ ରାଷ୍ଟ୍ରପତି ପୁଟିନ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ । ବୈଠକ ସମୟରେ, ଭାରତ ଏବଂ ରୁଷ ମଧ୍ୟରେ ଅନେକ ଚୁକ୍ତିନାମା ଆଦାନପ୍ରଦାନ କରାଯାଇଥିଲା । ଏହି ଚୁକ୍ତିନାମାଗୁଡ଼ିକ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସହଯୋଗକୁ ଆହୁରି ମଜବୁତ କରିବାରେ ସହାୟକ ହେବ ।

ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଭାରତ ସରକାର ରୁଷ ନାଗରିକଙ୍କ ପାଇଁ ୩୦ ଦିନିଆ ମାଗଣା ଇ-ପର୍ଯ୍ୟଟକ ଭିସା ପ୍ରଚଳନ କରିବେ । ଏହା ବ୍ୟତୀତ, ଭାରତ ଏବଂ ରୁଷ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ଜାହାଜ ଚଳାଚଳ, ପରିବହନ ଏବଂ ସକ୍ରିୟ ଶ୍ରମକୁ ଅନ୍ତର୍ଭୁକ୍ତ କରି ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସହଯୋଗ ଏବଂ ପ୍ରବାସ, ଅସ୍ଥାୟୀ ଶ୍ରମିକ ଆନ୍ଦୋଳନ, ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ, ପୋଲାର ସିପ୍ ଏବଂ ସାମୁଦ୍ରିକ ସହଯୋଗ ଏବଂ ସାର ଉପରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ୨୦୩୦ ସୁଦ୍ଧା ସକ୍ରିୟ ହେବ ।

ରୁଷ ୟୁକ୍ରେନ ବିବାଦର ସମାଧାନ କ୍ଷେତ୍ରରେ ଭାରତ ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ରୁଷ ରାଷ୍ଟ୍ରପତି କହିଥିଲେ ଯେ ଭାରତ-ରୁଷ ଦ୍ୱିପାକ୍ଷିକ ବାଣିଜ୍ୟ ଗତ ବର୍ଷ ୧୨% ବୃଦ୍ଧି ପାଇଛି, ଯାହା ଏକ ରେକର୍ଡ । ଏହା ପ୍ରାୟ ୬୪ ବିଲିୟନ ଆମେରିକୀୟ ଡଲାରକୁ ପ୍ରତିନିଧିତ୍ୱ କରେ । ଏହି ବାଣିଜ୍ୟ ୧୦୦ ବିଲିୟନ



ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ ଏପରି ଚ୍ୟାଲେଞ୍ଜଗୁଡ଼ିକର ତାଲିକା ଦେଇଛନ୍ତି ଯାହାକୁ ସର୍ବାଧିକ ଧ୍ୟାନ ଦେବା ଆବଶ୍ୟକ । ଭାରତ ଏବଂ ୟୁରେସିଆନ୍ ଅର୍ଥନୈତିକ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଆର୍ଥିକ ସମ୍ପର୍କ ବିକାଶରେ ସହାୟକ ହେବ ।

## ଖୁବ୍‌ଶୀଘ୍ର ଆଇଡିବିଆଇ ହେବ ଘରୋଇ ବ୍ୟାଙ୍କ୍ !

**ନୂଆଦିଲ୍ଲୀ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଆଇଡିବିଆଇ ବ୍ୟାଙ୍କ୍ ଲିମିଟେଡ୍‌ରେ ଥିବା ଏହାର ଅଂଶଧନକୁ ବିକ୍ରି କରିବାକୁ ଚାହୁଁଛନ୍ତି । ବ୍ୟାଙ୍କ୍‌ରେ ସରକାରଙ୍କ ୭.୧ ବିଲିୟନ୍ ଡଲାର (ଯାହାକି ୬୦.୭୨% ସହ ସମାନ) ଅଂଶଧନ ରହିଛି । ନିଲାମ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ପୂର୍ବରୁ ସମସ୍ୟାରେ ଥିବା ଏହି ବ୍ୟାଙ୍କ୍‌କୁ ଘରୋଇକରଣ କରିବା ଏବଂ ଏହାର ବିନିଯୋଗ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦୀର୍ଘଦିନ ଧରି ଚାଲି ଆସୁଥିବା ଉଦ୍ୟମରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି ।

ଏକ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ସମ୍ଭାବିତ କ୍ରେତାଙ୍କ ସହ ଆଲୋଚନା ଆଡ୍‌ଭାନ୍ସ ଷ୍ଟେଜ୍‌ରେ ରହିଛି । ଏହି ମାସରେ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଉଛି । ଯଦି ସବୁକିଛି ଠିକ୍‌ଠାକ୍ ଚାଲେ, ତେବେ ଅନେକ ଦଶନ୍ଧି ପରେ କୌଣସି ଏକ ସରକାରୀ ବ୍ୟାଙ୍କ୍‌ର ଏହା ପ୍ରଥମ ଘରୋଇକରଣ ହେବ ।

ମୁମ୍ବାଇ ସ୍ଥିତ ଏହି ବ୍ୟାଙ୍କ୍‌ରେ ସରକାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଏଏନଏମ୍ ପ୍ରଶ୍ନପତ୍ର ଲିକ୍ ପରେ ପରୀକ୍ଷା ବାତିଲ

**ମାଲକାନଗିରି,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାରେ ଏଏନଏମ୍ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ହେବା ପରେ ବାତିଲ୍ ହେଲା ଆଜିର ପରୀକ୍ଷା । ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ଏଏନଏମ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ଦ୍ୱିତୀୟ ବର୍ଷ ଛାତ୍ରଙ୍କ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି । ଦିନ ୨ ଟାରେ ପରୀକ୍ଷା ଥିବା ବେଳେ ୧୧ଟା ବେଳେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ଆସିଥିଲା ।

## ବ୍ରାଉନସୁଗାର ଜବତ ଜଣେ ଗିରଫ

**କଟକ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଶୁକ୍ରବାର ମର୍କତନଗର ଥାନା ଅନ୍ତର୍ଗତ ଇମାମ ପଡ଼ିଆ ଅଞ୍ଚଳରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମର୍କତନଗର ଥାନା ଇମାମପଡ଼ାର ସବୀର ସାହ (୩୧) । ଅଭିଯୁକ୍ତ ନିକଟରୁ ଅବକାରୀ ପୋଲିସ ୧୫୮ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଫେବୃଆରୀ ୧୯ରେ ମାଟ୍ରିକ୍ ପରୀକ୍ଷା

**କଟକ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଫେବୃଆରୀ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ । ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି । ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖ ଯାଏ ଚାଲିବ । ମାଟ୍ରିକ ପରୀକ୍ଷା ସକାଳ ୯ ଟାରୁ ୧୧.୩୦ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଡିଜିସିଏ କୋହଳ କଲା କଟକଣା



## ଇଣ୍ଡିଗୋର ସମସ୍ୟା ପାଇଁ ସରକାର ଦାୟୀ



**ନୂଆଦିଲ୍ଲୀ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଇଣ୍ଡିଗୋ ଏୟାରଲାଇନ୍ସ ଗୁରୁତର ପରିଚାଳନାଗତ ଅସୁବିଧାର ସମ୍ମୁଖୀନ ହେଉଛି । ବିମାନ ବାତିଲ ହେଉଥିବାରୁ ଯାତ୍ରୀ ହଇରାଣ ହେଉଥିବା ଦେଖିବାକୁ ମିଳିଛି । ଇଣ୍ଡିଗୋ ଡିସେମ୍ବର ୫ (ଶୁକ୍ରବାର) ରାତି ୧୨ଟା ପର୍ଯ୍ୟନ୍ତ ଦିଲ୍ଲୀ ବିମାନ ବନ୍ଦରରୁ ଉଡ଼ାଣ ଭରିବାକୁ ଥିବା ସମସ୍ତ ଘରୋଇ ବିମାନ *(ଶେଷ ପୃଷ୍ଠା ଦେଖନ୍ତୁ)*

**ନୂଆଦିଲ୍ଲୀ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶରେ ଇଣ୍ଡିଗୋ ବିମାନ ଚଳାଚଳରେ ଦେଖା ଦେଇଥିବା ସଙ୍କଟକୁ ନେଇ ବଡ ପଦକ୍ଷେପ ନେଇଛି ଡିଜିସିଏ (ଡାଇରେକ୍ଟୋରେଟ ଜେନେରାଲ ଅଫ ସିଭିଲ ଆଭିଏସନ) । ଡିଜିସିଏ ଏହାର ନିୟମକୁ ଶିଥିଳ କରିଦେଇଛି ଏବଂ ସାପ୍ତାହିକ ଛୁଟି ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଛି । ଏହି ନିର୍ଦ୍ଦେଶ ପରେ ପରିସ୍ଥିତି ଶୀଘ୍ର ସ୍ୱାଭାବିକହେବ ବୋଲି ଆଶା କରାଯାଉଛି ।

ଲଗାତାର ଚାରି ଦିନ ଧରି ଦେଶର ସମସ୍ତ ପ୍ରମୁଖ ବିମାନବନ୍ଦରରେ ବିଶୃଙ୍ଖଳା ଦେଖାଦେଇଛି । ଶୁକ୍ରବାର

### ୧୨୦୦ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ, ଦେଶବ୍ୟାପୀ ଯାତ୍ରୀ ହନ୍ତସନ୍ତ

୧୨୦୦ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି । ଯାହା ଫଳରେ ଦିଲ୍ଲୀ, ମୁମ୍ବାଇ, ଗୋଆ ଏବଂ ଅହମ୍ମଦାବାଦ ସମେତ ସମସ୍ତ ପ୍ରମୁଖ ବିମାନବନ୍ଦରରେ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଇଲଟ୍ ଅଭାବ ଏବଂ ନୂତନ ଡିଜିସିଏ ନିୟମାବଳୀକୁ ଏହାର କାରଣ ଭାବରେ ଦର୍ଶାଯାଇଛି ।

ଡିଜିସିଏ ଏବେ ସମସ୍ତ ଅପରେଟରଙ୍କୁ କ୍ରୁ ସଦସ୍ୟଙ୍କ ପାଇଁ ସାପ୍ତାହିକ ଛୁଟି ସମ୍ପର୍କରେ ନିର୍ଦ୍ଦେଶ ପ୍ରତ୍ୟାହାର କରିନେଇଛି । ଡିଜିସିଏ କହିଛି ଯେ ଚାଲୁଥିବା କାର୍ଯ୍ୟକ୍ଷମ ବାଧା ଏବଂ କାର୍ଯ୍ୟର ନିରନ୍ତରତା ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ଏୟାରଲାଇନ୍ସରୁ ମିଳିଥିବା ପ୍ରତିନିଧିତ୍ୱକୁ ଦୃଷ୍ଟିରେ ରଖି, ସାପ୍ତାହିକ ବିଶ୍ରାମ ବଦଳରେ ଏବେ କୌଣସି ଛୁଟି ଦିଆଯିବ ନାହିଁ ବୋଲି ପ୍ରାସଙ୍ଗିକ ଅନୁଚ୍ଛେଦରେ ଥିବା ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରାଯାଉଛି ।

ବର୍ତ୍ତମାନ ସୁଦ୍ଧା, ଦିଲ୍ଲୀ ଏବଂ ଜମ୍ମୁରୁ ସମସ୍ତ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି । ଦିଲ୍ଲୀ ବିମାନବନ୍ଦରରୁ ଛାଡିବାକୁ ଥିବା ସମସ୍ତ ଇଣ୍ଡିଗୋ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୪ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି

**ଭୁବନେଶ୍ୱର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ପଦବୀ ଖାଲି ପଡିଛି । ଏଥିମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟରେ ୨୦୨୩ ମସିହାରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବା ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।



ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧିନରେ ମୋଟ୍ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି । ଏଥିମଧ୍ୟରୁ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ପଡିଛି । ଏଥିମଧ୍ୟରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୨୦୨୩ ଜୁଲାଇ ମାସରୁ ନିୟମିତ କୁଳପତି ପଦବୀ ଖାଲି ପଡିଥିବାବେଳେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୦୨୩ ଅକ୍ଟୋବର ମାସରୁ ନିୟମିତ କୁଳପତି ନାହାନ୍ତି ।

ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟୋର ୨୦୨୪ ଅକ୍ଟୋବର ମାସରୁ କୁଳପତି ପଦବୀ ଖାଲି ପଡିଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୨୦୨୪ ଅକ୍ଟୋବର ମାସରୁ ନିୟମିତ କୁଳପତି ପଦବୀ ଖାଲି ପଡିଛି । ଓଡିଆ ବିଶ୍ୱବିଦ୍ୟାଳୟର ଚଳିତବର୍ଷ ଅଗଷ୍ଟ ମାସରୁ, ମହରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ଜୁଲାଇ ମାସରୁ, ବିକ୍ରମ ଦେବ ମହାବିଦ୍ୟାଳୟରେ ଚଳିତବର୍ଷ ଅଗଷ୍ଟରୁ ଏବଂ ଆଇନ୍ ବିଶ୍ୱବିଦ୍ୟାଳୟ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟଳୟରେ ଚଳିତବର୍ଷ ଏପ୍ରିଲ୍ ମାସରୁ ନିୟମିତ କୁଳପତି ନାହାନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚଳିତବର୍ଷ ମାର୍ଚ୍ଚମାସରୁ ନିୟମିତ କୁଳପତି ପଦବୀଟି ଖାଲି ପଡିଛି ।

# ରାଜଧାନୀରେ ଗର୍ଜିଲେ ଶିକ୍ଷକ

**ଭୁବନେଶ୍ୱର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ହେଉଛି ବିକାଶର ଅନ୍ୟତମ ବଳିଷ୍ଠ ମାଧ୍ୟମ । ବ୍ୟକ୍ତିଗତ ଓ ସାମାଜିକ ବିକାଶକୁ ନେଇ ଦେଶର ଭବିଷ୍ୟତ କଳ୍ପନା କରାଯାଇ ପାରିବ । ଶିକ୍ଷାର ବିକାଶ ପାଇଁ ସରକାର ସବୁବେଳେ ଚିନ୍ତା କରୁଛନ୍ତି ବୋଲି କହୁଛନ୍ତି । ମନ୍ତ୍ରୀ ଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ଭାଷଣବାଜି କରୁଛନ୍ତି । ବିଦ୍ୟାଳୟ ଭଳି ପବିତ୍ର ମନ୍ଦିରରେ ଶିକ୍ଷାର୍ଥୀ ହେଉଛନ୍ତି ଦେବତା ସଦୃଶ ଏବଂ ଏହି ଦେବତାରୂପୀ ପିଲାମାନଙ୍କୁ ଭଲ ମଣିଷ କରିବା ପାଇଁ ବଡ ଦାୟିତ୍ୱ ନେଇଥାନ୍ତି ପୂଜାରୀରୂପୀ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ । ସେମାନେ ନିଜର ଅଧିକାର ପାଇପାରି ନଥିବାରୁ ରାଜରାସ୍ତାରେ ଆଜି ଗର୍ଜନ କରିଛନ୍ତି । ବିଦ୍ୟାଳୟରେ ଶିକ୍ଷାଦାନ କରିବା ବଦଳରେ ରାଜଧାନୀ ଭୁବନେଶ୍ୱରରେ ଅଧିକାର ମାଗୁଛନ୍ତି ସେମାନେ । ବିଧାନସଭା ଶୀତକାଳୀନ ଅଧିବେଶନ ଜାରି ଥିବା ବେଳେ ଏକ ଗୋଷ୍ଠୀର ହଜାର ହଜାର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରୁଛନ୍ତି । ସେହିପରି ଆଗାମୀ ଦିନରେ ଅନ୍ୟ ଏକ ଶିକ୍ଷକ ଗୋଷ୍ଠୀ ବିଧାନସଭା ଘେରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ।

# ସ୍କୁଲ ବହି ବଦଳିବ

**ଭୁବନେଶ୍ୱର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି । ଏଥିପାଇଁ ଖୁବଶୀଘ୍ର ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ପାଠ୍ୟକ୍ରମ ବା ସିଲାବସ୍ ପରିବର୍ତ୍ତନ କରିପାରନ୍ତି । ସମ୍ଭବତଃ ଆସନ୍ତା ଶିକ୍ଷାବର୍ଷରେ ପିଲାମାନଙ୍କୁ ନୂତନ ସିଲାବସ୍ ଆଧାରରେ ପାଠ ପଢିବାକୁ ପଡିପାରେ । ଏହା ଲାଗୁ ହେଲେ ଆଗାମୀ ଦିନରେ ପିଲାମାନେ ଆଉ ପୁରୁଣା ବହି ପଢିବେ ନାହିଁ, ବରଂ ସେମାନଙ୍କ ପାଇଁ ନୂଆ ବହିର ବ୍ୟବସ୍ଥା କରାଯିବ । ଅର୍ଥାତ ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି ।

ପାଠ୍ୟ ପୁସ୍ତକ ପରିବର୍ତ୍ତନ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ଦିନ ବିଧାନସଭାରେ ସୂଚନା ଦେଇଛନ୍ତି । ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପାଠ୍ୟକ୍ରମ ପରିବର୍ତ୍ତନ ସମ୍ପର୍କରେ ଗୃହରେ ଏକ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଉତ୍ତର ରଖିଛନ୍ତି ପଚାରିଥିଲେ । ବିଧାୟକଙ୍କ ପ୍ରଶ୍ନର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆମ ବସ୍ ଚଢିଗଲା ଯୁବକଙ୍କ ଉପରେ

**ଭୁବନେଶ୍ୱର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସତସଂଗ ବିହାର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଉପରେ ଆମ ବସ ଚଢିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ଏଥିନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଯାନବାହାନ ଚଳାଚଳ ଗୁରୁତର ପ୍ରଭାବିତ ହୋଇଥିଲା । ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇଥିଲା ।

# ଅଧାରୁ ପାଠ ଛାଡିବା ମାଧ୍ୟମିକସ୍ତରରେ ସର୍ବାଧିକ

**ଭୁବନେଶ୍ୱର,୫।୧୨ ତଥ୍ୟ**

ଛାତ୍ରଛାତ୍ରୀମାନଙ୍କର ଅଧାରୁ ପାଠ ଛାଡୁଥିବା ନେଇ ସବୁ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଉଥିବାବେଳେ ଅଧିକାଂଶ ଛାତ୍ରଛାତ୍ରୀ ନବମ ଓ ଦଶମ ଶ୍ରେଣୀରେ ଅଧାରୁ ପାଠ ଛାଡୁଥିବା ଜଣାଯାଇଛି ।

ସରକାରୀ ସ୍ତରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାଥମିକ ସ୍ତରରେ ରାଜ୍ୟରେ ହାରାହାରି ଭାବେ ୦.୭ ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିବାବେଳେ ମାଧ୍ୟମିକ ସ୍ତର ଯାହାକି ଷଷ୍ଠରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ରହିଛି ସେଠାରେ ହାରାହାରି ୩.୨ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । ଏମାନଙ୍କ ମଧ୍ୟରେ ଛାତ୍ରଙ୍କ ସଂଖ୍ୟା ୩.୭ ପ୍ରତିଶତ ହୋଇଥିବାବେଳେ ଛାତ୍ରୀଙ୍କ ସଂଖ୍ୟା ୨.୬ ପ୍ରତିଶତ ରହିଛି ।




ହେଲେ ମାଧ୍ୟମିକ ଶ୍ରେଣୀ ବିଶେଷକରି ନବମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧାରୁ ପାଠ ଛାଡିବାର ହାର ଅଧିକ ରହିଛି । ୨୦୨୪-୨୫ ଶିକ୍ଷାବର୍ଷରେ ଏହି ଦୁଇ ଶ୍ରେଣୀରେ ହାରାହାରି ୧୫ ପ୍ରତିଶତ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି । ଏମାନଙ୍କ ମଧ୍ୟରେ ଛାତ୍ରଙ୍କ ସଂଖ୍ୟା ୧୭.୩ ପ୍ରତିଶତ ରହିଥିବାବେଳେ ଛାତ୍ରୀଙ୍କ ସଂଖ୍ୟା ୧୨.୫ ପ୍ରତିଶତ ରହିଛି । ୨୦୨୩-୨୪ ବର୍ଷରେ ହାରାହାରି ୧୨.୮ ପ୍ରତିଶତ ଛାତ୍ରଛାତ୍ରୀ ଏହି ଶ୍ରେଣୀରେ ଅଧାରୁ ପାଠ ଛାଡିଥିଲେ ।

ତେବେ ନବମ ଓ ଦଶମ ଶ୍ରେଣୀରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ମଧ୍ୟରେ ସର୍ବାଧିକ ୨୯.୭ ପ୍ରତିଶତ ନବରଙ୍ଗପୁର ଜିଲ୍ଲାରେ ରହିଛି । ୨୩.୮ ପ୍ରତିଶତ ବୌଦ୍ଧ ଜିଲ୍ଲାର ଥିବାବେଳେ ନୟାଗଡ ଜିଲ୍ଲାରେ ଏହା ୨୩.୨ ପ୍ରତିଶତ ରେକର୍ଡ କରାଯାଇଛି । କେନ୍ଦୁଝର ଜିଲ୍ଲାରେ ଏହା ୨୨ ପ୍ରତିଶତ ଥିବାବେଳେ ଭଦ୍ରକ ଜିଲ୍ଲାରେ ୨୧.୯, ମାଲକାନଗିରିରେ ୨୧.୩, ଅନୁଗୁଳରେ ୨୦ ପ୍ରତିଶତ ରହିଛି । ରାଜ୍ୟ ରାଜଧାନୀ ଖୋରଧା ଜିଲ୍ଲାରେ ଏହା ଶୂନ ପ୍ରତିଶତ ରେକର୍ଡ କରାଯାଇଥିବାବେଳେ କଟକରେ ୭.୬ ଏବଂ ପୁରୀରେ ୭.୯ ପ୍ରତିଶତ ରହିଛି ।

ସେହିଭଳି ଛାତ୍ରୀଙ୍କ ତୁଳନାରେ ଛାତ୍ରମାନେ ଅଧିକ ସଂଖ୍ୟାରେ ଅଧାରୁ ପାଠ ଛାଡୁଥିବା ରେକର୍ଡ ହୋଇଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ୩୦ ପ୍ରତିଶତ ଛାତ୍ର ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡୁଛନ୍ତି । ଭଦ୍ରକ ଜିଲ୍ଲାରେ ଏହା ୨୬.୪ ପ୍ରତିଶତ ଥିବାବେଳେ କେନ୍ଦୁଝରରେ ୨୬.୧ ପ୍ରତିଶତ ରହିଛି ।

ସେହିଭଳି ଉଚ୍ଚ ପ୍ରାଥମିକ ସ୍ତରରେ ୩.୭ ପ୍ରତିଶତ ଛାତ୍ର ଅଧାରୁ ପାଠ ଛାଡୁଥିବାବେଳେ ଏମାନଙ୍କ ମଧ୍ୟରେ ମାଲକାନଗିରିରୁ ସର୍ବାଧିକ ୧୩.୨ ପ୍ରତିଶତ ରହିଛନ୍ତି । ଝାରସୁଗୁଡା ଜିଲ୍ଲାରେ ଏହି ଶ୍ରେଣୀରେ ଜଣେ ହେଲେ ପିଲା ଅଧାରୁ ପାଠ ଛାଡୁନଥିବା ରେକର୍ଡ କରାଯାଇଛି ।

ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ ଲାଗି ରାଜ୍ୟ ସରକାର ମାଗଣା ପୋଷାକ ଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନ, ପୁସ୍ତକ, ସାଇକେଲ, ବୃତ୍ତି ଆଦି ଯୋଗାଇ ଦେଉଥିବାବେଳେ ଛାତ୍ରଛାତ୍ରୀମାନଙ୍କ ଅଧାରୁ ପାଠପଢା ଛାଡିବା ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି ।

## ଲାଞ୍ଚ ମାଗିଲା ବେଳେ ଭିଜିଲାନ୍ସ ଜାଲରେ ପଡିଲେ ଫରେଷ୍ଟର



**ଭୁବନେଶ୍ୱର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭିଜିଲାନ୍ସ ଜାଲରେ ବ୍ରଜରାଜନଗର ରେଞ୍ଜ ବନ୍ଧବାହାଲ ସେକ୍ସନର ବନ ଅଧିକାରୀ । ୫ ହଜାର ଟଙ୍କା ଲାଞ୍ଚ ନେଇ ବନ୍ଧବାହାଲ ସେକ୍ସନ ଫରେଷ୍ଟର ଗୌରାଙ୍ଗ ସାହୁ ଅଟକ । ଭିଜିଲାନ୍ସ ଏକ ମାମଲା ରୁଜୁ କରି ଦୁଇଟି ସ୍ଥାନରେ ଚଢାଉ କରିଛି ।

ସୂଚନାନୁଯାୟୀ, ବନ୍ଧବାହାଲ ସେକ୍ସନର ଫରେଷ୍ଟର ଗୌରାଙ୍ଗ ସାହୁ ଜଣେ ବ୍ୟକ୍ତି ତାଙ୍କ ଜମିରୁ ଶୁଖିଲା ନୀଳଗିରି ଗଛ କାଟିବା ଏବଂ ପରିବହନ ପାଇଁ ଅନୁମତି ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଉକ୍ତ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ପ୍ରସ୍ତୁତି *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୬ ଡିସେମ୍ବର ୨୦୨୫ । ଶନିବାର




## ପୋଟେରୁ ନଦୀରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

**ମାଲକାନାଗିରି: ଏକ୍ସପ୍ରେସ ନ୍ୟୁଜ୍**

ପୋଟେରୁ ନଦୀରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର। ମାଲକାନଗିରି ଜିଲ୍ଲାର ରାଖେଲଗୁଡା ଗ୍ରାମରୁ ଏହି ଘଟଣା ସାମ୍ନାକୁ ଆସିଛି। ଦିନକ ପୂର୍ବରୁ ଉକ୍ତ ଗ୍ରାମର ନିଖୋଜ ମହିଳାଙ୍କର ମୃତଦେହ ହୋଇ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

ସୂଚ଼ନା ମୁତାବକ, କୋରୁକୋଣ୍ଡା ଥାନା ନିକଟସ୍ଥ ରାଖେଲଗୁଡା ଗ୍ରାମର ସ୍ୱର୍ଗତ ମୁକା ପଡିଆମୀଙ୍କ ପତ୍ନୀ ଲାକେ ପଡିଆମୀ ନିଖୋଜ ହୋଇଥିବାର ତାଙ୍କ ପୁଅ ରବି ପଡିଆମୀ ସଦର କୋରୁକୋଣ୍ଡା ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଗୁରୁବାର ଠାରୁ ପୋଲିସ ବିଭିନ୍ନ ସ୍ଥାନରେ ଖୋଜୁଥିଲା। ହେଲେ ଶୁକ୍ରବାର ସକାଳୁ ପ୍ରାୟ ଦୁଇ କିଲୋମିଟର ଦୂର ଡୁଡାମେଟଲା ଗାଁ ନିକଟ ପୋଟେରୁ ନଦୀରେ ଏକ ମୁଣ୍ଡବିହୀନ ମହିଳାଙ୍କର ମୃତଦେହ ଭାସୁଥିବାର ବାଲିଘାଟର ଲୋକେ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ରାଖେଲଗୁଡା ଗ୍ରାମର ନିଖୋଜ ମହିଳାଙ୍କ ପରିବାର ଓ ଆଖପାଖ ଆଦିବାସୀ ଗ୍ରାମର ଲୋକେ ସେଠାରେ ପହଞ୍ଚି ପୋଲିସକୁ ଜଣାଇ ନଦୀରୁ ମୃତ ଶରୀର ଉଦ୍ଧାର କରିଛନ୍ତି। ତେବେ ପିନ୍ଧା ଲୁଗାରୁ ମୃତଦେହଟି ନିଖୋଜ ମହିଳାଙ୍କର ହୋଇଥାଇପାରେ ଏବଂ କେହି ଦୁର୍ବୃତ୍ତ ମହିଳାଙ୍କ ମୁଣ୍ଡ କାଟି ହତ୍ୟା କରି ନଦୀରେ ଭସାଇ ଦେଇ ଥାଇ ପାରନ୍ତି ବୋଲି ପରିବାର ଲୋକେ ଓ ଗ୍ରାମବାସୀ ସନ୍ଦେହ କରୁଛନ୍ତି।

ସେପଟେ ନଦୀରେ ଅଧିକ ପାଣି ଥିବାରୁ ମୁଣ୍ଡ ଖୋଜିବା ସମ୍ଭବ ହେଉ ନଥିବାରୁ ଅଗ୍ନିଶମ ବିଭାଗକୁ ଖୋଜିବା ନିମନ୍ତେ ସୂଚ଼ନା ଦିଆଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ ଶରୀର ଜବତ କରି ତଦନ୍ତ ଜାରି ରଖିଛି। ତେବେ ଗୁରୁବାର ସକାଳୁ ନଦୀରେ ଓ ଆଖପାଖ ଅଞ୍ଚଳରେ ପୋଲିସ ପକ୍ଷରୁ ମୁଣ୍ଡ ଖୋଜା ଚ଼ାଲିଛି ବୋଲି କୋରୁକୋଣ୍ଡା ସଦରଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ସୂଚ଼ନା ଦେଇଛନ୍ତି। ସେପଟେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚ଼ର୍ଚ୍ଚାର ବିଷୟ ପାଲଟିଛି।

## ସରକାରୀ ସୁବିଧା ପାଇବାରୁ ବଞ୍ଚିତ ବୟସ୍କ

**ଓଡ଼ାପଡ଼ା : ଏକ୍ସପ୍ରେସ ନ୍ୟୁଜ୍**

ବୟସର ଅପରାହ୍ନରେ ପରିଣତ ବୟସରେ କେମିତି ଆର୍ଥିକ ସାହାଯ୍ୟ ଟିକେ ପାଇବା ପାରିବ ଓ କିଭଳି ଦୈନନ୍ଦିନ ଜୀବନରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଟିକେ ଘରକୁ ଆଣିପାରିବ ତା'ସହିତ ବୃଦ୍ଧ ବୟସରେ କିପରି ଆର୍ଥିକ କ୍ଷେତ୍ରରେ କାହା ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ନ ହେବ ସେଥିପାଇଁ ସରକାର ବାର୍ଦ୍ଧକ୍ୟ ଭତ୍ତା ଭଳି ଐତିହାସିକ ପଦକ୍ଷେପ ଗ୍ରହଣ କଲେ। ଖାଲି ସେତିକି ନୁହେଁ ଗରିବ ବିଧବା ମହିଳା, ଦିବ୍ୟାଙ୍ଗ, ଛାଡ଼ପତ୍ର ପାଇଥିବା ମହିଳା ଓ ପରିଣତ ବୟସରେ ଅବିବାହିତ ମହିଳାମାନଙ୍କ ପାଇଁ ବିଭିନ୍ନ ସମୟରେ ଅଲଗା ଅଲଗା ସ୍କିମ ଦ୍ୱାରା ମଧ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଗଲା। ଉଦ୍ଦେଶ୍ୟ ଥିଲା କି କୌଣସି ବି ଗରିବ ନିରୀହ ହିତାଧୀକାରୀ ଯେମିତି ସାଧାରଣ ମୌଳିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି। ଦୁଃଖ ଏବଂ ପରିତାପର ବିଷୟ ଭତ୍ତା ପାଇବାକୁ ହେଲେ ଏବେ ଅନ୍ୟର ମୃତ୍ୟୁକୁ ଅପକ୍ଷା କରିବାକୁ ପଡିବ। କଥାଟା ଶୁଣିବାକୁ ଅଡୁଆ ଲାଗୁଥିଲେବି ଏହା ନିରାଟ ସତ। ରାଜ୍ୟ ସରକାରଙ୍କ ଅଜବ ନିୟମ। ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଜଣେ ହିତାଧିକାରୀଙ୍କ ମୃତ୍ୟୁ ପରେ ଯାଇଁ ଆଉ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଭତ୍ତା। ଭତ୍ତା ପାଇବା ପାଇଁ ହେଲେ ଅନ୍ୟ ଜଣେ ହିତାଧିକାରୀଙ୍କ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡିବ। ଏହାକୁ ସରକାରୀ ଭାଷାରେ ଡେଥ୍ ଭାକାନ୍ସି କୁହାଯାଉଛି ଅର୍ଥାତ୍ ମୃତ୍ୟୁ ପରେ ଖାଲି ହେଉଥିବା ସ୍ଲଟରେ ନୂଆ ହିତାଧିକାରୀଙ୍କୁ ଭତ୍ତା ଦିଆଯିବ। ଏହି ଅଜବ ନିୟମ ପାଇଁ ସମଗ୍ର ଢେଙ୍କାନାଳ ଜିଲ୍ଲାରେ ୨୦୯୩୯ ହିତାଧୀକାରୀ ବଞ୍ଚିତ ଥିବାବେଳେ, ଓଡ଼ାପଡ଼ା ବ୍ଲକ୍‌ର ୨୮ଟି ପଞ୍ଚାୟତର ସର୍ବମୋଟ ୨୨୩୫ ଜଣ ହିତାଧୀକାରୀ ଦୀର୍ଘ ମାସ ଧରି ଅପେକ୍ଷା କରିଛନ୍ତି। ଏମାନେ ଭତ୍ତା ପାଇବାପାଇଁ ଯୋଗ୍ୟ ହେଲେ ସୁଧା ଅନ୍ୟ ହିତାଧୀକାରୀଙ୍କ ମୃତ୍ୟୁ ପରେ ହିଁ ଏମାନଙ୍କୁ ଭତ୍ତା ମିଳିବ। ସେହିଭଳି କିଛି ୮୦ ବର୍ଷରୁ ଅଧିକ ବୃଦ୍ଧ ୩୫୦୦ ଟଙ୍କା ଭତ୍ତା ପାଇବା କଥା କିନ୍ତୁ ପାଉଛନ୍ତି ମାତ୍ର ୧୦୦୦ ଟଙ୍କା। ହିତାଧୀକାରୀମାନେ ବ୍ଲକ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। କିନ୍ତୁ ତାଙ୍କୁ ବର୍ଦ୍ଧିତ ଟଙ୍କା ମିଳିପାରୁନି। ଆଉ ଏହାର କାରଣ ହେଲା ସେଇ ଅଜବ ନିୟମ, ଡେଥ୍ ଭାକାନ୍ସି ହେଲେ ଯାଇଁ ବର୍ଦ୍ଧିତ ଭତ୍ତା ମିଳିବ। ଏଭଳି ଅନେକ ହିତାଧୀକାରୀ ୮୦ ବର୍ଷ ପାର କରିସାରିଥିଲେ ସୁଦ୍ଧା ଅନ୍ୟର ମୃତ୍ୟୁ ହେଉନି ବୋଲି ବର୍ଦ୍ଧିତ ୩୫୦୦ ଟଙ୍କା ମିଳି ପାରୁନି। ଏଠି ପ୍ରଶ୍ନ ଉଠୁଛି ଯଦି ଢେଙ୍କାନାଳ ଜିଲ୍ଲାରେ ଭତ୍ତା ଅପେକ୍ଷାରେ କୋଡିଏ ହଜାରରୁ ଅଧିକ ହିତାଧୀକାରୀ ତାହେଲେ ଓଡ଼ିଶା ସାରା କେତେ ହିତାଧୀକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ଯଦି ଡେକାନ୍ସି ଅପେକ୍ଷା କରିବା ବଦଳରେ ନୂତନ ହିତାଧୀକାରୀଙ୍କୁ ଯୋଗ କରନ୍ତେ ତାହେଲେ ଏଭଳି ସମସ୍ୟା ହୁଅନ୍ତା ନାହିଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ନଦୀ ସୁରକ୍ଷା ନାଁରେ ନେତାଙ୍କ ବାଲି ଚୋରି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



ବାଡ ଯଦି କ୍ଷେତ ଖାଏ ଗୁହାରୀ କରିବ କାହାକୁ। କହିବାର ଅର୍ଥ କଟକ ଜିଲ୍ଲା ନିଆଳି ଅଞ୍ଚଳର ନିର୍ବାଚ଼ିତ ନେତା ପ୍ରାଚ଼ୀ ନଦୀର ସୁରକ୍ଷା ପାଇଁ ଡିଣ୍ଡିମ ପିଟୁଥିବା ବେଳେ କୁଜି ନେତାଙ୍କ ସହଯୋଗରେ ପ୍ରାଚ଼ୀ ନଦୀ ଗର୍ଭରୁ ବାଲି ଚୋରି କରିବା ଘଟଣା ନିଆଳି ଅଞ୍ଚଳରେ ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ଥାନୀୟ ଲୋକେ ଗୋଡେଇ ଗୋଡେଇ ଜେସିବ ମେସିନ୍ ଓ ବାଲି ବୋଝେଇ ଟ୍ରାକ୍ଟର ଭିଡିଓ ଭାଇରାଲ କରିବା ପରେ ନିଆଳି ଓ ବାଲିପାଟଣା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ। ମିଳୁଥିବା ଅଭିଯୋଗ ଅନୁସାରେ ବିଳମ୍ବିତ ରାତିରେ କଟକ ଜିଲ୍ଲା ନିଆଳି ତହସିଲ ନୂଆଗାଁ ମୌଜା ଓ ବାଲିପାଟଣା ତହସିଲ ଆମାଣାକୁଦ ମୌଜାର ନୂଆଗାଁ କଲେଜ ନିକଟ ଦେଇ ପ୍ରଭାବିତ ପୂର୍ଣ୍ଣତୟା ପ୍ରାଚ଼ୀ ନଦୀକୁ ତାଡି ଶାସକ ଦଳର ନେତା ଓ କୁଜି ନେତା ବୋହି ନେଇଛନ୍ତି ୩୦୦ଶହରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ବାଲି। ଦୁଇଟି ଜେସିବ ମେସିନ୍ ସାହାର୍ଯ୍ୟରେ ୧୦/୧୨ ଟ୍ରାକ୍ଟର ସାହାର୍ଯ୍ୟରେ ବିଳମ୍ବିତ ରାତିରେ ବାଲି ବୋହି ନେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଭିଡିଓ ଉତ୍ତୋଳନ କରି ଭାଇରାଲ କଲି ପରେ ବି ରାଜସ୍ୱ ବିଭାଗ ନିଆଳି ଓ ବାଲିପାଟଣା ତହସିଲଦାର ନିରବ ରହିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝି ଲଘୁ ଖଣିଜ ଚୋରା ଚ଼ାଲାଣ ଉପରେ କଡା ଆଭିମୁଖ୍ୟ ସ୍ପଷ୍ଟ କରିଥିବା ବେଳେ ନିଆଳି ଓ ବାଲିପାଟଣା ତହସିଲଦାରଙ୍କ ନିରବତା ଉପରେ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ରାତିରେ ପ୍ରଶାସନ ନିଘୋଡ଼ ନିଦରେ ଶୋଉଛି କୁଜି ନେତା ପ୍ରାଚ଼ୀ ନଦୀ ଗର୍ଭକୁ ଚ଼ିରି ବୋହି ନେଉଛନ୍ତି ଶହ ଶହ ଟ୍ରିପ ବାଲି। ଏହି ଘଟଣାକୁ ନେଇ ନିଆଳି ଅଞ୍ଚଳରେ ଚ଼ର୍ଚ୍ଚାର ବିଷୟ ପାଲଟିଛି। ନେତା ଯଦି ବାଲି ଚୋରି କରି ନିଜ ଘର ପୋତିବେ ତେବେ ସାଧାରଣ ଲୋକେ କ'ଣ ଶିଖିବେ ବୋଲି ବୁଦ୍ଧିଜୀବି ପ୍ରଶ୍ନ କରିଛନ୍ତି। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ପାଇଁ ଦାବି ହୋଇଛି।

## ମୁଖ୍ୟମନ୍ତ୍ରୀ ବସ ଯାତାୟାତ ଲାଗି ଦାବି



**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ମହକୁମା ସ୍ଥିତ ସରକାରୀ ବସ ଷ୍ଟାଣ୍ଡରୁ ବିଭିନ୍ନ ଗ୍ରାମ ଓ ପଞ୍ଚାୟତ ଗୁଡ଼ିକୁ ଦୈନିକ ଯାତାୟାତ କରୁଥିବା ମୁଖ୍ୟମନ୍ତ୍ରୀ ବସ ସେବା ବାଉଁଶ ପୋଖରୀ ପଞ୍ଚାୟତ ଅନ୍ତର୍ଗତ ନୂଆକୋଟ, ଡିହସାହି, ବନ୍ଧା ଭୂଇଁ, କରାବିରା ଆଦି ଗ୍ରାମ ଦେଇ ଦୈନିକ ଯାତାୟାତ କରିବାକୁ ଏହି ସମସ୍ତ ଅଞ୍ଚଳର ଅଧିକାଂଶ ଗ୍ରାମବାସୀ ଜିଲ୍ଲା ପରିଚ଼ାଳକ, ଓଏସଆରଟିସି ଢେଙ୍କାନାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ହିନ୍ଦୋଳ ଉପଖଣ୍ଡ ବସ ଷ୍ଟାଣ୍ଡ ପରି ଚ଼ାଳକଙ୍କୁ ପ୍ରଦାନ କରିଛନ୍ତି। ଶତାଧିକ ଜନ ସାଧାରଣଙ୍କ ଦସ୍ତଖତ ସମ୍ବଳିତ ଉକ୍ତ ଦାବି ପତ୍ରରେ ହିନ୍ଦୋଳ ଠାରୁ ବାଉଁଶ ପୋଖରୀ ଦେଇ ଗୁଳେହି ପଞ୍ଚାୟତ ପର୍ଯ୍ୟନ୍ତ ଯାଉ ଥିବା ବସଟି ସିଧାସଳଖ ଯାତାୟାତ କରୁଥିବାରୁ ନୂଆକୋଟ ଅଞ୍ଚଳ ବାସି ବହୁ ଅସୁବିଧାର ସମ୍ମୁଖୀନ ହେଉ ଛନ୍ତି। ହିନ୍ଦୋଳ ଏନ୍‌ଏସିର ୨ ନଂ ଓ ୧ନଂ ୱାର୍ଡକୁ ସଂଯୋଗ କରୁଥିବା ରାସ୍ତା ଦେଇ ବସଟି ଯାତାୟାତ କଲେ ଲୋକମାନେ ସୁବିଧା ପାଇ ପାରନ୍ତେ। ଉକ୍ତ ଦାବିଟି ଗ୍ରାମବାସୀଙ୍କ ପକ୍ଷରୁ ବହୁ ଦିନରୁ ହୋଇ ଆସୁଛି। ଉକ୍ତ ବସ ଯାତ୍ରା ଦ୍ୱାରା ବିଭିନ୍ନ ସାହି ଓ ଗ୍ରାମବାସୀଙ୍କ ପକ୍ଷରୁ ଯାତ୍ରୀମାନେ ବାଉଁଶ ପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ଛକ ଠାରେ ପହଞ୍ଚିବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କାମ ନେଇ ଆସିବା ସହିତ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନାକୁ ସୁବିଧାରେ ଆସି ପାରିବେ। ଦାବିପତ୍ର ପାଇବା ପରେ ଉପଖଣ୍ଡ ବସ ଷ୍ଟାଣ୍ଡ ପରିଚ଼ାଳକ ନୂଆକୋଟ ଓ ଆଖପାଖ ଅଞ୍ଚଳକୁ ଯାଇ ରୋଡ ମ୍ୟାପ ନେଇ ଆସିଛନ୍ତି। ଏଦିଗରେ ପଦକ୍ଷେପ ନେଇ ନୂଆ ବର୍ଷରୁ ନୂଆଁ ରାସ୍ତାରେ ଉପରୋକ୍ତ ଅଞ୍ଚଳ ଗୁଡିକ ଦେଇ ବସ ସେବା ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ନେଇ ଏନ୍‌ଏସି ୧ ନଂ ୱାର୍ଡ କାଉନସିଲର ସୌମିତ୍ର ରଞ୍ଜନ ବେହେରା, ୨ନଂ ୱାର୍ଡ କାଉନସିଲର ସୁଶାନ୍ତ ନାୟକ, ଭରତ ପ୍ରଧାନ, ପ୍ରସନ୍ନ ପ୍ରଧାନ, ସଦାଶିବ ବେହେରା, ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## କିଷାନ କଂଗ୍ରେସ ସେଲର ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**



ଚାଷ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ସଂପର୍କରେ କିଷାନ କଂଗ୍ରେସ ସେଲର ଜିଲ୍ଲା ସଭାପତି ବସନ୍ତ କୁମାର ପରିଡା ଆହ୍ୱାନରେ ଗୁରୁବାର ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ୪୦ ଭାଗ ଧାନ ଅମଳ ହୋଇ ସାରିଥିଲେ ମଧ୍ୟ ଚାଷୀମାନେ ଟୋକନରୁ ବଂଚିତ ହେଉଛନ୍ତି। ଯାହାକି ଚାଷୀମାନଙ୍କ ବଳକା ଧାନକୁ ସଂଗ୍ରହ, ଧାନ କ୍ରୟ କେନ୍ଦ୍ରରେ ଧାନର ସୁରକ୍ଷା ପାଇଁ ସେଡ ନିର୍ମାଣ, କଟନୀ ଛଟନୀ ବିନା ଧାନ କ୍ରୟ କରିବା, ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତିକୁ ଦୂର କରି ଚାଷୀଙ୍କ ପରିବାରକୁ ସ୍ୱାସ୍ଥ୍ୟବୀମା ଭୁକ୍ତ କରିବା, ୫୫ବର୍ଷ ପରେ ଚାଷୀ ଓ ଭାଗଚାଷୀଙ୍କୁ ୧୦ହଜାର ଟଙ୍କାର ଭତ୍ତା, ସମସ୍ତ ମଣ୍ଡିରେ ସ୍ଥାୟୀ ଗୋଦାମ ଘର ନିର୍ମାଣ କରିବାର ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ମାଗୁଣୀ ଜେନା, ବଡଚଣାର ଅଜୟ ସାମଲ, ଧର୍ମଶାଳାରୁ କିଷାନ ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ପ୍ରଫୁଲ ରାୟ, ମହମ୍ମଦ ଏକବାର ଆଲମ, ସଂଗ୍ରାମ ସାହାଣୀ, ନାରାୟଣ ରାଉତ, ଅନିଲ ଜେନା, ସଂଜୟ କୁମାର କର, ଅଶୋକ କୁମାର ରାଉତ, ଅଲେଖ ପୃଷ୍ଟି, ଅମରେନ୍ଦ୍ର ସାମଲ, ସନ୍ତୋଷ କୁମାର ପରିଡା, ସନ୍ତୋଷ ବାରିକ, ପ୍ରିୟ ରଂଜନ ସେଠୀ, ଅଶୋକ ବେହେରା, ସାଗର ପାଲ, ହାଡିବନ୍ଧୁ ଜେନା, ଉମେଶ ସାହୁ, ପଙ୍କଜ ନାୟକ, ଅବଦୁଲ ସଲିମ ଖାଁ, ନକୁଳ ଚନ୍ଦ୍ର ଜେନା, ରାମଚନ୍ଦ୍ର ସାମଲ ପ୍ରମୁଖଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଧରାବତରଣ କଲେ ମା'ଲକ୍ଷ୍ମୀ

**ନିଆଳି: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଗଶିରମାସ ଶେଷ ପାଳି ଗୁରୁବାର ଧରାପୃଷ୍ଟକୁ ଅବତରଣ କରିଛନ୍ତି ମା'ମହାଲକ୍ଷ୍ମୀ। କଣ୍ଟାପଡା ସିମେତ ଅଡ଼ସପୁର, ସଳେଇ, ବାଇରୋଇ, ଉରାଡ଼, ପାଟସୁନ୍ଦରପୁର, ବଡ଼ପାଟସୁନ୍ଦରପୁର, ସୁନ୍ଦରଗାଁ ଝାରପଡା, ଗୋବିନ୍ଦପୁର, ଓ଼ ଗୋବିନ୍ଦପୁର ବଣିଆସାହି, ଚୌପଡା, ଓ ନାହାଳ ପୁର, ପଞ୍ଚାୟତରେ ସ୍ଥାୟୀ ଓ ଅସ୍ଥାୟୀ ପୂଜା ମଣ୍ଡପକୁ ସୁସଜ୍ଜିତ ଢଙ୍ଗରେ ମା'ପଦ୍ମାଳୟାଙ୍କ ପୂଜା ପାଇଁ ସଜିତ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ପାଖରେ ଥିବା ବିଭିନ୍ନ ନଦିପୋଖରୀରୁ ନୀତିକାନ୍ତି ଅନୁଯାୟୀ ପୂଜା ଅର୍ଚ୍ଚନା କରି ବାଦ୍ୟ, ବାଜା, ବାଣ ଓ ବିଭିନ୍ନ ନୃତ୍ୟ ସହିତ ତାଳେ ତାଳେ ଏକ କଳସ ଯାତ୍ରା କରି ବିଭିନ୍ନ ପୂଜାମଣ୍ଡପକୁ ମହିଳା ଓ ପୁରୁଷମାନେ କଳସ ଆଣିଥିଲେ। ପୂଜାମଣ୍ଡପରେ କର୍ମ ଆରମ୍ଭ ହେବା, ସହ କଳସ ପୂଜା, ସୂର୍ଯ୍ୟପୂଜା, ଗ୍ରହପୂଜା, ଦେବଙ୍କ ଆହ୍ୱାନ ଷୋଡଶ ଉପଚ଼ାର ପୂଜା ବିଲ୍ୱଢନ ଅଗ୍ନୀସଯୋଗ ସଂସ୍କାର, ହୋମ, ଆଳତୀ କାର୍ଯ୍ୟକ୍ରମ ବିଭିନ୍ନ ରୀତି ନୀତି ଅନୁଯାୟୀ ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଛି। ଚ଼ଳିତବର୍ଷ ମା'ମହାଲକ୍ଷ୍ମୀଙ୍କ ପୂଜା ପାଇଁ କଣ୍ଟାପଡା ସୀମିତ ବିଭିନ୍ନ ପୂଜାମଣ୍ଡପରେ ସ୍ଥାନୀୟ ଅଞ୍ଚଳରେ ବହୁ ଭକ୍ତ ସମାଗମ ହୋଇଥିଲା। ସନ୍ଧ୍ୟା ସମୟରେ ବିଭିନ୍ନ ପୂଜାମଣ୍ଡପରେ ସଂସ୍କୃତିକ କାର୍ଯ୍ୟକ୍ରମ, ପାଲା, ଭଜନ ଓ ନାମ, ସାକୀର୍ତ୍ତନ, କାର୍ଯ୍ୟକ୍ରମ ରହିଛି, କଣ୍ଟାପଡା ବ୍ଲକ୍‌ର ଗୋବିନ୍ଦ ପୁର ଓ ଓଲଟପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉରାଡ଼ ବଜାର କମିଟି ୩୦ବର୍ଷରେ ମା'ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଆସିଛି।

## ଜବତ ଗଞ୍ଜେଇ ହେରଫେର: ଥାନାବାବୁ ସସ୍‌ପେଣ୍ଡ

**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**

ଜବତ ଗଞ୍ଜେଇ ହେରଫେର କରିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି ଫୁଲବାଣୀ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି। ଆଦେଶ ଅନୁସାରେ ବର୍ତ୍ତମାନ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବେ। ଅଭିଯୋଗ ଅନୁଯାୟୀ କିଛି ଦିନ ପୂର୍ବେ ସଦର ଥାନା ପୋଲିସ ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ସେଥିରୁ ଦୁଇ କ୍ୱିଣ୍ଟାଲ୍ ଗଞ୍ଜେଇର ହିସାବ ମିଳିନଥିଲା। ଏଥିରେ ଥାନା ଅଧିକାରୀ ସତୀଶଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡିବା ପରେ ତାଙ୍କ ନାଁରେ ସରକାରଙ୍କ ନିକଟରେ ଅଭିଯୋଗ ପହଞ୍ଚିଥିଲା। ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚ଼ନା ଅନୁସାରେ ନିକଟରେ ସତୀଶ ଇନ୍‌ସପେକ୍ଟରରୁ ଡିଏସପି ପଦବୀକୁ ପଦୋନ୍ନତି ହୋଇଥିଲେ।

## ଗଣମାଧ୍ୟମର ପଥ ସବୁବେଳେ କଣ୍ଟକିତ

**ନିମାପଡ଼ା: ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟ, ନିର୍ଭୀକ ଏବଂ ନିରପେକ୍ଷ ତଥ୍ୟ ପ୍ରଦାନ କରି ସମାଜକୁ ସଚେତନ କରୁଥିବାରୁ ଗଣମାଧ୍ୟମର ପଥ ସବୁବେଳେ କଣ୍ଟକିତ। ଯେଉଁଠି ଅନ୍ୟାୟ, ଅତ୍ୟାଚ଼ାର ହେଉଛି ସେଠି ଗଣମାଧ୍ୟମର ମୁଖ୍ୟ ଦାୟିତ୍ୱ ରହୁଛି। ପ୍ରକୃତ ତଥ୍ୟ ପ୍ରକାଶ କରି ସତ୍ୟକୁ ଲୋକଲୋଚ଼ନକୁ ଆଣିବାରେ ଗଣମାଧ୍ୟମ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାରୁ ଏହାର ପଥ ସବୁବେଳେ କଣ୍ଟକିତ ବୋଲି କହିଛନ୍ତି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଦୈନିକ ତ୍ରିଭାଷିକ ସମ୍ବାଦପତ୍ର ବିଶ୍ୱବାଣୀର ବିଂଶତମ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ଜୟଦେବ ଭବନ ଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜସ୍ୱ, ବିପର୍ଯ୍ୟୟ ପରିଚ଼ାଳନା ବିଭାଗ ମନ୍ତ୍ରୀ ଶ୍ରୀ ପୂଜାରୀ ଗଣତନ୍ତ୍ରରେ ଗଣମାଧ୍ୟମ ଏବଂ ସାମ୍ବାଦିକର ଭୂମିକା ବିଷୟରେ ଆଲୋଚ଼ନା କରି ସବୁ ଅସ୍ତଠାରୁ ଅଧିକ ଶାଣିତ ସାମ୍ବାଦିକର କଲମ, ସେଥିପାଇଁ କଣ୍ଟକିତ ପଥକୁ ପୁଷ୍ପିତ ପଥରେ ପରିବର୍ତ୍ତନ କରିବାରେ ମୁଖ୍ୟ କର୍ଣ୍ଣଧାର ସାଜିଥାଏ ଗଣମାଧ୍ୟମ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚ଼ନ୍ଦ୍ର ପାତ୍ର, ପଞ୍ଚାୟତରାଜ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚ଼ନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚ଼ନା ଦାସ, ଆଇଓ୍ୟୁଡବ୍ଲୁଜେ ସଭାପତି ଡ଼ଃ ପୀତବାସ ମିଶ୍ର, ବରିଷ୍ଠ ବିଜେପି ନେତା ମହେଶ ମହାନ୍ତି ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ଉପରେ ଲୋକଙ୍କ ଆସ୍ଥା ରହୁନାହିଁ କାହିଁକି ? ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। ଗଣତନ୍ତ୍ରର ତିନି ସ୍ତମ୍ଭ ବ୍ୟବସ୍ଥାପକ, ଅମଲାତନ୍ତ୍ର ଓ ନ୍ୟାୟପାଳିକାକୁ ଜଗିଛି ଚ଼ତୁର୍ଥ ସ୍ତମ୍ଭ ଗଣମାଧ୍ୟମ। ତିନି ସ୍ତମ୍ଭ ଭଳି ଗଣମାଧ୍ୟମ ମଧ୍ୟ ଶକ୍ତିଶାଳୀ ହେବା ଉଚ଼ିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

### ବାଣିଜ୍ୟ

## ରେପୋ କମିଲା: ଜମା ଉପରେ ସୁଧ ବି କମିବ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଗ୍ରାହକଙ୍କୁ ନୂଆବର୍ଷ ଭେଟି ଦେଇଛି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଋଣ କରିଥିବା ଗ୍ରାହକଙ୍କ ପାଇଁ ଖୁସି ଖବର। କମିଲା ରେପୋରେଟ୍। ଏଣିକି ବ୍ୟାଙ୍କ ଲୋନର ଇଏମଆଇ ଉପରେ ମିଳିବ ଆଶ୍ୱସ୍ତି। ୦.୨୫ ପ୍ରତିଶତ କମିଛି ରେପୋରେଟ୍। ବର୍ତ୍ତମାନ ରେପୋ ୫.୨୫ ପ୍ରତିଶତକୁ ହ୍ରାସ ପାଇଛି। ଏହା ସହିତ କମିବ ହୋମ-କାର-ପର୍ସନାଲ ଲୋନ ଇଏମଆଇ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ମୁଦ୍ରା ନୀତି କମିଟି ବୈଠକରେ ଏହି ଘୋଷଣା କରିଛନ୍ତି। ଏହା ସହିତ ୨୦୨୫-୨୬ ପାଇଁ ଜିଡିପି ଅଭିବୃଦ୍ଧି ୭.୩ ପ୍ରତିଶତକୁ ବୃଦ୍ଧି ହୋଇଥିବା ପୂର୍ବାନୁମାନ କରିଛି ଆରବିଆଇ।

ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି କି, ଏମଏସପି ୩ ଏବଂ ୫ ଡିସେମ୍ବର ଯାଏ ସ୍ଥିତି ସମୀକ୍ଷା କରିଛି। ଦେଶରେ ସୁଧହାର ପରିସ୍ଥିତି ବିଶ୍ୱ ଅର୍ଥନୈତିକ ପରିବେଶ, ସାଧାରଣ କ୍ରଣ ଚ଼ାହିଦା ଏବଂ କ୍ରମାଗତ ହ୍ରାସ ପାଉଥିବା ମୁଦ୍ରାସ୍ଫୀତିକୁ ବିଚ଼ାରକୁ ନେଇ ସମସ୍ତ ସଦସ୍ୟ ସର୍ବସମ୍ମତିକ୍ରମେ ରେପୋ ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ, ଭାରତର ଅର୍ଥନୀତି ଭଲ ସ୍ଥିତିରେ ଅଛି। ଦ୍ୱିତୀୟ ତ୍ରୈମାସିକରେ ଜିଡିପି ୮.୨% ଅଭିବୃଦ୍ଧି କରିଥିଲା, ଏବଂ ଅକ୍ଟୋବର ୨୦୨୫ରେ ଖୁଚୁରା ମୁଦ୍ରାସ୍ଫୀତି ମାତ୍ର ୦.୨୫% ଥିଲା, ଯାହା ଏହାର ସର୍ବନିମ୍ନ ସ୍ତର। ଏହା ଆରବିଆଇ ପାଇଁ ସୁଧହାର ହ୍ରାସ କରିବା ପାଇଁ ଏକ ଭଲ ସୁଯୋଗ ପ୍ରଦାନ କରିଥିଲା।

ତେବେ ରେପୋ ହାର ହ୍ରାସ ବ୍ୟାଙ୍କ ଋଣ ଉପରେ ସିଧାସଳଖ ପ୍ରଭାବ ପକାଇବ। ବ୍ୟାଙ୍କଗୁଡ଼ିକ ଏବେ କମ ସୁଧ ହାରରେ ଆରବିଆଇ ଠାରୁ ଟଙ୍କା ଋଣ ନେଇପାରିବେ, ଯାହା ଗ୍ରାହକଙ୍କୁ ଲାଭ ଦେବ। ଗୃହ ଋଣ ଇଏମଆଇ କମ ହେବ, ଅଟୋ ଋଣ ଶସ୍ତା ହେବ ଏବଂ ବ୍ୟକ୍ତିଗତ ଋଣ ଉପରେ ସୁଧ ହାରରେ ମଧ୍ୟ ରିହାତି ସମ୍ଭବ। ଏହି ପଦକ୍ଷେପ ଗ୍ରାହକଙ୍କ ପକେଟକୁ ଯଥେଷ୍ଟ ଆଶ୍ୱସ୍ତି ପ୍ରଦାନ କରିପାରେ।

## କୋଣାର୍କ ଉତ୍ସବର ଚ଼ତୁର୍ଥ ସନ୍ଧ୍ୟା: ମଣିପୁରୀ ଓ ଓଡିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଲା

**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**




ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କ ଠାରେ ଆୟୋଜିତ ୩୬ତମ କୋଣାର୍କ ଉତ୍ସବର ଗୁରୁବାର ଥିଲା ଚ଼ତୁର୍ଥ ସନ୍ଧ୍ୟା। ଚ଼ତୁର୍ଥ ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା ମଣିପୁରୀ ଓ ଓଡିଶୀ ନୃତ୍ୟର ଅପୂର୍ବ ସମ୍ଭାର। କୋଣାର୍କ ମନ୍ଦିର ହେଉଛି ଅପୂର୍ବ ଶିଳ୍ପକଳା, ପ୍ରାଚ଼ୀନ କୀର୍ତ୍ତିରାଜି ଓ ମୂଲ୍ୟବାନ ସାଂସ୍କୃତିକ ପରମ୍ପରାର ଚ଼ରମ ନିଦର୍ଶନ। ଓଡ଼ିଶୀ ମନ୍ଦିରର ଚ଼ାରୁକାରୁକଳା ସହିତ ପୁରୁଷ ଓ ପ୍ରକୃତିର ଏକ ଶୋଭନୀୟ ପ୍ରତିଷ୍ଠାନ - ଏହି ମନ୍ଦିର। ମନ୍ଦିର କଳାର ଶିଖର ମଣ୍ଡପ, ଗର୍ବ ଗୃହ, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସହ ବହୁଳ କଳା ନିପୁଣତା ଏବଂ କଳା କୌଶଳର ନିଦର୍ଶନ ମିଳେ। ଗୁରୁବାର ପ୍ରଥମ ପର୍ଯ୍ୟାୟରେ କଲିକତାରୁ ଆସିଥିବା ବିମ୍ବାବତୀ ଦେବୀଙ୍କ ମଣିପୁରୀ ନର୍ତ୍ତନାଳୟର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ମଣିପୁରୀ ନୃତ୍ୟ। ବିମ୍ବାବତୀ ଦେବୀ ବିଗତ ପାଞ୍ଚ ଦଶନ୍ଧି ଧରି କୁଚିପୁଡ଼ି ନୃତ୍ୟ ଶୈଳୀର ଜଣେ ଧୂରୀଣ ନୃତ୍ୟାଙ୍ଗନା। ସେମାନଙ୍କ ଉପସ୍ଥାପନରେ ଥିଲା ଲୀଳାକମଳ, ଏହି ପ୍ରସ୍ତୁତିଟି ମୂଳତଃ କିମ୍ବଦନ୍ତୀ ବାଦକ ଗୁରୁ ବିପିନ ସିଂହଙ୍କ ଦ୍ୱାରା ରଚ଼ିତ ଗୋଷ୍ଠଲୀଳାର ପାରମ୍ପରିକ ନୃତ୍ୟ ଦ୍ୱାରା ଅନୁପ୍ରାଣିତ ଥିଲା ଯେଉଁଥିରେ କୃଷ୍ଣଙ୍କ ବିଭିନ୍ନ ସାହସିକ ଲୀଳାକୁ ଅନୁସରଣ କରଯାଇଥିଲା। ଏହି ପ୍ରସ୍ତୁତିଟିରେ ନୃତ୍ୟ ଏବଂ ସଙ୍ଗୀତ ସହିତ ମିଶ୍ରିତ କରାଯାଇଥିଲା ଯାହା ମଣିପୁରର ବିଭିନ୍ନ ବୈଷ୍ଣବ ପ୍ରଦର୍ଶନ ପରମ୍ପରାର ଏକ ଅତ୍ୟାବଶ୍ୟକ ଅଂଶ ଥିଲା ଯାହାର ନୃତ୍ୟ ସଂରଚ଼ନା ବିମ୍ବାବତୀ ଦେବୀ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ଭାରତୀ ନୃତ୍ୟ ମନ୍ଦିରର ଗୁରୁ ଭରତ ଚ଼ରଣ ଗିରି ଓ ସାଥୀଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡିଶୀ ନୃତ୍ୟ। ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଚ଼ାରୁକେଶୀ ପଲ୍ଲବୀ ଯେଉଁଥିରେ, ତାଳ, ଲୟ ଓ ବିନ୍ୟାସର ମିଶ୍ରଣ ସହିତ ଗତି ଓ ସଙ୍ଗୀତ ମାଧ୍ୟମରେ ରାଗର ସୌନ୍ଦର୍ଯ୍ୟକୁ ପ୍ରକାଶ କରଯାଇଥିଲା ଯାହାର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଭାରତ ଚ଼ରଣ ଗିରି, ସଂଗୀତ ସଂଯୋଜନା ଗୁରୁ ଡକ୍ଟର ବିଜୟ କୁମାର ଜେନା ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ଅଜୟ କୁମାର ଚୌଧୁରୀ କରିଥିଲେ। ସେମାନଙ୍କର ଦିତୀୟ ପ୍ରସ୍ତୁତିରେ ଥିଲା ଗଜାନନ, ଭଗବାନ ଗଣେଶଙ୍କ ଦିବ୍ୟ ଉତ୍ପତ୍ତି ବର୍ଣ୍ଣନା କରି ଇନ୍ଦ୍ରଙ୍କ ଅହଂକାର ଏବଂ ଐରାବତ ଉପରେ ଦୁର୍ବାସଙ୍କ ଅଭିଶାପ ଠାରୁ ଶିବଙ୍କ ସହିତ ଯୁବ ଗଣେଶଙ୍କ ସାକ୍ଷାତ ଓ ତାଙ୍କ ମୁଣ୍ଡ କାଟିବା ଏବଂ ନବଜାତ ହାତୀର ମୁଣ୍ଡ ସହିତ ତାଙ୍କ ପୁନର୍ଜୀବନ ପର୍ଯ୍ୟନ୍ତ କଥାବସ୍ତୁକୁ ନେଇ ଅତି ଚ଼ମତ୍କାର ଭାବରେ ନୃତ୍ୟରେ ଉପସ୍ଥାପନ କରିଥିଲେ ଶିଳ୍ପୀମାନେ ଯାହାର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଭାରତ ଚ଼ରଣ ଗିରି, ସଂଗୀତ ସଂଯୋଜନା ଗୁରୁ ଡକ୍ଟର ବିଜୟ କୁମାର ଜେନା ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ଅଜୟ କୁମାର ଚୌଧୁରୀ କରିଥିଲେ। ଚ଼ତୁର୍ଥ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ, ଓଡିଶାର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଅନୁ ଗର୍ଗ, ଓଡିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚ଼ିବ ବଳୱନ୍ତ ସିଂହ, ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ, ଯୋଗ ଦେଇ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓ ଆଇନ, ପୂର୍ବ ଏବଂ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚ଼ନ୍ଦନ ଶିଳ୍ପୀ ବୃନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଲଣ୍ଡନରେ ରାଜ-ସିମରନଙ୍କ ଆଇକିନକ ବ୍ରୋଞ୍ଜ ପ୍ରତିମୂର୍ତ୍ତି

### ସିନେମାଫିନେମା ଟିଭିଫିବି




**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ପ୍ରସିଦ୍ଧ ବଲିଉଡ୍ ଫିଲ୍ମ ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେ ମୁକ୍ତିଲାଭ କରିବାର ୩୦ ବର୍ଷ ପୂରଣ କରିଛି। ସୁପରଷ୍ଟାର ଶାହାରୁଖ ଖାନଙ୍କ କ୍ୟାରିଅରରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭାବରେ ପରିଚ଼ିତ ଏହି ରୋମାଣ୍ଟିକ ଫିଲ୍ମ, ୨୦ ଅକ୍ଟୋବର, ୧୯୯୫ରେ ପ୍ରିମିୟର ହୋଇଥିଲା ଏବଂ ସେବେଠାରୁ ଭାରତୀୟ ସିନେମା ଇତିହାସରେ ସବୁଠାରୁ ସଫଳ ଏବଂ ଦୀର୍ଘତମ ଚ଼ାଲୁଥିବା ଚ଼ଳଚ୍ଚିତ୍ର ମଧ୍ୟରୁ ଗୋଟିଏ ହୋଇଛି। ଏହି ପ୍ରସିଦ୍ଧ ଚ଼ଳଚ୍ଚିତ୍ର କେବଳ ଏକ ବ୍ଲକବ୍ଲଷ୍ଟପର ଫିଲ୍ମ ନଥିଲା ବରଂ ଏକ ବ୍ଲକବଷ୍ଟର ସାଉଣ୍ଡଟ୍ରାକ୍ ମଧ୍ୟ ସୃଷ୍ଟି କରିଥିଲା। ଯାହା ଦୀର୍ଘ ଦଶନ୍ଧି ଧରି ଲୋକପ୍ରିୟ ହୋଇ ରହିଛି। ସେହିପରି ରାଜ ଏବଂ ସିମରନଙ୍କୁ ବିଦେଶରେ ମଧ୍ୟ ବହୁ ପ୍ରଶଂସକ ଅଛନ୍ତି। ନିକଟରେ ଲଣ୍ଡନରେ ରାଜ ଏବଂ ସିମରନଙ୍କ ଏକ ବ୍ରୋଞ୍ଜ ପ୍ରତିମା ତିଆରି କରାଯାଇଛି। ଯାହାକୁ ଶାହରୁଖ ଖାନ ଏବଂ କାଜୋଲ ଏହାକୁ ଉନ୍ମୋଚ଼ନ କରିବା ପାଇଁ ବ୍ୟକ୍ତିଗତ ଭାବରେ ଆସିଥିଲେ। ବ୍ରୋଞ୍ଜ ପ୍ରତିମାରେ ରାଜ ଏବଂ ସିମରନଙ୍କୁ ସେମାନଙ୍କର ଆଇକନିକ୍ ଲୁକରେ ଦେଖିବାକୁ ମିଳିଛି।

ଦିଲୱାଲେ ଦୁଲହନିଆ ଲେ ଜାଏଙ୍ଗେର ୩୦ତମ ବାର୍ଷିକୀ ଉପଲକ୍ଷେ ଲଣ୍ଡନର ଲିସେଷ୍ଟର ସ୍କୋୟାରରେ ରାଜ ଏବଂ ସିମରନଙ୍କ ଏକ ବ୍ରୋଞ୍ଜ ପ୍ରତିମା ଉନ୍ମୋଚ଼ନ କରିଛନ୍ତି ଶାହରୁଖ ଖାନ ଏବଂ କାଜୋଲ। ଏହା ବଲିଉଡ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, କାରଣ ପ୍ରଥମ ଥର ପାଇଁ କୌଣସି ଭାରତୀୟ ଚ଼ଳଚ୍ଚିତ୍ରକୁ ଲିସେଷ୍ଟର ସ୍କୋୟାରରେ ଏକ ପ୍ରତିମା ସହିତ ସମ୍ମାନିତ କରାଯାଇଛି। ଲିସେଷ୍ଟର ସ୍କୋୟାରର ଲୋକପ୍ରିୟ 'ସିନ୍ସ ଇନ୍ ଦି ସ୍କୋୟାର' ଟ୍ରେଲରେ ଶାହରୁଖ ଖାନ ଏବଂ କାଜୋଲଙ୍କ ଏହି ପ୍ରତିମୂର୍ତ୍ତିକୁ ଯଶ ରାଜ ଫିଲ୍ମସର ସିଇଓ ଅକ୍ଷୟ ବିଧାନୀ ଏବଂ ହାର୍ଟ ଅଫ୍ ଲଣ୍ଡନ ବିଜନେସ୍ ଆଲାଏନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ରୋଜ୍ ମୋର୍ଗାନଙ୍କ ଉପସ୍ଥିତିରେ ଉନ୍ମୋଚ଼ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ଏବଂ ୟୁକେ ମଧ୍ୟରେ ଗଭୀର ସାଂସ୍କୃତିକ ସମ୍ପର୍କକୁ ମଧ୍ୟ ପାଳନ କରାଯାଇଥିଲା।

ପ୍ରତିମୂର୍ତ୍ତି ଉନ୍ମୋଚ଼ନ କାର୍ଯ୍ୟକ୍ରମରେ, ଶାହରୁଖ ଖାନ ଖୁସି ବ୍ୟକ୍ତ କରି କହିଥିଲେ ଯେ, ଏହି ଫିଲ୍ମଟି ତାଙ୍କ ହୃଦୟର ବହୁତ ନିକଟତର। ଏହା ପ୍ରେମ ପ୍ରସାର କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏକ ଫିଲ୍ମ ଥିଲା। ଏହି ଫିଲ୍ମ ତାଙ୍କୁ ସ୍ୱୀକୃତି ଦେଇଛି। ସେ ୟୁକେର ଲୋକମାନଙ୍କୁ ଏବଂ ହାର୍ଟ ଅଫ୍ ଲଣ୍ଡନ ବ୍ୟବସାୟ ଆଲାଏନ୍ସକୁ ଧନ୍ୟବାଦ ଜଣାଇଥିଲେ। ଶାହରୁଖ କହିଥିଲେ, 'ଏହା ଏକ ଭାବପ୍ରବଣ ମୁହୂର୍ତ୍ତ ଯାହା ଅନେକ ସ୍ମୃତିକୁ ଫେରାଇ ଆଣିଛି। ମୁଁ ସାରା ବିଶ୍ୱରେ ଫିଲ୍ମ ପାଇଁ ପାଇଥିବା ଭଲ ପାଇବା ପାଇଁ ବହୁତ ଗର୍ବିତ ଏବଂ ମୁଁ ଏହି ମୁହୂର୍ତ୍ତକୁ ସମ୍ପୂର୍ଣ୍ଣ ଡିଡିଏଲଜି ଟିମ୍, ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରା ଏବଂ ଯଶ ରାଜ ଫିଲ୍ମସ ପରିବାର ସହିତ ବାଣ୍ଟିବାକୁ ଚ଼ାହୁଁଛି। ମୁଁ ଏହି ମୁହୂର୍ତ୍ତକୁ କେବେ ଭୁଲିପାରିବି ନାହିଁ।' ଏହି ସମୟରେ, ଡିଡିଏଲଜିର ସିମରନ୍ ବା କାଜୋଲ୍, କହିଛନ୍ତି ଯେ, ୩୦ବର୍ଷ ପରେ ମଧ୍ୟ ଲୋକଙ୍କଠାରୁ ଏତେ ଭଲପାଇବା ପାଇ ସେ ବହୁତ ଖୁସି। ସେ କହିଛନ୍ତି, 'ଲଣ୍ଡନରେ ପ୍ରତିମା ଉନ୍ମୋଚ଼ନ ହେଉଥିବା ଦେଖିବା ଆମ ଇତିହାସର ଏକ ଅଂଶକୁ ପୁନର୍ଜୀବିତ କରିବା ଭଳି ଥିଲା। ଏକ କାହାଣୀ ଯାହା ପିଢ଼ି ପରେ ପିଢ଼ି ରହିଛି।'

# ୩୦ ପରିବାରକୁ ଗୋଟିଏ ନଳକୂପ




**୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସକାଳୁ ଉଠିଲେ ପିଇବା ପାଇଁ ଓ ବ୍ୟବହାର କରିବାକୁ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି । ଦିନେ କି ୨ ଦିନ ନୁହେଁ ବର୍ଷ ବର୍ଷ ଧରି ପିଇବା ପାଣି ପାଇଁ ଗୋଟିଏ ନଳକୂପ ହିଁ ଭରସା ପୁଣି ଲମ୍ବା ଧାଡ଼ିରେ ଠିଆ ହୋଇ ପାଣି ସଂଗ୍ରହ ନ କଲେ କିଛି ସମୟ ପରେ ଗୋଳି ପାଣି ବାହାରୁଛି । ଫଳରେ ଚିନ୍ତା ବଢୁଛି ଏଭଳି ଘଟଣା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ କୁମ୍ଭାରସାହିରେ ଦେଖିବାକୁ ମିଳିଛି । ପ୍ରକାଶ ଯେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୩ ଶହ ମିଟର ଦୂରତାରେ ରହିଛି ଏହି କୁମ୍ଭାରସାହି । ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହି ସାହିକୁ ସଂଯୋଗ କରୁଥିବା ପଞ୍ଚାୟତ ରାସ୍ତା ଦୀର୍ଘ ବର୍ଷ ଧରି ମରଣଯନ୍ତା ପାଲଟିଥିବା ବେଳେ ସାହିରେ ରହିଥିବା ଅଙ୍ଗନାୱାଡି କେନ୍ଦ୍ରକୁ ମଧ୍ୟ ଭଲ ସବୁଦିନିଆ ରାସ୍ତାଟିଏ ନାହିଁ ସେହିପରି ସବୁଠାରୁ ବଡ଼ ସମସ୍ୟା କହିଲେ ଗୋଟିଏ ନଳକୂପ ରହିଛି । ଯେଉଁଠି ଲୁହାଯୁକ୍ତ ପାଣି ଓ ନଳକୂପ କିଛି ସମୟ ପାଣି ବାହାରିବା ପରେ ଗୋଳିଆ ପାଣି ବାହାରୁଛି । ଫଳରେ ଲୋକ ବାଧ୍ୟ ହୋଇ ଗାଁ ବାହାରେ ରହିଥିବା ଚୁଆରୁ ପାଣି ବୋହି ଆଣି ପିଉଛନ୍ତି ।

ସେହିପରି ଲମ୍ବା ଧାଡି ପାଇଁ ମହିଳା ମହିଳାଙ୍କ ମଧ୍ୟରେ ପାଣି ପାଇଁ ନଳକୂପ ନିକଟରେ ଏକାଧିକ ଥର ଝଗଡା ସୃଷ୍ଟି ହେଉଥିବା କହିଛନ୍ତି ଖୋଦ ମହିଳାମାନେ । ଗାଁକୁ ବସୁଧା ଯୋଜନାରେ ପାଣି ପାଇପ ବିଛାଯାଇଛି । କିନ୍ତୁ ଏହା କରାଯିବାର ୧୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାଣି ଟୋପାଏ ଆସୁନଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି । ଏନେଇ ଗାଁର ବରୁଣ ବେହେରା, ସୁରୁଚି ବେହେରା, ରାଜଲକ୍ଷ୍ମୀ ବେହେରା, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି ।

ସେହିପରି ଅଙ୍ଗନବାଡିକୁ ସବୁଦିନିଆ ରାସ୍ତା ସହ ପିଇବାପାଣି ଓ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ସମେତ ସାହିରେ ପିଇବା ପାଣି ବ୍ୟବସ୍ଥା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ସାହି ଲୋକ ଚେତାବନୀ ଦେଇଛନ୍ତି । ଏନେଇ ବିଡ଼ିଓ ପ୍ରୀତିରଞ୍ଜନ ରଥ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏହି ସବୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଦ୍ୱିତୀୟା |
|---|---|
| ୬.୧୨.୨୦୨୫ | ନକ୍ଷତ୍ର– ମୃଗଶିରା, ମିଥୁନଚନ୍ଦ୍ର |

| | |
|---|---|
| **ମେଷ** | : ଧନଦ୍ରବ୍ୟ ଲାଭ ଯୋଗ ରହିଛି । |
| **ବୃଷ** | : ଅପମାନ ଯୋଗ ରହିଛି । |
| **ମିଥୁନ** | : ଆର୍ଥିକ କଳହ ଲାଗି ରହିବ । |
| **କର୍କଟ** | : ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । |
| **ସିଂହ** | : ସୁସମାଚାର ପ୍ରାପ୍ତି ହେବେ । |
| **କନ୍ୟା** | : ସୁଖପ୍ରାପ୍ତି ହେବେ । |
| **ତୁଳା** | : ପୂର୍ବର କଥାକୁ ମନକୁ କଷ୍ଟ ଦେବ । |
| **ବିଛା** | : ଅପବାଦ ମୁଣ୍ଡାଇବେ । |
| **ଧନୁ** | : ସ୍ୱାସ୍ଥ୍ୟଲାଭ ହେବ । |
| **ମକର** | : ବନ୍ଧୁମିଳନ ହେବ । |
| **କୁମ୍ଭ** | : ସନ୍ତାନ ଚିନ୍ତାରେ ଦିନଟି କଟିବ । |
| **ମୀନ** | : କହଳ ଯୋଗ ରହିଛି । |

# ମହାପ୍ରଭୁଙ୍କ ଜମି ଉଚ୍ଛେଦ ଉପରେ କୋର୍ଟର ରହିତାଦେଶ

**ଅସ୍ତରଙ୍ଗ, ୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଅଠତିରା ମୌଜାରେ ମହାପ୍ରଭୁଙ୍କ ଜମିରେ ନିର୍ମିତ ପକ୍କା ଗୃହକୁ ଉଚ୍ଛେଦ କରିବା ପାଇଁ ହାଇକୋର୍ଟରେ ବିଚାରାଧୀନ ରହିଛି । ହାଇକୋର୍ଟଙ୍କ ଚିଠି ନଂ ୫୪୧୦୧ ତାରିଖ୧୪/୧୧/୨୦୨୫ରେ ଅସ୍ତରଙ୍ଗ ତହସିଲଦାରଙ୍କୁ ଡବ୍ଲ୍ୟୁ ପି ସି ନଂ ୨୯୨୪୧ /୨୦୨୪ ଅନୁସାରେ ୨୫/୧୧/ ୨୦୨୪ରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ରହିଛି । କିନ୍ତୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ଏ ସମ୍ପର୍କରେ ଆବେଦନକାରୀ ବାବୁରାମ ମଲ୍ଲିକ ତହସିଲଦାର ପ୍ରିୟଙ୍କା ପପ୍ରିୟଦର୍ଶିନୀ ପତିଙ୍କ କୋର୍ଟ ଅବମାନନା ବିରୋଧରେ କଣ୍ଟେଣ୍ଟ ନଂ୧୮୬୮/୨୦୨୫ ଆବେଦନ କରିଥିଲେ । ମାନ୍ୟବର କୋର୍ଟ ଆବେଦନକାରୀଙ୍କ ସମସ୍ତ ତଥ୍ୟ ଭିତ୍ତିକରି ଏହି ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଘଟଣାକୁ ମାନ୍ୟବର କୋର୍ଟ ୧୩/୧୧/୨୦୨୫ ଶୁଣାଣି କରିଥିଲେ । ଏହାର ପରବର୍ତ୍ତୀ ଶୁଣାଣି ୦୫/୦୨ ୨୦୨୬ ପର୍ଯ୍ୟନ୍ତ ରଖିଛନ୍ତି । ଏଥି ସହିତ ମାନ୍ୟବର କୋର୍ଟ ଆହୁରି କହିଛନ୍ତି ଯେ ତହସିଲଦାର କଣ ପାଇଁ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ନାହାନ୍ତି ତାହା ସତ୍ୟପାଠ ଜରିଆରେ ଦାଖଲ କରନ୍ତୁଛକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ତହସିଲଦାରଙ୍କ ଚିଠି ନଂ ୪୧୬୫ /୧୭/୧୧/୨୦୨୫ରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପୋଲିସ ଫୋର୍ସ ମୁତୟନ ପାଇଁ ଆବେଦନ କରିଥିଲେ । ଅନ୍ୟ ଏକ ଚିଠି ନଂ ୪୧୬୮/୧୭/୧୧/୨୦୨୫ରେ ଉଚ୍ଛେଦ କାର୍ଯ୍ୟରେ ନିଯୁକ୍ତି ପାଇଁ ଏକଜ୍ଜୁକ୍ୟୁଟିଭ ମାଜିଷ୍ଟ୍ରେଟ ନିଯୁକ୍ତି ପାଇଁ ଆବେଦନ ମଧ୍ୟ କରିଥିଲେ । ଜିଲ୍ଲା ପ୍ରଶାସନର ଚିଠି ନଂ୩୬୪୫, ୧୫୯୩୧, ୧୩୯୮, ୧୭୬୨୬ ରେ ତହସିଲଦାର ଆବେଦନକାରୀ ଓ ଜବରଦଖଲକାରୀଙ୍କୁ ଉଚ୍ଛେଦ ପ୍ରକ୍ରିୟା ସମ୍ପର୍କରେ ନୋଟିସ ମଧ୍ୟ ଜାରି କରିଥିଲେ । ଏ ସମ୍ପର୍କରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କୁ ପଚାରିବାରେ ସେ କହିଥିଲେ ଯେ ଜଗନ୍ନାଥଙ୍କ ଖାତା ନଂ୫୪୮, ୫୪୯ରେ ଜଳାଶୟ ଜମିରେ ନିର୍ମାଣ ହୋଇଥିବା ବେଆଇନ ଗୃହକୁ ଜିଲ୍ଲା ପ୍ରଶାସନ ସହାୟତାରେ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଭାଙ୍ଗିବା ପାଇଁ ନିର୍ମାଣକାରୀଙ୍କୁ ନୋଟିସ କରାଯାଇଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ । କିନ୍ତୁ ଜମି ଦଖଲକାରୀ ଅସ୍ତରଙ୍ଗ ଜେଏମଏଫସି କୋର୍ଟରେ ଉଚ୍ଛେଦ ପ୍ରକ୍ରିୟାକୁ ବିଳମ୍ବ କରିବା ଚିଠି ନଂ ୪୩୪୭, ୦୨/୧୨/୨୦୨୫ ତାରିଖରେ କେଶ ନଂ ୧୪/୨୦୨୫, ୯୧/୨୦୨୫ ଅନୁସାରେ ମାନ୍ୟବର କୋର୍ଟ ୦୧/୧୨/୨୦୨୫ ଠାରୁ ୧୨/୧୨/୨୦୨୫ ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ଆବେଦନକାରୀ ବାବୁରାମ ମଲ୍ଲିକ ପ୍ରଶ୍ନ କରିଛନ୍ତି ଯେ ଉଚ୍ଛେଦ ପ୍ରକ୍ରିୟା ମାନ୍ୟବର ହାଇକୋର୍ଟରେ ସବଜୁଡିସ ଥିବାବେଳେ ନିମ୍ନ ଅଦାଲତ କେମିତି ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ଏହାର ସମସ୍ତ ନଥିପତ୍ର ସହ ଆସନ୍ତା ୧୨ ତାରିଖରେ ପକ୍ଷ ରଖିବୁ । ସେ ଆହୁରି କହିଛନ୍ତି ଉକ୍ତ ଘଟଣାରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତିଙ୍କ ଭୂମିକା ସନ୍ଦେହ ସୃଷ୍ଟି କରିଛି । ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ସେ କହିଥିଲେ ଯେ ଆସନ୍ତା ୧୨ ତାରିଖରେ କଣ ହେବ ସ୍ପଷ୍ଟ ହୋଇଯିବ ।

# ରାଣୀଗୋଡା ଅଙ୍ଗନବାଡ଼ି କେନ୍ଦ୍ରରେ ମନମାନି

**ମାହାଙ୍ଗା, ୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**



ସରକାରଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢାଇବା ନିମନ୍ତେ ଅଙ୍ଗନୱାଡୀ କେନ୍ଦ୍ର ଖୋଲାଯାଇଅଛି । ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢା ଯାଇଥାଏ । କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଠିକ୍ ସମୟରେ ଦେଖା ମିଳୁନାହାନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଚାହାପଡା ପଞ୍ଚାୟତ ରାଣୀଗୋଡା ଅଙ୍ଗନବାଡ଼ି କେନ୍ଦ୍ରରେ । ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ । କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡ଼ି କର୍ମୀ ମଞ୍ଜୁଲତା ଦାସ ଓ ସହାୟିକା ୯ଟା ୨୩ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ ଯାହା ଫଳରେ ୯ଟା ୨୩ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲିଥିବା ଦେଖିବାକୁ ମିଳିଛି । ଯାହାକି ସରକାରଙ୍କ ନିୟମକୁ ଉଭୟ ଫୁ' କରିଦେଇଛନ୍ତି । ସେହିପରି ପିଲାମାନଙ୍କ ପାଠ ପଢା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡିବ । ଏ ନେଇ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରଭାଇଜର ଗାରିମା ଏକ୍କାଙ୍କୁ ଯୋଗାଯୋଗ କରିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିଲା ନାହିଁ । ସେ କେନ୍ଦ୍ରଗୁଡିକୁ କିପରି ଯାଉଛନ୍ତି ଓ କି ପ୍ରକାର ତଦନ୍ତ କରୁଛନ୍ତି ଏଠାରେ ସ୍ପଷ୍ଟ ବାରି ହୋଇପଡୁଛି । ସେହିପରି ଏ ସଂପର୍କରେ ସିଡିପିଓ ଗରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କୌଣସି ଅଙ୍ଗନବାଡ଼ି କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିଛନ୍ତି । ଏ ନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି । ତଦନ୍ତ ପରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ତେବେ ବିଭାଗ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ମାତୃହନ୍ତା ପୁଅ ଥାନାରେ ଅଟକ

**ବ୍ୟାସନଗର, ୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଳୁଷିତ ହେବାରେ ଲାଗିଛି ପାରିବାରିକ ସମ୍ପର୍କ । ରକ୍ତ ସମ୍ପର୍କ ଏବେ ତୁଛ ପାଲଟିଛି । ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ପ୍ରହଙ୍ଗା ଗ୍ରାମରେ ଦେଖିବାକୁ ମିଳିଛି । ନିଜ ଜନ୍ମ କଲା ମା'କୁ ହତ୍ୟା କରିବା ଅଭିଯୋଗରେ ଜନୈକ ଯୁବକକୁ ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ଅଟକ ରଖିଛି । ସୂଚନାଯୋଗ୍ୟ ଯେ ଯାଜପୁର ରୋଡ଼ ଆଦର୍ଶ ଥାନା ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରହଙ୍ଗା ପଂଚାୟତର ଗୁରୁବାରୀ ବିନ୍ଧାଣିଙ୍କୁ ତାଙ୍କ ପୁଅ କୃଷ୍ଣ ବିନ୍ଧାଣି ଗତ ୩ ତାରିଖ ମଧ୍ୟରାତ୍ରରେ ହତ୍ୟା କରିଥିବା ନେଇ କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଓସ୍ତପୁରା ଗ୍ରାମର ବୁଦୁନି ବିନ୍ଧାଣି ଯାଜପୁର ରୋଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ କେସ ନଂ ୭୧୦/୨୫ରେ ଏକ ମାମଲା ରୁଜୁ କରି ସାଇଂଟିଫିକ ଟିମ୍ ସହିତ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମୁଖ୍ୟ ଅଭିଯୁକ୍ତ ଗୁରୁବାରୀ ର ପୁଅ କୃଷ୍ଣକୁ ଅଟକ ରଖିଛି । ତେବେ ମୃତ ଶବ ଜବତ କରି ପୁଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବାବେଳେ ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି ।

# ୩ ନାବାଳିକାଙ୍କୁ ରାଜସ୍ଥାନରେ ବିକ୍ରି!

**ରାଉରକେଲା, ୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ରେ ମାତିଛନ୍ତି ମାନବଚାଲାଣକାରୀ । ଅଧିକ ରୋଜଗାରର ଲୋଭ ଦେଖାଇ ଯୁବତୀ ଓ ନାବାଳିକାଙ୍କୁ ବାହାର ରାଜ୍ୟର ଦଲାଲ ହାତରେ ଟେକି ଦେଉଛନ୍ତି । ଯେଉଁଠି ନାବାଳିକାଙ୍କୁ ଦିଆଯାଉଛି ଅକଥନୀୟ ନିର୍ଯାତନା । ବିବାହ କରିବାକୁ ଦିଆଯାଉଛି ଧମକ । ରାଉରକେଲା ସେକ୍ଟର–୧୯ ଥାନା ଅନ୍ତର୍ଗତ ହମିରପୁର ଓ ସେକ୍ଟର–୩ ଅଧୀନ ଶକ୍ତିନଗର ଅଞ୍ଚଳରୁ ଆସିଛି ଏମିତି ଖବର । ମୋଟା ଅଙ୍କର ରୋଜଗାର ଲୋଭ ଦେଖାଇ ତିନି ନାବାଳିକାଙ୍କୁ କେରଳରେ କାମ କରିବାକୁ କହି ମହିଳା ଦଲାଲ ରାଜସ୍ଥାନର ଅନ୍ୟ ଏକ ଦଲାଲଙ୍କ ହାତରେ ଟେକି ଦେଇଛି । ସେଠାରେ କାମ କରିବା ପରିବର୍ତ୍ତେ ତିନି ନାବାଳିକାଙ୍କୁ ବିବାହ କରିବାକୁ ବାଧ୍ୟ କରାଯାଉଛି । ବିବାହ ପାଇଁ ରାଜି ହେଲେ ପରିବାରକୁ ଦୁଇଲକ୍ଷ ଟଙ୍କା ଦିଆଯିବ ବୋଲି କୁହାଯାଉଛି । ଏମିତି ଅଭିଯୋଗ କରିଛନ୍ତି, ନାବାଳିକାଙ୍କ ମା' । ସେ କହିଛନ୍ତି, ତାଙ୍କୁ ଗତକାଲି ରାଜସ୍ଥାନର ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା । କଲ୍ କରିଥିବା ଦଲାଲ ଜଣକ ରାଜସ୍ଥାନରୁ କହୁଛି ବୋଲି କହିଥିଲେ । ମହିଳାଙ୍କ ସହାୟତାରେ ଆସିଥିବା ତିନି ନାବାଳିକା ତାଙ୍କ ପାଖରେ ଅଛନ୍ତି । ସେମାନଙ୍କ ଫଟୋ ଓ ଆଧାରକାର୍ଡ ମଧ୍ୟ ଅଛି ।

ତୁମ ଝିଅ ଏଠାକାର ଯୁବକଙ୍କୁ ବାହା ହେବାକୁ ରାଜି ହେଲେ ଦୁଇ ଲକ୍ଷ ଟଙ୍କା ମିଳିବ । ଦଲାଲଙ୍କଠୁ ଏମିତି କଥା ଶୁଣିବା ପରେ ନାବାଳିକାଙ୍କ ମା' ଭୟଭୀତ ହୋଇ ଯାଇଥିଲେଛ ଝିଅ ପାଖରେ ଥିବା ମୋବାଇଲକୁ କଲ୍ କରିଥିଲେଛ ଝିଅ କଲ୍ ଉଠାଇଲା ପରେ କିଛି କହି ନ ପାରି କାନ୍ଦିଥିଲା । ତା'ପରେ କଲ୍ କଟିଯାଇଥିଲା । ମୋବାଇଲ ନମ୍ବର ଟ୍ରାକିଂରୁ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଦେଖାଇବାରୁ ନାବାଳିକାଙ୍କ ମା'ଭୟଭୀତ ହୋଇ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ପରିବାର ପକ୍ଷରୁ ଏ ସମ୍ପର୍କରେ ସେକ୍ଟର–୧୯ ଓ ସେକ୍ଟର–୩ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ।

## ଛାତ୍ରଙ୍କୁ ବେଡି ପକାଇବା ଘଟଣା

# ପ୍ରଧାନ ଶିକ୍ଷକ ସସ୍‌ପେଣ୍ଡ

**ନୀଳଗିରି, ୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବେଗୁନିଆ ହଷ୍ଟେଲରେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାଛ ଆକ୍ସନ୍ ମୋଡ୍ରେ ଜିଲ୍ଲା ପ୍ରଶାସନ । କର୍ତ୍ତବ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ ନିଲମ୍ବିତ କରିଛନ୍ତି । ସୂଚନାନୁଯାୟୀ, ବୁଧବାର କମାରଖାଲିଆ ଗ୍ରାମର କାଳିଆ ସିଂ ହଷ୍ଟେଲ ଯାଇ ତାଙ୍କ ପୁଅକୁ ଲୁହା ଝିଞ୍ଜିରିରେ ବାନ୍ଧି ପକାଇଥଲେ । ସହକାରୀ ଶିକ୍ଷକ ଯତୀନ କୁମାର ପରିଡା ଏହି ଘଟଣାର



ଭିଡିଓ ଉତ୍ତୋଳନ କରିଥିଲେ । ଏହି ଭିଡିଓ ଭାଇରାଲ ପରେ ଗତକାଲି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଏକ ଟିମ୍ ନେଇ ତଦନ୍ତ କରିଥିଲେ । ଏହି ରିପୋର୍ଟକୁ ଆଧାର କରି ଆଜି ଜିଲ୍ଲାପାଳ କର୍ତ୍ତବ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷକ ରଘୁନାଥ ବାଗୁଡାଇ ଓ ସହକାରୀ ଶିକ୍ଷକ ଯତୀନ କୁମାର ପରିଡାଙ୍କୁ ନିଲମ୍ବିତ କରିଛନ୍ତି । ସେପଟେ ଛାତ୍ରର ବାପା ତଦନ୍ତ ପରିସରଭୁକ୍ତ ଥିବା ଜଣାପଡିଛି ।

# ଦୁଇମାସରେ ୧୦ ଦିନ ବନ୍ଦ ହେବ ବିଦ୍ୟୁତ୍ ସେବା

**ବୈଶିଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀରୁ ବୈଶିଙ୍ଗା ନୂତନ ବିଦ୍ୟୁତ ଲାଇନ ସଂଯୋଗ କାର୍ଯ୍ୟ ପାଇଁ ଡିସେମ୍ବର ଏବଂ ପରବର୍ତ୍ତୀ ଜାନୁଆରୀ ମାସରେ ୧୦ ଦିନ ବିଦ୍ୟୁତ ସରବରାହ ବନ୍ଦ ରହିବ । ଏଥିପାଇଁ ବେତନଟୀ ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଟାଟା ପାୱାର ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି ହୋଇଛି । ଆଜି ଏକ ନୋଟିସ ମାଧ୍ୟମରେ ପ୍ରକାଶ ପାଇଛି ଯେ ଚଳିତ ଡିସେମ୍ବର ମାସ ୯ , ୧୨, ୧୬, ୧୯, ୨୩, ୨୬ ଏବଂ ୨୦୨୬ ଜାନୁଆରୀ ମାସରେ ୩, ୬, ୯, ୧୨ ତାରିଖ ଦିବା ୯ ଘଟିକା ରୁ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ । ବିଦ୍ୟୁତ ଉପଭୋକ୍ତା ଜନସାଧାରଣ ଏଥି ପାଇଁ ସହଯୋଗ କରିବାକୁ ଉପଖଣ୍ଡ ବିଦ୍ୟୁତ ଅଧିକାରୀ ଅନୁରୋଧ କରିଛନ୍ତି ।

# ୪ ଦୋକାନରୁ ଚୋରି

**ଭଦ୍ରକ, ୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବଜାର ବସଷ୍ଟାଣ୍ଡରେ ଥିବା ୪ଟି ଉଠା ଦୋକାନରୁ ଗତ ବୁଧବାର ରାତ୍ରରେ ଚୋରି ହୋଇଥିବା ଜଣାଯାଇଛି। ସିସିଟିଭି କ୍ୟାମେରା ଥିବା ମୋବାଇଲ ଦୋକାନ ସମ୍ମୁଖରେ ଥିବା ଦକ୍ଷିଣବାଡ ଗ୍ରାମର ସନାତନ ବେହେରା ଗତ ରାତ୍ର ୧୦ଟାରେ ଉଠା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳ ୬.୩୦ମି ସମୟରେ ଆସି ଦୋକାନର ତାଲା ଭଙ୍ଗା ଯାଇ ଗୋଟିଏ ଇଣ୍ଡେନ ଗ୍ୟାସ ସିଲିଣ୍ଡର ସହ ୫ ହଜାର ଟଙ୍କା ମୂଲ୍ୟର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ। ସେହିପରି ଦକ୍ଷିଣବାଡ ଗ୍ରାମର ତ୍ରିଲୋଚନ ସାହୁଙ୍କ ତେଲଭାଜି ଦୋକାନର ୩ଟି ତାଲା ଭାଙ୍ଗି ଗୋଟିଏ ଇଣ୍ଡେନ ଗ୍ୟାସ ସିଲିଣ୍ଡର ସହ ୪ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ଗତ ରାତ୍ରରେ ହୋଇଛି । ହାଇସ୍କୁଲ ଛକରେ ଥିବା ଅନ୍ୟଏକ ଫାଷ୍ଟଫୁଡ ଦୋକାନରୁ ଅନୁରୂପ ଭାବେ ଚୋରି ହୋଇଛି । ଏ ସମ୍ପର୍କରେ ୩ ଜଣଙ୍କ ପକ୍ଷରୁ ଭିନ୍ନ ଅଭିଯୋଗ ଆଜି ଥାନାରେ ହୋଇଛି । ପୁଲିସ ତଦନ୍ତ ଜାରି ରଖିଛି । କିଛି ମାସ ପୂର୍ବରୁ ପିଣ୍ଟୁ ମୋବାଇଲ ଦୋକାନରୁ ବଡଧରଣର ଡକାୟତି ହୋଇଥିଲା। ଚୋରମାନେ ଧରାପଡିନଥିଲେ। ବଜାର ମଧ୍ୟରେ ୨ ଜଣ ପୁଲିସ କର୍ମଚାରୀ ରାତ୍ର ଜଗୁଆଳ ଭାବେ ମୁତୟନ ହୋଇଥିବା ବେଳେ ଚୋରି ହେବା ଘଟଣା ସହଜରେ ଗ୍ରହଣ କରିପାରୁ ନାହାନ୍ତି ସ୍ଥାନୀୟ ଲୋକେ ।

# ଜନବସତିରେ କୁକୁଡ଼ା ଫାର୍ମ, ଲୋକଙ୍କ ଅଭିଯୋଗ ଦୁର୍ଗନ୍ଧରେ ରହିହେଉନି

**ନିଆଳି, ୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**



କଣ୍ଟାପଡା ତହସିଲ୍ ଅଧିନସ୍ଥ ଗୋବିନ୍ଦପୁର ପଞ୍ଚାୟତ ସାମଲ ସାହିରେ ଜନବସତି ଜାଗାରେ ଏକବିରାଟକାୟ କୁକୁଡ଼ା ଫାର୍ମ ରହିଛି । ଏହି କୁକୁଡ଼ା ଫାର୍ମ ପାଖରେ ବହୁପରିବାର ଘର ଥିବାବେଳେ ଏହାର ଖୁବ ନିକଟରେ ଆୟୁଷ୍ମାନ ଉପସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହି କୁକୁଡ଼ା ଫାର୍ମରୁ ବାହାରୁଥିବା ଦୁର୍ଗନ୍ଧରେ ସ୍ଥାନୀୟ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି । ଅଞ୍ଚଳବାସୀଙ୍କ ଅଭିଯୋଗପରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡୁଛି । ଏ ନେଇ କୁକୁଡ଼ା ଫାର୍ମ ମାଲିକ କହିଛନ୍ତି ଆମେ ଆଗ କୁକୁଡ଼ା ଫାର୍ମ କରିଥିଲୁ ପରେ ସେଠାରେ ଘର ଓ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଛି । ସ୍ଥାନୀୟ ଅଞ୍ଚଳ ଲୋକମାନେ କହିଛନ୍ତି ଆମେ ପୁରୁଷ ପୁରୁଷ ଧରି ପରିବାର ସହ ରହିଆସିଛୁ । କୁକୁଡ଼ା ଫାର୍ମ ମାଲିକ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ନାଲିଆଖି ଦେଖାଉଛନ୍ତି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କୁକୁଡ଼ା ଫାର୍ମ ଉଚ୍ଛେଦ କରା ନଗଲେ ଓଡିଶା ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି ।

# ୧୫ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ

**କଣ୍ଟାବାଞ୍ଜି, ୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ତୁରେକେଲା ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୁରୁବାର କୁଇବାହାଲ ପଞ୍ଚାୟତର ସେମଲା ଗାଁରୁ ୨ ଶିଶୁ ସହ ୧୫ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ଦାଦନ ଶ୍ରମିକମାନେ ଲାଠୋର, ପାଟଣାଗଡ଼ ଓ ଟିଟିଲାଗଡ଼ ଅଞ୍ଚଳର ବୋଲି ଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଏମାନଙ୍କୁ ଆନ୍ଧ୍ରପ୍ରଦେଶର ବିଜୟବାଡ଼ା ଇଟା ଭାଟିକୁ ବେଆଇନ ଭାବେ ଚାଲାଣ କରିବାକୁ ଯୋଜନା କରୁଥିଲା ସର୍ଦ୍ଦାର । ସର୍ଦ୍ଦାର କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କନ୍ଦବାହାଲ ଗାଁର ହୋଇଥିବା ବେଳେ ସେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ତୁରେକେଲା ପୁଲିସ ସନ୍ଧ୍ୟାରେ ସର୍ଦ୍ଦାର ସୁରେଶ ୱାଡେକରକୁ ଗିରଫ କରିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

# ୭ବର୍ଷରେ ବଦଳିଛନ୍ତି ଠିକାଦାର, ବଦଳିନି ଜାତୀୟ ରାଜପଥ ଦୁଃଖ

**ହିନ୍ଦୋଳ, ୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ୪ ପ୍ରମୁଖ ଜିଲ୍ଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ (ପୁରୁଣା ୪୨ ନମ୍ବର) କୁ ଚାରି ଲେନ୍ ବିଶିଷ୍ଟ କରାଯାଇଅଛି । ଏଥି ପାଇଁ ଚାଲୁ ରହିଛି ପ୍ରଶସ୍ତିକରଣ କାର୍ଯ୍ୟ । ଏହି ପ୍ରକଳ୍ପ ୨୦୧୫ ମସିହାରୁ ଆରମ୍ଭ ହେବାକୁ ପ୍ରସ୍ତାବ ରହିଥିଲା । ହେଲେ ଜମି ଅଧିଗ୍ରହଣ ପ୍ରକ୍ରିୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ୩ ବର୍ଷ ପରେ ଅର୍ଥାତ୍ ୨୦୧୮ ମସିହା ମାର୍ଚ୍ଚ ମାସରେ ଏହାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରଯାଇଥିଲା । ୨୦୨୦ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖିଥିଲା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ । ହେଲେ ୭ ବର୍ଷ ପରେ ବି ଖୋଲାଖୋଲି ଆଇନ ଉଲ୍ଲଂଘନ କରାଯାଇ ଅଦ୍ୟାବଧି ସମ୍ପୂର୍ଣ୍ଣ କାମ ନ ସାରି କଚ୍ଛପ ଗତିରେ ଏହାର ନିର୍ମାଣ କାର୍ଯ୍ୟଚାଲିଛି । ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଠିକା ସଂସ୍ଥା ନିଜର ଲାଭ ଉଠାଇବାରେ ବ୍ୟସ୍ତ ଥିବା ବେଳେ ସାଧାରଣ ଜନତା ଭୋଗୁଛନ୍ତି ଦୁର୍ଦ୍ଦଶା । ଏପରିକି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ମଧ୍ୟ ଫାଙ୍କି ଚାଲିଛି ଠିକା କମ୍ପାନୀ । ଯାହା ରାସ୍ତା ନିର୍ମାଣର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । କଟକ, ଢେଙ୍କାନାଳ, ଅନୁଗୁଳ ଏବଂ ସମ୍ବଲପୁର ଜିଲ୍ଲା ମଧ୍ୟଦେଇ ଯାଇଛି ରାଜ୍ୟର ଅନ୍ୟତମ ବ୍ୟସ୍ତବହୁଳ ୫୫ ନମ୍ବର ଜାତୀୟ ରାଜପଥ । ଯାତାୟାତ ସୁବିଧା ଯୋଗୁ ଏହାକୁ ପ୍ରଶସ୍ତିକରଣ କରାଯାଇ ୪ ଲେନ ବିଶିଷ୍ଟ କରିବା ପାଇଁ ଅନୁମୋଦନ କରିଥିଲେ କେନ୍ଦ୍ର ସରକାର । ପ୍ରଥମ ପର୍ଯ୍ୟାୟରେ କଟକ ଜିଲ୍ଲା ମଙ୍ଗୁଳିରୁ ଢେଙ୍କାନାଳ ଜିଲ୍ଲା ଝାରଗାଡିଆ ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଝାରଗାଡିଆ ଠାରୁ ଅନୁଗୁଳ ଜିଲ୍ଲା ବଅଁରପାଳ ଏବଂ ପରେ ସମ୍ବଲପୁର ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଛି । ମଙ୍ଗୁଳି – ଝାରଗାଡିଆ– ବଅଁରପାଳ ପର୍ଯ୍ୟନ୍ତ ମୋଟ ୧୧୨ କିମି ରାସ୍ତା ପାଇଁ ୧୧୨ କୋଟି ଟଙ୍କାର ବ୍ୟୟବରାଦରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଅଦ୍ୟାବଧି ୯୦ ପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାର



ପ୍ରାୟ ଜାଗାରେ ବଡ଼ ବଡ଼ ଖାଲ ହୋଇଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ଜମି ଅଧିଗ୍ରହଣ ପରେ ପାର୍ଶ୍ୱ ଜମି ଖୋଳି କାମ ଆରମ୍ଭ ହୋଇଛି ସତ କିନ୍ତୁ ଖାଲୁଆ ଜାଗା ସମତଳ କରିବାକୁ ଶିଳ୍ପାନୁଷ୍ଠାନରୁ ବିପୁଳ ପରିମାଣର ପାଉଁଶ (ଫ୍ଲାଏ ଆସ୍) ଆଣି ପକାଇଥିବାରୁ ବର୍ଷା ହେଲେ ତାହା ତଳକୁ ବୋହିଯାଉଛି । ପାଉଁଶ ପରିଚାଳନା କରିବାକୁ ଭୁଲିଯାଇଛି ଏନ୍‌ଏଚଏଆଇ କର୍ତ୍ତୃପକ୍ଷ । ଯାହା ସାଧାରଣ ଜୀବନଯାତ୍ରାକୁ ଦୁର୍ବିସହ କରିପକାଇଲାଣି । ଏବେବି ରାସ୍ତା କଡ଼ରେ ଦୈନିକ ଶତାଧିକ ଟ୍ରକ୍ ପାଉଁଶ ଗଦା କରାଯାଉଛି । ସାମାନ୍ୟ ପବନ କିମ୍ବା ଯାନବାହନ ଯାତାୟାତ କଲେ ପାଉଁଶ ଉଡି ଗୁରୁତର ପ୍ରଦୂଷଣ ସମସ୍ୟା ସୃଷ୍ଟି କରୁଛି । ଅନାବରତ ପାଉଁଶ ଉଡ଼ିବା କାରଣରୁ କୁହୁଡ଼ିର ଭ୍ରମ ସୃଷ୍ଟି ହେଇଛି । ରାସ୍ତା ଦେଖି ନପାରି ଯାନବାହନ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି ।

ସେହିପରି କମ୍ପାନୀ ପାଉଁଶ ଯୋଗୁଁ ରାସ୍ତାକଡ଼ରେ ଥିବା ସବୁଜ ବନାନୀ ନଷ୍ଟ ହେବାରେ ଲାଗିଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ଝାରଗାଡିଆ ଠାରୁ କାଉଁରିଆପାଳ ପର୍ଯ୍ୟନ୍ତ ହୋଇଥିବା ଓଭରବ୍ରିଜ ଉପରେ ତରଭରିଆ ଭାବେ ପାଉଁଶ ପୋତାଯାଇଥିବାରୁ ମାସକ ଭିତରେ ଏକାଧିକ ବାର ଦାବି ଯାଇଥିବାର ଅଭିଯୋଗ ହେଉଛି । ଏମିତିକି ଭାରିଯାନ ଟ୍ରକ ମଧ୍ୟ ଅଧା ପର୍ଯ୍ୟନ୍ତ ଦବି ଯିବା ସହ ପାର୍ଶ୍ୱରେ ଦିଆଯାଇଥିବା ବାଡଗୁଡ଼ିକ ୨୦ ଫୁଟ ତଳକୁ ଦବି ଯାଇ ମାଟି ଭିତରେ ରହି ଯାଇଥିବା କଥା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ସୂଚନା ମିଳିଛି । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିଲେ ମଧ୍ୟ ସବୁ ଜାଗାରେ ରାସ୍ତା ଫାଟି ଆଁ କଲାଣି । ତେଣୁ ବାଧ୍ୟ ହୋଇ ରାସ୍ତା ସମ୍ପୂର୍ଣ୍ଣ କରିବା ପରିବର୍ତ୍ତେ ଗାଡ଼ି ମୋଟର ଅଟକାଇ ନୀତି ଦିନ ରାସ୍ତାରେ ପ୍ୟାଚ୍ ପକାଯାଉଛି । କୌଣସି ବ୍ରିଜର ସାଇଡ ୱାଲ୍ କାମ ସଂପୂର୍ଣ୍ଣ ହୋଇ ନଥିବା ବେଳେ ଲାଇଟ୍ ନ ଲଗାଇ ଖାଲି ଖୁଣ୍ଟ ଲଗାଇ ଦେଇ ନିଦାବିଷ୍ଣୁ ସାଜିଛନ୍ତି କର୍ତ୍ତୃପକ୍ଷ । ମଙ୍ଗୁଳି–ଝାରଗାଡିଆ–ବଅଁରପାଳ ମଧ୍ୟରେ ରାଜପଥରେ ୨୩୩ଟି ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର କରାଯାଇଥିଲା । ସେଥିରୁ ୩ ଗୋଟି ବଡ଼ ସେତୁ ନିର୍ମାଣ କରାଯାଇଛି । ରାସ୍ତାର ଦୁଇ ପାର୍ଶ୍ୱକୁ ସୁରକ୍ଷିତ ରଖିବାକୁ ୭୩ କିମି କଂକ୍ରିଟ ରାସ୍ତା ନିର୍ମାଣ । ବ୍ୟୟବରାଦ କରାଯାଇଥିଲେ ମଧ୍ୟ ଆହୁରି କିଛି ରାସ୍ତା ବାକି ରହିଯାଇଥିବା ସୂଚନା ମିଳିଛି । ଏସବୁ ବାଦ୍ ୫ଟି ଓଭର ବ୍ରିଜ, ଗୋଟିଏ ରେଲୱେ ଓଭର ବ୍ରିଜ, ୭ଟି ସ୍ଥାନରେ ଭେହିକିଲ ଅଣ୍ଡର ପାସ ୩୨ ଜଙ୍କସନ ଏବଂ ୩୧ କିମି ସର୍ଭିସ୍ ରୋଡ ନିର୍ମାଣ ମନ୍ଥର ଗତିରେ ଚାଲୁ ରହିଛି ।

ଢେଙ୍କାନାଳ ଜିଲ୍ଲା ଏକ ହାତୀ ପ୍ରବଣ ସ୍ଥାନ ହୋଇଥିବାରୁ ଏଲିଫ୍ୟାଣ୍ଟ ଅଣ୍ଡର ପାସିଙ୍ଗ ଓଭର ବ୍ରିଜ ହେବା ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିଥିଲେ । ଦୁର୍ଭାଗ୍ୟର କଥା ବ୍ରିଜ ନିର୍ମାଣ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ହାତୀମାନଙ୍କ ପାଇଁ କୌଣସି ଆନୁସଙ୍ଗିକ ବ୍ୟବସ୍ଥା କରାଗଲା ନାହିଁ । ୭ ବର୍ଷ ଭିତରେ କିଛି ଠିକାଦାର ବଦଳିଛନ୍ତି ସତ କିନ୍ତୁ ନା ବଦଳିପାରିଲା ୫୫ ନମ୍ବର ଜାତୀୟ ରାଜପଥ ଦୁଃଖ ନା ବଦଳିଲା ସାଧାରଲୋକଙ୍କ ମୌଳିକ ସମସ୍ୟା । ସମାଧାନ ବଦଳରେ ମିଳିଲା ଦୈନନ୍ଦିନ ଅବାଞ୍ଛିତ ଦୁର୍ଘଟଣା ଓ ଯାତ୍ରୀମାନଙ୍କୁ ପାଉଁଶ ଦୁର୍ଦ୍ଦଶା । ଏ ବାବଦରେ ଏନ୍‌ଏଚଏଆଇ କର୍ତ୍ତୃପକ୍ଷଙ୍କୁ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରି ନଥିଲା କି କୌଣସି ପ୍ରତିକ୍ରିୟା ମିଳିପାରି ନଥିଲା ।

ଆମ ରାଜ୍ୟରେ ପ୍ରଥମେ ବିଦ୍ୟୁତ୍ ସେବାର ଘରୋଇକରଣ କରାଯାଇଥିଲା । ଘରୋଇକରଣ ହେବା ପରେ ଲୋକଙ୍କୁ କମ୍ପାନୀ କେତେ ଗୁଣାତ୍ମକ ସେବା ଯୋଗାଉଛି ଏହାର ତଦାରଖ କରିବା ପାଇଁ ବିଦ୍ୟୁତ୍ ନିୟମାକ ଆୟୋଗ ବା ଇଂରାଜୀରେ କହିଲେ (ଓଇଆର୍‌ସି) ଗଢ଼ାଗଲା । କିନ୍ତୁ ଦେଖାଗଲା ଆୟୋଗ ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ନଦେଇ କମ୍ପାନୀକୁ କିଭଳି ସୁରକ୍ଷା ଦେଇହେବ ସେ ଦିଗକୁ ଅଧିକ ଗୁରୁତ୍ୱ ଦେଲା । ଫଳରେ ଘରୋଇ କମ୍ପାନୀ ବିଭିନ୍ନ ଆଳରେ ଲୋକଙ୍କଠାରୁ ଟଙ୍କା ଆଦାୟ କରିବାରେ ତତ୍ପରତା ଦେଖାଇଲା । ନିକଟରେ ଖବର ପ୍ରକାଶ ପାଇଥିଲା– ଟାଟା ପାୱାର ଉପଭୋକ୍ତାଙ୍କ ପାଖରୁ ଅଧିକ ଦେୟ ଆଦାୟ କରିଛି । ତେଣୁ ସେ ଟଙ୍କା କିଭଳି ଉପଭୋକ୍ତା ଫେରିପାଇବେ ସେ ଦିଗରେ ସରକାରଙ୍କ ଜଗୁଆଳି ବିଦ୍ୟୁତ୍ ନିୟାମକ ଆୟୋଗ ତତ୍ପରତା ଏବଂ ସ୍ପଷ୍ଟିକରଣ ଦେବା ଉଚିତ୍ ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୬ ଡିସେମ୍ବର ୨୦୨୫ | ଶନିବାର

ଓଡ଼ିଶା ଏକ୍ସପ୍ରେସ୍


## ଘରୋଇକରଣ ଲୋକଙ୍କୁ କେତେ ସନ୍ତୁଷ୍ଟ କରୁଛି ?

**ଲୋ**କଙ୍କୁ ଉନ୍ନତ ଗୁଣାତ୍ମକମାନର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସେବା ସଂସ୍ଥାଗୁଡ଼ିକର ଘରୋଇକରଣ କରାଯାଇଛି । ଏବେ ବିଦ୍ୟୁତ୍, ପାଣି ଏବଂ ପରିମଳ ସେବାକୁ ମଧ୍ୟ ଘରୋଇ କମ୍ପାନୀ ହାତକୁ ଟେକି ଦିଆଯାଇଛି । ସେବା ସଂସ୍ଥାଗୁଡ଼ିକର ଘରୋଇକରଣ ପରେ ସେ ସଂସ୍ଥା ଲୋକଙ୍କୁ କେଉଁଭଳି ସେବା ଯୋଗାଉଛି, ଏଥିରେ ଉପଭୋକ୍ତା କେତେ ସନ୍ତୁଷ୍ଟ ଏହାର ତଦାରଖ ନିୟମିତ କରାଯାଉନଥିବାରୁ ଲୋକେ ଆଶାନୁରୂପକ ସେବା ପାଇପାରୁନାହାନ୍ତି । ଘରୋଇ କମ୍ପାନୀ ଲୋକଙ୍କଠାରୁ ଶୁଳ୍କ ଆଦାୟ କରିବାରେ ଯେତେ ତତ୍ପର ସେବା ଯୋଗାଇବାରେ ଯଦି ସେତିକି ତତ୍ପରତା ଏବଂ ନିଷ୍ଠା ଥାଆନ୍ତା ତା'ହେଲେ ଘରୋଇକରଣର ଉଦ୍ଦେଶ୍ୟ ସାଧିତ ହୋଇପାରନ୍ତା ।

ସେବା ସଂସ୍ଥାଗୁଡ଼ିକୁ ଘରୋଇ କମ୍ପାନୀ ହାତକୁ ଟେକିଦେବା ସମୟରେ ସେ ସଂସ୍ଥା ସହିତ ସରକାରଙ୍କ କି ଚୁକ୍ତି ହୋଇଥାଏ ଏକଥା ସାଧାରଣ ଲୋକେ ଜାଣିପାରନ୍ତି ନାହିଁ । ଏଇ କାରଣରୁ ଘରୋଇ କମ୍ପାନୀମାନେ ସେମାନଙ୍କ ମନମାନି କରିଥାନ୍ତି । ଘରୋଇ କମ୍ପାନୀ ଉପରେ ସରକାରଙ୍କ ଲଗାମ ଥିଲାଭଳି ମନେହୁଏନି ।

ଖବରରୁ ଜଣାଯାଇଛି– ବିଜେପି ଶାସନକୁ ଆସିବା ଦେଢ଼ବର୍ଷ ଅତିକ୍ରାନ୍ତ ହୋଇସାରିଛି, ହେଲେ ବିଜେଡି ଶାସନ ଅମଳର ବ୍ୟବସ୍ଥା ଏଯାଏ ବଳବତ୍ତର ରହିଛି । ଅନେକଙ୍କ କହିବା କଥା ହେଲା ପୂର୍ବ ପରି ସମ୍ବଳର ଠିକଣା ଉପଯୋଗ କରାନଯାଇ କିଛି ଅଣଓଡ଼ିଆ ସଂସ୍ଥାକୁ ଲାଭବାନ କରାଯାଉଛି । ବିକାଶ ଆଳରେ ଅଣଓଡ଼ିଆ ଠିକାଦାରଙ୍କ ହାତକୁ ଅନେକ କାମ ଟେକି ଦିଆଯାଉଛି ।

ରାଜ୍ୟରେ ପଞ୍ଜିକୃତ ବେକାରଙ୍କ ସଂଖ୍ୟା ୧୩ଲକ୍ଷ ଟପି ସାରିଥିବା ବେଳେ ନିଯୁକ୍ତି କିମ୍ବା କର୍ମନିଯୁକ୍ତିର କୌଣସି ସୁଯୋଗ ସୃଷ୍ଟି କରାଯାଉନାହିଁ । ସରକାରୀ ସ୍ତରରେ ଖାଲିପଡୁଥିବା ପଦବୀ ସଂଖ୍ୟା ବଢ଼ିଚାଲିଥିବା ସମୟରେ ସରକାର ପୂର୍ବପରି ଆଉଟ୍‌ସୋର୍ସିଂ ଏବଂ ସର୍ଭିସ ପ୍ରୋଭାଇଡରଙ୍କ ଜରିଆରେ ସରକାରୀ କାମ ଚଳାଇଛନ୍ତି । ଏମାନଙ୍କୁ ଲୋକଙ୍କ ଟିକସ ପଇସାରୁ ଶହ ଶହ କୋଟି ଟଙ୍କା ଦିଆଯାଉଛି । ଏତିକି ଟଙ୍କାରେ ସରକାର ନିଜ ସଂସ୍ଥାରେ ମଧ୍ୟ କର୍ମଚାରୀ ରଖିପାରନ୍ତେ । ଏଥିରେ କିଛିଟା ବେକାରୀ ସମସ୍ୟାର ମଧ୍ୟ ସମାଧାନ ହୋଇପାରନ୍ତା ।

ଆଉଟସୋର୍ସିଂ ସଂସ୍ଥା ଏବଂ ଘରୋଇ ସଂସ୍ଥାଗୁଡ଼ିକ ସରକାରଙ୍କଠାରୁ ଲୋକଙ୍କୁ ସେବା ଯୋଗାଇବା ବାବଦରେ ଯେତିକି ଟଙ୍କା ନେଇଥାନ୍ତି ସେଥିରୁ ଖୁବ୍ କମ୍ ଟଙ୍କା ସେମାନେ କର୍ମଚାରୀଙ୍କ ଦରମା ପାଇଁ ଖର୍ଚ୍ଚ କରନ୍ତି । ସ୍ୱଳ୍ପ ଦରମାରେ କାମ କରୁଥିବା କର୍ମଚାରୀଙ୍କ ପ୍ରଦର୍ଶନ ଏଇ କାରଣରୁ ଧୀରେଧୀରେ କମିଆସେ ଏବଂ ଲୋକେ ସେବାରୁ ବଞ୍ଚିତ ହୁଅନ୍ତି । ଠିକା କର୍ମଚାରୀଙ୍କ ଉତ୍ସାହ ନଥାଏ କାମ କରିବାରେ ଉପଯୁକ୍ତ ପାରିଶ୍ରମିକ ପାଉ ନଥିବାରୁ ।

ଆମ ରାଜ୍ୟରେ ପ୍ରଥମେ ବିଦ୍ୟୁତ୍ ସେବାର ଘରୋଇକରଣ କରାଯାଇଥିଲା । ଘରୋଇକରଣ ହେବା ପରେ ଲୋକଙ୍କୁ କମ୍ପାନୀ କେତେ ଗୁଣାତ୍ମକ ସେବା ଯୋଗାଉଛି ଏହାର ତଦାରଖ କରିବା ପାଇଁ ବିଦ୍ୟୁତ୍ ନିୟମାକ ଆୟୋଗ ବା ଇଂରାଜୀରେ କହିଲେ (ଓଇଆର୍‌ସି) ଗଢ଼ାଗଲା । କିନ୍ତୁ ଦେଖାଗଲା ଆୟୋଗ ଉପଭୋକ୍ତାଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ନଦେଇ କମ୍ପାନୀକୁ କିଭଳି ସୁରକ୍ଷା ଦେଇହେବ ସେ ଦିଗକୁ ଅଧିକ ଗୁରୁତ୍ୱ ଦେଲା । ଫଳରେ ଘରୋଇ କମ୍ପାନୀ ବିଭିନ୍ନ ଆଳରେ ଲୋକଙ୍କଠାରୁ ଟଙ୍କା ଆଦାୟ କରିବାରେ ତତ୍ପରତା ଦେଖାଇଲା । ନିକଟରେ ଖବର ପ୍ରକାଶ ପାଇଥିଲା– ଟାଟା ପାୱାର ଉପଭୋକ୍ତାଙ୍କ ପାଖରୁ ଅଧିକ ଦେୟ ଆଦାୟ କରିଛି । ତେଣୁ ସେ ଟଙ୍କା କିଭଳି ଉପଭୋକ୍ତା ଫେରିପାଇବେ ସେ ଦିଗରେ ସରକାରଙ୍କ ଜଗୁଆଳି ବିଦ୍ୟୁତ୍ ନିୟାମକ ଆୟୋଗ ତତ୍ପରତା ଏବଂ ସ୍ପଷ୍ଟିକରଣ ଦେବା ଉଚିତ୍ ।

ସେବା ସଂସ୍ଥାଗୁଡ଼ିକ ଘରୋଇ କମ୍ପାନୀ ହାତକୁ ଟେକିଦେଲେ ସେବାର ମାନ ଧୀରେଧୀରେ କମିଥାଏ । ତେଣୁ ସରକାରଙ୍କ ଏମାନଙ୍କ ଉପରେ ଅଙ୍କୁଶ ରହିବା ଦରକାର । ନହେଲେ ଉପଭୋକ୍ତା ନିଶ୍ଚିତ ଭାବରେ ଘରୋଇ କମ୍ପାନୀର ଅବହେଳାର ଯେ ଶିକାର ନହେବ ଏଥିରେ ସନ୍ଦେହ ନାହିଁ । ଏକ ସମାନ୍ତରାଳ ବିକଳ୍ପ ସେବା ସଂସ୍ଥା ସରକାର ନିଜ ହାତରେ ରଖିବା ମଧ୍ୟ ଦରକାର।

# ନାଆଁରେ କ'ଣ ଅଛି- ସବୁ ଅଛି



ଅଆ-ପଣକିଆ

ବିଜୟ ଦାସ

**ଦୃ**ଷ୍ଟି ରହିତ ଲୋକର ନାଆଁ କମଳଲୋଚନ, କୃଷ୍ଣବର୍ଣ୍ଣର ପୁତ୍ରର ନାମ ପିତାମାତା ଦେଲେ ଗୋରାଚାନ୍ଦ, ଗରିବ ଘରର ଝିଅର ନାଆଁ ଧନଲକ୍ଷ୍ମୀ । ଏମିତିରେ ରଙ୍ଗରୂପ ଗୁଣ ସହିତ ନାମର କୌଣସି ଯଥାର୍ଥତା ନଥାଏ । ନାମକରଣ ସମୟରେ କେହି କେବେ ଏସବୁକୁ ଲକ୍ଷ୍ୟ ରଖିନଥାଏ । ନାଆଁ ତ ନାଆଁ ଏଥିରେ କ'ଣ କିଛି ରହିବା ଦରକାର? ଏମିତିରେ ସୋନୁ, ମୋନୁ ନାଆଁ ସବୁ ଇଂରାଜୀର, ଓଡ଼ିଆର ଅପଭ୍ରଂଶ ନାମ ସବୁ । ଯେପରିକି ସୁନାରରୁ ସୋନୁ କି ମୁନ୍‌ରୁ ମୋନୁ । ନାଆଁ ଏକ ମଣିଷର କି ଜୀବର ଚିହ୍ନଟ ପ୍ରକ୍ରିୟା । ଟାଇଗର ନାଆଁ ଦେଲେ କିଏ ବାଘ ହୋଇଯାଏନି କି ବିୟୁଟି ନାଆଁ ଦେଲେ କୋଉ ଝିଅ ସୁନ୍ଦରୀ ହୋଇଯାଏନି । ତଥାପି ଜାତକ ବା ଜନ୍ମଜାତକ ସମୟରେ ଜ୍ୟୋତିଷ ଏକ ଅକ୍ଷର ଶୁଭ ବୋଲି କାଳେ ଗଣନା କରି କହନ୍ତି । ସେ 'ପ' ହେଉ କି 'ବ' ହେଉ । ଆଧୁନିକ ପିତାମାତା ଏବେ ସେହି 'ପ' କି 'ବ'ର ଇଂରାଜୀ ଶବ୍ଦ ଖୋଜିବସୁଥିଲେ । ଏପରି କେତେକ ଖଳଚରିତ୍ରର ନାମ ମଧ୍ୟ ଦିଆଯାଏ । ଯେପରିକି ଦୁଃଶାସନ ବା ଦୁର୍ଯ୍ୟୋଧନ । ଏହାର କାରଣ ଅସ୍ପଷ୍ଟ ହେଲେ ବି ଏହାମଧ୍ୟ ହୋଇପାରେ ଦୁଷ୍ଟ ଚରିତ୍ରର ନାମ ଦେଲେ ବିରୀତ ଗୁଣରେ ହେବେ ସନ୍ତାନସନ୍ତତି । କାରଣ 'ଏ ତ କାଳିକାଳ ରୀତି ବିପରୀତ ଭାଇରେ' ।

ନୂଆ ସମୟ ଆସିଛି । ନୂଆ ନୂଆ ନାଆଁ ସବୁ ଖୋଜି ହନ୍ତାଳି ଦିଆଯାଉଛି। ଯେପରି କି ପ୍ରିୟଙ୍କା ପ୍ରିୟଦର୍ଶନୀ ପ୍ରିୟମ୍ବଦା ପାତ୍ର । ନାଆଁଟି ଲମ୍ବା ହେଲେ କାଳେ କାନକୁ ସୁନ୍ଦର ଶୁଭେ ଏବଂ ଏକ ଭିନ୍ନ ପରିଚୟ ସୃଷ୍ଟି କରେ । ପୁନଶ୍ଚ ନୂତନ ଟ୍ରେଣ୍ଡରେ ବା ଚଳଣିରେ ସେ ଭବିଷ୍ୟତରେ ଏକ ସୁନ୍ଦର ନାମ ଛୋଟିଆ କରି ଲେଖିପାରିବ । ଯେପରି ପି.ପି.ପି. ପାତ୍ର । ବାଃ ସୁନ୍ଦର ଆଳଙ୍କାରିକ ପ୍ରଲେପ ଓଡ଼ିଆ ନାଆଁରେ ଇଂରାଜୀ । ଏହାପରେ ଆସିବା ଆଉ ଏକ ପ୍ରସଙ୍ଗକୁ । ଯେଉଁଥିରେ ସାଙ୍ଗିଆ ବର୍ଜିତ ନାମକରଣ । କେବଳ ପ୍ରିୟଙ୍କା ପ୍ରିୟମ୍ବଦା । ଏଠାରେ ଆବାହମାନକାଳରୁ ଚାଲି ଆସିଥିବା ପାତ୍ର ସାଙ୍ଗିଆ ନାହିଁ । ଏହାର ମଧ୍ୟ ଦୁଇଟି କାରଣ ଅଛି । ପ୍ରଥମଟି ହେଲା ରଢ଼ୀବାଦୀ ମାନସିକତାକୁ ବଦଳେଇଦେବା ଏବଂ ଏକ ବୃହତ୍ତର ବିଶ୍ୱର ସମାନତା ଆଣିବ । ଦ୍ୱିତୀୟରେ ନିଜର ସାଙ୍ଗିଆରୁ ଜାତି ଚିହ୍ନଟ କରାଇ ନଦେବା । ଭଲ କଥା ଯେ, ହେଲେ ସେଇ ସାଙ୍ଗିଆ ପାଇଁ ପରା ସଂରକ୍ଷଣ ମିଳୁଛି ଅନେକ କ୍ଷେତ୍ରରେ...!

କର୍ମଭିତ୍ତିକ ଜାତିପ୍ରଥାକୁ ଧର୍ମଭିତ୍ତିକ ଜାତିପ୍ରଥା ବୋଲି ଆମେ ଧରିନେଉଛେ କାହିଁକି? ଛୁଆଁ ଅଛୁଆଁର ଭେଦଭାବ କେବେଠାରୁ ଗାନ୍ଧିଜୀ ପରା ଶେଷ କରିସାରିଛନ୍ତି । ହଁ, କହିପାରନ୍ତି ସାଙ୍ଗିଆ କହିଲେ ନିର୍ଦ୍ଦିଷ୍ଟ ଜାତିକୁ ବୁଝାଏ, ପୁଣି ବୁଝାଏ ନାହିଁ । ନଈକେ ବାଙ୍କ, ଦେଶକେ ଫାଙ୍କ ପରି ବିଭିନ୍ନ ଅଞ୍ଚଳରେ ଗୋଟିଏ ସାଙ୍ଗିଆ ଅନେକ ଜାତିକୁ ବୁଝାଏ । ଯେପରିକି 'ଦାସ', 'ମହାପାତ୍ର' ଇତ୍ୟାଦି । ଏବେ କେତେକ କ୍ଷେତ୍ରରେ ସାଙ୍ଗିଆ ରଖିବାର ଭିନ୍ନ ଭିନ୍ନ କାରଣମାନ ସାମ୍ନାକୁ ଆସୁଛି । ଏଣୁ ନାମରେ ବହୁତ କିଛି ଅଛି ବା ନାମଟି ଗୁରୁତ୍ୱ ରଖେ । ମଜାର କଥା ହେଉଛି ଗୋଟିଏ ନାମରେ ଅନେକ ବ୍ୟକ୍ତି । ଯେପରିକି ନାରାୟଣ କହିଲେ ଅନେକ ତ ଶ୍ରୀଲକ୍ଷ୍ମୀ କହିଲେ ଅନେକ । ହେଲେ ସେହି ନାରାୟଣ କି ଶ୍ରୀଲକ୍ଷ୍ମୀ ଚିହ୍ନିତ ହେଉଥାଏ, ଯିଏ ସେହି ନାମର ସାର୍ଥକତା ଆଣେ ।

ସତ କହିବାକୁ ଗଲେ ପିତାମାତା, ପୁତ୍ରପୁତ୍ରୀଙ୍କର ନାମକରଣ ଗୋଟିଏ ଲକ୍ଷ୍ୟରେ କରିଥାଆନ୍ତି । ଦାୟାଦଟି ଯେ ସେ ନାମର ଅର୍ଥ ବୁଝି ଯଥାର୍ଥ କାର୍ଯ୍ୟ କରିବ । ବୋଧହୁଏ ଆମ୍ଭର ନାମ ଆମ୍ଭ ପିତାମାତା ବିଜୟ ଦେଇଥିଲେ ଏଇଥିପାଇଁ ଯେ ସବୁ ଜୀବନ ଯୁଦ୍ଧରେ ଜୟଲାଭ କରିବି । ସେହିପରି ଅନେକ ସାଙ୍ଗିଆ ନମ୍ର ହେବାକୁ ଦାସ ବା ପ୍ରଭୁଙ୍କର ପାଦତଳର ପ୍ରାଣୀ 'ଦାସ' ବୋଲି ହୋଇପାରିଥାଏ । ସେହିପରି ମହାପାତ୍ର ମହାନ୍ ପାତ୍ର ପାଇଁ, ରାୟ, ସାମନ୍ତରାୟ ସୁବିଚାରକର ପ୍ରତୀକ ଭାବେ ହୋଇପାରିଥାଏ । ସେ ଯାହାହେଉ ଏହା ନିଶ୍ଚେ ଏକ ସକରାତ୍ମକ ମାର୍ଗ ଉନ୍ମୋଚକ ।

ଦାକ୍ଷିଣାତ୍ୟରେ ଅନେକ ବ୍ୟକ୍ତି ବା ଦାୟାଦଙ୍କ ନାମ ସହିତ ପିତାମାତା ଏବଂ ଗ୍ରାମର ନାମ ସଂଲଗ୍ନ ହୋଇଥାଏ । ଏହା ଏକ ପ୍ରାଞ୍ଜଳ ପରିଚୟ ଦେଇଥାଏ । ସେହିପରି ମହାରାଷ୍ଟ୍ରରେ ମଧ୍ୟ କର ସଂଯୁକ୍ତ ହୋଇ ତେନ୍ଦୁଲକର, ମଙ୍ଗେସକର ଇତ୍ୟାଦି ଗ୍ରାମ, ବଂଶକୁ ବୋହି ନେଉଥାଏ ପରିଚୟ ପର୍ବକୁ । ଦେଖନ୍ତୁ, ସବୁକର୍ମ କେତେ ପ୍ରଭାବଶାଳୀ ଏହି ପରିଚୟରେ । ରଘୁ ପରି ସୁଶାସକ ରାଜା ଥିଲେ ବୋଲି ରଘୁବଂଶ । କୁରୁବଂଶ, ମୌର୍ଯ୍ୟବଂଶ ଇତ୍ୟାଦି । ଏଣୁ ନାମରେ ଅନେକ କିଛି ଅଛି । ନାଆଁ ସାର୍ଥକ କଲା ଅର୍ଥ ଯାହା ନାମ ଦିଆଯାଇଛି ତାହାର ମର୍ଯ୍ୟାଦା ରଖିଲା । କେବଳ ବ୍ୟକ୍ତିବିଶେଷ କାହିଁକି ଦେଶ ରାଜ୍ୟର ନାମକରଣ ପାଇଁ ମଧ୍ୟ ଏହି ନାମର ଉଦ୍ଧୃତ ବେଶ୍ ଚମକପ୍ରଦ । ଉଡ୍ରରୁ ଓଡ଼ିଶା କି ଉତ୍କର୍ଷ କଳାରୁ ଉତ୍କଳ, ଭରତ ରାଜାଙ୍କ ନାମାନୁସାରେ ଭାରତ । ରାଜା ଭରତଙ୍କ ନାଆଁରୁ ଯଦି ଗୋଟେ ଦେଶର ନାଆଁ, ତାହାହେଲେ ନାମରେ ବହୁତ କିଛି ଅଛି ନା ।

କୃଷ୍ଣ ନାମଧାରୀ ଯଦି କଂସର କାର୍ଯ୍ୟ କରେ ତାହାହେଲେ ନାଆଁଟି ଅଶୁଦ୍ଧ ହୋଇଯାଏ । ଏଥିପାଇଁ ପୁରାଣର ପ୍ରମାଣ ଅଛି । ତ୍ରେତୟାର ରାମ ଶବ୍ଦ 'ର'ରୁ ଆରମ୍ଭ ହେଲେ ସେ ନାମ କେତେ ପବିତ୍ର । ପୁଣି 'ର'ରୁ ରାବଣ କେତେ ଘୃଣ୍ୟ । 'ର' ନାମରେ ପବିତ୍ରତା ଆଣିଲେ ରାମ, 'ର' ନାମରେ କଳଙ୍କ ଲଗେଇଲେ ରାବଣ । ଦ୍ୱାପରରେ ସେହିପରି 'କ' ନାମକୁ (ଅକ୍ଷରକୁ) ସାର୍ଥକ କଲେ କୃଷ୍ଣ ଆଉ 'କ' ଅକ୍ଷରକୁ କଳଙ୍କିତ କଲା କଂସ । ହେଲେ କଳିଯୁଗରେ 'ମ' ଅକ୍ଷରର ମଣିଷ 'ମ' ମହତ୍ତ୍ୱ ରଖୁ, ମଣିଷ ମାରି ସେହି ମଣିଷ 'ମ' ଅକ୍ଷରକୁ କଳଙ୍କିତ ନକରୁ ।

### ନାଆଁରେ ସବୁ ଅଛି

ସତରେ ନାଆଁରେ ବହୁତ କିଛି ଅଛି । ବହୁତ କିଛି କ'ଣ ସବୁ କିଛି ଅଛି । ବାପାର ନାଆଁ ରଖିଲା କହିଲେ ଦୁଇଜଣଙ୍କର ଲାଭହୁଏ । ପ୍ରଥମତଃ ପୁତ୍ରର ନାଆଁ ହୁଏ ଏବଂ ବାପାର ବି ନାଆଁ ହୁଏ । ଏହାକୁ ଆହୁରି ସରଳ କଲେ ଯେ ନାଆଁ କ'ଣ କି? ପ୍ରସିଦ୍ଧି, ସୁପରିଚୟ, ସୁନାମ ଇତ୍ୟାଦି । ଏହି ନାଆଁରେ ସୁନାମ ଅଛି ପୁଣି ଦୁର୍ନାମ ବି ଅଛି । ଏହାପରା କର୍ମ ସହିତ ଜଡ଼ିତ । ସୁକର୍ମ ଆଉ କୁକର୍ମ । ମନ୍ଦିର ତୋଳାଇ ନାଆଁ କରିବା ପୁଣି ବାଟରେ ମଳତ୍ୟାଗ କରି ନାଆଁ କରିବାର ଲୋକକଥା ଭିତରେ ଦୁର୍ନାମ ଓ ସୁନାମ ଲୁଚି ରହିଛି । ମନ୍ଦିର ବେଢ଼ାରେ ଅନେକ ଲୋକ ନିଜ ନାଆଁ ଲେଖି ଚଟାଣରେ ନିଜକୁ ସାଙ୍କେତିକ ଭାବେ ବିଛେ ଦିଅନ୍ତି । କାରଣ ତା' ଉପରେ ଜନତାଙ୍କ ପାଦ ପଡ଼ିଲେ ସେ ପୁଣ୍ୟ ପାଆନ୍ତି । ଯେ ଏକପ୍ରକାର ମଣିଷମାନଙ୍କର ପାଦସ୍ପର୍ଶ କରିବାର ପ୍ରକ୍ରିୟା । ସିଧା ଭାଷାରେ ଜଣେ ମଣିଷର ସାଙ୍କେତିକ ଉପସ୍ଥିତି ତା'ର ନାଆଁ । ଏଣୁ ନାଆଁରେ ଅନେକ କିଛି ଅଛି ।

ଯେମିତି ମାଟି, ଧରିତ୍ରୀ କହିଦେଲେ ମାଟି ମାଆକୁ ବୁଝାଏ, ଯେପରି ଆକାଶ ଓ ସ୍ୱର୍ଗ କହିଦେଲେ ଦେବତାଙ୍କ ବାସସ୍ଥାନକୁ ବୁଝାଏ, ସେହିପରି ଘର କହିଦେଲେ ପରିବାରକୁ ବୁଝାଏ । ଏସବୁକୁ ନା ବଦଳେଇପାରିବା, ନା ପର କରିପାରିବା । ନାଆଁ ବୋଇଲେ କେତୋଟି ଶବ୍ଦ । ଏହା ଭିତରେ ଲୁଚି ରହିଥାଏ ନିଜର ମୂଳ, ଜଡ଼, ବଂଶ, ପରମ୍ପରା ଏବଂ ଐତିହ୍ୟ । ଏମିତିରେ ନାଆଁଟିଏ ଉଚ୍ଚାରଣ କଲେ ଅମୁକର ପୁଅ, ଅମୁକ ଗାଆଁ ସହର କି ରାଜ୍ୟ ଦେଶର କଥା ସ୍ୱତଃ ଜାଣିବାକୁ ଇଚ୍ଛା ହୁଏ । ନାଆଁ ଯାହା ହେଉ, ସାଙ୍ଗିଆ ଯାହା ହେଉ ଏହା ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ହିଁ ବୁଝାଇବା କଥା । ଅନେକ ସମୟରେ ପୌରାଣିକ ଚରିତ୍ରର ନାଆଁ ଦେଇଥାଆନ୍ତି । ଉଚ୍ଚାରଣ ମାତ୍ରକେ ଆମ୍ଭେ ପୁରାଣକୁ ମନେପକାଉ । ଯେ ବି ତ ଏକପ୍ରକାର ପରମ୍ପରାକୁ ଜାବୁଡ଼ି ଧରିବାର ପ୍ରକ୍ରିୟା ।

ସେହି ପୁରାଣ ଚରିତ୍ର ଭିତରୁ ଗୋଟିଏ ଚରିତ୍ର ତା'ର ପୁତ୍ରର ନାମ ନାରାୟଣ ଏଇଥିପାଇଁ ଦେଇଥିଲେ ଯେ, ମୃତ୍ୟୁ ସମୟରେ ପୁତ୍ରର ନାମ ଉଚ୍ଚାରଣ ଆଳରେ ପ୍ରଭୁ ନାରାୟଣଙ୍କ ନାମ ଆପେ ଆପେ ଆସିବ ଏବଂ ସେ ମୁକ୍ତି ପାଇଯିବେ । ଏଣୁ ଆପଣ ବିଚାର କରନ୍ତୁ ନାମରେ କ'ଣ ନାହିଁ! ଏବେକାର ଆଧୁନିକ ନାମକରଣରେ ଅବଶ୍ୟ ଲକି, ସୋନାଲି ଭିତରୁ ସେ ଆଧାତ୍ମିକ ଚେତନା ପାଇପାରିବେ ନାହିଁ । ଉଗ୍ର ଆଧୁନିକତାରେ ଇଂରାଜୀ ନାମ ନଦେଲେ କାଳେ ସ୍ୱତନ୍ତ୍ରତା ଆସିବ ନାହିଁ । ଏହି ସ୍ୱତନ୍ତ୍ରତା ବା ବ୍ୟକ୍ତିତ୍ୱ କର୍ମରୁ, ସଂସ୍କାରରୁ ଜାତହୁଏ ନାମରୁ ନୁହେଁ । କିନ୍ତୁ ସବୁକିଛି ନାମ ଦ୍ୱାରା ହିଁ ପ୍ରତିଫଳିତ ହୋଇଥାଏ । ଗୋଟିଏ କାରଣ ହେଲା ଅନ୍ତଃ ଜାତିଭିତ୍ତିକ ବିବାହ । ଯେମିତିକି କରଣ ଜାତିର ପୁଅଟିଏ ବ୍ରାହ୍ମଣ ପରିବାରର ଝିଅକୁ ପ୍ରେମ ବିବାହ କଲା ତ ପିଲାମାନଙ୍କ ସାଙ୍ଗିଆ କ'ଣ ରହିବ ବୋଲି ଚିନ୍ତିତ ପ୍ରେମ ବିବାହ କରିଥିବା ପିତାମାତାଙ୍କର । ନା ନା କେବଳ ଯେ ପ୍ରେମ ବିବାହ କଥାରୁ ଏହା ହେଉଛି ତାହା ନୁହେଁ, ଆଧୁନିକ ଅଗ୍ରଗାମୀ ପିତାମାତା ମଧ୍ୟ ଯେ ପୁରୁଣାକାଳିଆ ଗୋଟିଏ ଜାତିରେ ପୁଅଝିଅଙ୍କୁ ବାହା କରେଇବାର କଥାକୁ ନାପସନ୍ଦ କଲେଣି । ସେମାନଙ୍କ ମତରେ ଭଲ ବର, ଭଲ କନ୍ୟା ମିଳିଲା ତ ବାହାଘର କରାଇବାରେ ଅସୁବିଧା କେଉଁଠି? ଠିକ୍ ଅଛି, ନୂତନ ଯୁଗର ନୂତନ ଚିନ୍ତାଧାରା । ମାତ୍ର ସାଙ୍ଗିଆ ବେଳକୁ ଏହି ଦୁଇ ଜାତିର ପିତା ଓ ମାତା ପିଲାମାନଙ୍କୁ ସାଙ୍ଗିଆ ରହିତ କରିବାକୁ ଶ୍ରେୟ ମଣୁଛନ୍ତି ।

ନାନା, ସମାନ ଜାତିର ଭିନ୍ନ ସାଙ୍ଗିଆ ତ ଅଛି ନା । ଦାସକୁ ଜେନା ବି ସମାନ ଜାତିର ହୋଇପାରନ୍ତି । ହେଲେ ସାଙ୍ଗିଆ ବେଳକୁ କେବଳ ପିତାର ସାଙ୍ଗିଆ ରୁହେ, ଏହାହିଁ ପରମ୍ପରା । ପିଲାମାନଙ୍କ କଥା ଛାଡନ୍ତୁ, ବିବାହ ପରେ ଅନେକ କର୍ମଜୀବୀ ମହିଳାମାନେ ନିଜର ପିତୃଦତ୍ତ ସାଙ୍ଗିଆ ସାଙ୍ଗରେ ସ୍ୱାମୀଙ୍କ ସାଙ୍ଗିଆ ମଧ୍ୟ ଯୋଗ କରୁଛନ୍ତି । ଯେପରି ସୀମା ଦାସ ଜେନା, କୁସୁମ ମହାପାତ୍ର ସାମନ୍ତରାୟ ଇତ୍ୟାଦି । ଯଦିବା ବିବାହ ପୂର୍ବରୁ ଚାକିରି ହୋଇଛି, ଶ୍ୱଶୁରାଳୟର ସାଙ୍ଗିଆ କ'ଣ ବିବାହ ପରେ କୋର୍ଟ ଏଫିଡେଭିଟ୍ କରି ରଖାଯାଇପାରିବ ନାହିଁ ବା ଅନ୍ୟାନ୍ୟ ଆଇନ୍‌କାନୁନ ଅନୁଯାୟୀ ବୈଧ ହେବନାହିଁ! କିଛି ଅସୁବିଧା ନାହିଁ, ଧନ୍ୟବାଦ କନ୍ୟାମାନଙ୍କୁ ଯିଏ ବିବାହ ପରେ ବି ପିତ୍ରାଳୟର ଚିହ୍ନ ଯେ ସାଙ୍ଗିଆକୁ ଧରି ଚାଲୁଛନ୍ତି । ଏବେ ବାପଘର ତ ସବୁକିଛି ଅନେକ ନାରୀଙ୍କ କ୍ଷେତ୍ରରେ । ପରୋକ୍ଷରେ ଘର ଜୋଇଁଆ ପ୍ରଥା ବେଶି ହୋଇଯାଇଛି । ବାପା ମାଆଙ୍କଠାରୁ ଶାଶୁ ଶ୍ୱଶୁର ମୁଖ୍ୟ ବୋଲି ପୁରୁଷମାନଙ୍କ ଭାବନା ଅତ୍ୟାଧୁନିକତାର ନିଶ୍ଚେ ପରିଚୟ ।

ହେଲେ ପ୍ରଥା ପରମ୍ପରା? 'ଗେଲବସରର ଦିନ ସରିଗଲା...' କଥା ଆଉ ନାହିଁ କି କାନ୍ଦଣା ଲହରୀ ବି ନାହିଁ । 'ଘର କରିବାକୁ ଯାଏ ପରଘରକୁ'ର କଥା ଆସ୍ତେ ଆସ୍ତେ ଉଭେଇ ଯାଉଛି । ଛାଡନ୍ତୁ ସେସବୁ । ଯେ, ନାଆଁରେ କ'ଣ ଅଛି କହୁକହୁ ଅନ୍ୟ ଆଡକୁ ପଳେଇଗଲେ । ସତରେ ନାଆଁରେ କ'ଣ କିଛି ଥାଏ । କାମରେ ଥାଏ । କଥାରେ କହନ୍ତି ନାଟକ ସଫଳ ହେଲେ, ନାଟକର ନାଆଁ ବିଖ୍ୟାତ ହୋଇଯାଏ । ସେହିପରି ନାଟ୍ୟକାର ନିର୍ଦ୍ଦେଶକଙ୍କ ନାଆଁ ବି । ଏମିତିରେ କଥା କବିତାର ଶୀର୍ଷକ ବା ନାମକରଣ ତା'ର କଥାବସ୍ତୁ, ଭାବ ଇତ୍ୟାଦିରୁ ପରିପୁଷ୍ଟ ହୋଇଥାଏ । ହେଲେ କେତେକ କ୍ଷେତ୍ର ଉଦ୍ଭଟ ନାମକରଣର ପ୍ରଥା ଆରମ୍ଭ ହୋଇଛି । ଆମ୍ଭେ ନୂଆ କଥା କରିବାକୁ ଯାଇ ଅକଥା ବିଚ୍ଛୁରିତ କରୁନାହୁଁ ତ । ଆକାଶରେ ଉଡ଼ିବାକୁ ଯାଇ ମାଟିକୁ ଛାଡ଼ି ଦେଉନାହୁଁ ତ? ଡେଙ୍ଗା ତାଳଗଛ ହୋଇ ଛାଇ ଦେଇନପାରିବାର ଅକ୍ଷମତାକୁ ପ୍ରକାଶ କରୁନାହୁଁ ତ । ବରଂ ଚାଲନ୍ତୁ ବରଗଛ ହୋଇ ମାଟିକୁ ଜାବୁଡ଼ି ଧରି ଛାୟା ଦେବା । ବରଗଛକୁ ବଟବୃକ୍ଷ କହିବା ହେଲେ ବରକୋଳି ଗଛ ନୁହେଁ ।


*ଅନନ୍ତବିହାର, ଫେଜ୍-୨, ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*


# ବାବାସାହେବ ଭୀମରାଓ ଆମ୍ବେଦକର

■ ଡ. ତପନ କୁମାର ପାଳ ■

**୧**୯୪୭ ମସିହା ଭାରତ ସ୍ୱାଧୀନ ହେଲା । ତାପରେ କଥା ପଡ଼ିଲା ଦେଶ ଚାଲିବ କେମିତି, ଏହାକୁ ଚଳାଇବ କିଏ । ସେଥିପାଇଁ କିଛି ନୀତି ନିୟମ ଓ ଆଇନ କାନୁନ୍‌ର ଆବଶ୍ୟକ ପଡ଼ିଲା । ଫଳରେ ତିଆରି ହେଲା ଆମର ସମ୍ବିଧାନ ଯାହାକି ବିଶ୍ୱର ସର୍ବବୃହତ୍ ସମ୍ବିଧାନର ମାନ୍ୟତା ପାଇଛି । ସମ୍ବିଧାନ ଚିଠା ପ୍ରସ୍ତୁତି ପାଇଁ ଗଠନ ହେଲା ସମ୍ବିଧାନ ସଭା । ମାତ୍ର ଜାଣିଛ କି ପିଲାଏ ଏହି ସମ୍ବିଧାନର ପ୍ରକୃତ ପ୍ରଣେତା କିଏ ? ସମ୍ବିଧାନ ପ୍ରଣେତା ହେଉଛନ୍ତି ବାବା ସାହେବ ଭୀମରାଓ ଆମ୍ବେଦକର । ସେନା ସୁବେଦାର ମେଜର୍ ରାମ୍‌ଜୀ ମାଲୋଜୀ ସକ୍‌ପାଲ ଓ ଭୀମାବାଈଙ୍କ ୧୪ତମ ସନ୍ତାନ ଭୀମରାଓ । ତାଙ୍କର ଜନ୍ମ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଆମ୍ବାଭାଦେକର ଗ୍ରାମରେ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ । ପିଲାଦିନୁ ଅତ୍ୟନ୍ତ ମେଧାବୀ ଥିବା ଭୀମରାଓ ପରବର୍ତ୍ତୀ ସମୟରେ ସାହାସୀ, ଧୈର୍ଯ୍ୟବାନ, ନିଷ୍ଠାବାନର ପରିଚୟ ଦେଇଥିଲେ । ମୁମ୍ବାଇର ଏଲ୍‌ଫିନ୍‌ଷ୍ଟୋନ୍ କଲେଜରୁ ଏଫ୍‌ଏ ପାସ୍ ପରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟ । ସେଠାରୁ ଏମ୍‌ଏ ଡିଗ୍ରୀ ପରେ ପିଏଚ୍‌ଡ଼ି ମଧ୍ୟ କରିଥିଲେ । ତା ପରେ ସେ ପରିଚିତ ହେଲେ ଡକ୍ଟର ଆମ୍ବେଦକର ଭାବରେ । ତଥାପି ସନ୍ତୁଷ୍ଟ ହୋଇନଥିଲେ ଜ୍ଞାନୀ ଭୀମରାଓ । ବିଲାତ ଯାଇ ସେଠାରୁ ଆଇନ, ଅର୍ଥଶାସ୍ତ୍ର ଓ ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କଲେ । ସ୍ୱଦେଶ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ସହ ଅସ୍ପୃଶ୍ୟତା ଓ ଜାତିଭେଦ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଲେ ଆମ୍ବେଦକର । ସ୍ନେହରେ ତାଙ୍କୁ ଡାକୁଥିଲେ ସମସ୍ତେ ବାବାସାହେବ । ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ, ଆଇନ ବିଶାରଦ ଆମ୍ବେଦକର ହୋଇଥିଲେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଏବଂ ସମ୍ବିଧାନ ଚିଠା କମିଟିର ଥିଲେ ଅଧ୍ୟକ୍ଷ । ସମ୍ବିଧାନରେ ଦଳିତବର୍ଗଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ଧ୍ୟାନ ଦେଇଥିଲେ ସେ । ଶେଷରେ ୧୯୪୯ ମସିହା ନଭେମ୍ବର ୧ ତାରିଖରେ ଚିଠା ସମ୍ବିଧାନ ସରକାରଙ୍କ ସ୍ୱୀକୃତି ଲାଭ କଲା । ହିନ୍ଦୁ ଜାତିପ୍ରଥାରେ ଅତିଷ୍ଠ ହୋଇ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଜାଣିଛ ପିଲାଏ ସେ ବହି ପଢ଼ିବାକୁ ଏତେ ଭଲ ପାଉଥିଲେ ଯେ ଥରେ ନ୍ୟୁୟର୍କ ଯାଇଥିବାବେଳେ ଏକାଥରକେ ୨୦୦୦ ବହି କିଣି ପକାଇଥିଲେ । ୧୯୫୬



ଡିସେମ୍ବର ୬ ତାରିଖରେ ଦେହତ୍ୟାଗ କରିଥିବା ଏହି ମହାନ୍ ବ୍ୟକ୍ତିତ୍ୱ ଶିକ୍ଷା ଦେଇ ଯାଇଛନ୍ତି କିଭଳି ନିଜର ବୁଦ୍ଧିମା ସହ ନିଷ୍ଠା, କଠୋର ପରିଶ୍ରମ ଓ ସଚ୍ଚୋଟତା ଜଣକୁ ଶୀର୍ଷକୁ ଉଠିବାରେ ସାହାଯ୍ୟ କରେ ।

### ଅଳ୍ପରେ ଆମ୍ବେଦକର

ସମସ୍ତେ ଜାଣନ୍ତି ସମ୍ବିଧାନ ପ୍ରଣୟନ କମିଟିର ଅଧ୍ୟକ୍ଷ ଭାବରେ ଆମ୍ବେଦକର ଭାରତୀୟ ସମ୍ବିଧାନର ରୂପରେଖ ପ୍ରସ୍ତୁତ କରିଥିଲେ । କିନ୍ତୁ ଖୁବ୍ କମ୍ ଲୋକ ଜାଣନ୍ତି ଆମ୍ବେଦକରଙ୍କ ପୂର୍ବରୁ ଏ କାର୍ଯ୍ୟ ଆଉ କେତେଜଣ ବରିଷ୍ଠ ନେତାଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ ଖୁବ୍ କଷ୍ଟକର ହୋଇଥିବାରୁ କେହି ଏ ଦାୟିତ୍ୱ ଗ୍ରହଣ କରିନଥିଲେ ।

ବର୍ତ୍ତମାନ ରାଜ୍ୟର ପ୍ରଶାସନ ଦୃଷ୍ଟିରୁ ବୃହତ୍ ରାଜ୍ୟଗୁଡ଼ିକୁ ଛୋଟ ଛୋଟ ରାଜ୍ୟରେ ପରିଣତ କରିଦିଆଯାଉଛି । କିନ୍ତୁ ଏଭଳି ପ୍ରସ୍ତାବ ଆମ୍ବେଦକର ଢ଼େର ଆଗରୁ ଦେଇସାରିଥିଲେ । ସେ ୧୯୫୫ ମସିହାରେ ମଧ୍ୟପ୍ରଦେଶ ଏବଂ ବିହାରକୁ ଦୁଇଭାଗ କରିବାର ପ୍ରସ୍ତାବ ଦେଇଥିଲେ । ଏହାର ୪୫ ବର୍ଷ ପରେ ୨୦୦୦ ମସିହାରେ ମଧ୍ୟପ୍ରଦେଶ ଦୁଇ ଭାଗ ହୋଇ ଛତିଶଗଡ଼ ରାଜ୍ୟ ଗଠନ ହେଲା ଏବଂ ବିହାରରୁ ଝାଡ଼ଖଣ୍ଡ ସୃଷ୍ଟି ହେଲା । ଏଥିରୁ ଜଣାପଡୁଛି ଆମ୍ବେଦକରଙ୍କ ଦୂରଦୃଷ୍ଟି କେତେ ପରିବ୍ୟାପ୍ତ ଥିଲା ।

ହିନ୍ଦୁଧର୍ମର ଜାତିଭେଦକୁ ଆମ୍ବେଦକର ପ୍ରଥମରୁ ବିରୋଧ କରୁଥିଲେ । ତେଣୁ ସେ ବୌଦ୍ଧଧର୍ମକୁ ଆପଣାଇ ଥିଲେ । ତାଙ୍କ ସହିତ ଏକାସାଙ୍ଗରେ ୫୦ ହଜାର ଦଳିତ ଏବଂ ଅଛୁଆ ବୌଦ୍ଧଧର୍ମ ଗ୍ରହଣ କଲେ । ଆଜିପର୍ଯ୍ୟନ୍ତ ବିଶ୍ୱ ଧାର୍ମିକ ଇତିହାସରେ ଏତେବଡ଼ ଧର୍ମାନ୍ତରଣ ହୋଇନାହିଁ । କୌଣସି ଧର୍ମଗୁରୁ ଏହା କରିବାକୁ ସମର୍ଥ ହୋଇନାହାନ୍ତି ।

ଆମ୍ବେଦକର କହୁଥିଲେ – ଯିଏ ପରିସ୍ଥିତିର ଦାସ ନୁହେଁ ଏବଂ ପରିବର୍ତ୍ତନ ଅନୁଯାୟୀ ନିଜକୁ ବଦଳାଇପାରେ ମୁଁ ତାକୁ ସ୍ୱାଧୀନ ବୋଲି କୁହେ । ଯିଏ ରାଜନୀତି, ଅନ୍ଧବିଶ୍ୱାସ, ପରମ୍ପରା ଏବଂ ଅନାବଶ୍ୟକ ବାଧାବନ୍ଧନରୁ ମୁକ୍ତ ମୋ ମତରେ ସେ ହିଁ ସ୍ୱାଧୀନ ।

ସେ କହୁଥିଲେ ଦଳିତମାନେ ଦେଶର ସମୃଦ୍ଧ ଇତିହାସ ସହ ଜାତିବାଦର ବାସ୍ତବତାକୁ ଜାଣିବା ଉଚିତ । ଜଣେ ଦାସ ଯେତେବେଳେ ଜାଣିବ ସେ ପରାଧୀନ ସେତେବେଳେ ସେ ଦାସତ୍ୱର ଶୃଙ୍ଖଳ ଭାଙ୍ଗିବାକୁ ଚେଷ୍ଟା କରିବ ।


ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ


# ଶତାବ୍ଦୀ ପୁରୁଷ ପଦ୍ମଭୂଷଣ ଡ.ରାଧାନାଥ ରଥ

■ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ■

**ସ**ମ୍ପାଦକ, ରାଜନେତା, ସାରସ୍ୱତ ସାଧକ ଓ ସମାଜ ସେବକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ଜୀବନ ଶତାବ୍ଦୀର ଏକା ଶୀଖା । ବହୁ ସମସ୍ୟା ବଜଡ଼ିତ ଏକ ସନ୍ତପ୍ତ ଜାତିକୁ ଆଶା ଆଶ୍ୱାସନାର ବାଣୀ ଶୁଣାଇବାକୁ ସେ ଶିଖା ଅଙ୍ଗିକାରବଦ୍ଧ ହୋଇଥିଲା। ଉନ୍ନବିଂଶ ଶତାବ୍ଦୀର ଗତାୟୁ ଲଗ୍ନରେ ୧୮୯୬ ମସିହା ଡିସେମ୍ବର ୬ ତାରିଖରେ ସେ ଆଠଗଡ଼ରେ ଜନ୍ମ ହେଲାବେଳକୁ ବିଖଣ୍ଡିତ ଉତ୍କଳ ଏକ ସନ୍ଧିକ୍ଷଣ ମଧ୍ୟ ଦେଇ ଗତି କରୁଥାଏ। ତାଙ୍କର ପିତା ଜଗନ୍ନାଥ ଥିଲେ ଆଠଗଡ଼ର ରାଜା ବିଶ୍ୱନାଥ ଦେବ ବର୍ମାଙ୍କର ରାଜପରିବାରର ପଣ୍ଡିତ। ଡ.ରାଧାନାଥ ରଥ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମ୍ବାଦିକ, ରାଜନୈତିଜ୍ଞ ଓ ସାହିତ୍ୟିକ ଥିଲେ । ତାଙ୍କ ପ୍ରାଥମିକ ଶିକ୍ଷା ଆଠଗଡ଼ରେ ସେ କାଳା ମହାନ୍ତିଙ୍କ ଠାରୁ ପ୍ରାପ୍ତ ହୋଇଥିଲେ। ବାଲେଶ୍ୱର ଜୁବିଲୀ ସ୍କୁଲରୁ ତାଙ୍କ ଶିକ୍ଷା ଆରମ୍ଭ ହୋଇଥିଲା । ୧୯୧୬ରେ କଟକର ରେଭେନ୍ସା କଲିଜେଟ୍ ସ୍କୁଲରୁ ମାଟ୍ରିକ ଶେଷ କରି ସିଂହଭୂମ ଜିଲ୍ଲାର ଜଙ୍ଗଲ ବିଭାଗର କିରାଣି ଭାବେ ସେ କାମ କେଲ । ୧୯୧୯ରେ ଚାକିରି ଛାଡ଼ି ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ପ୍ରେସ୍‌ରେ ଯୋଗ ଦେଲେ। ଗୋପବନ୍ଧୁଙ୍କ ସମ୍ପାଦନାରେ ପ୍ରକାଶିତ ସାପ୍ତାହିକ ଓଡ଼ିଆ ଖବରକାଗଜ ସମାଜର ପ୍ରବନ୍ଧକ ଓ ସହ-ସମ୍ପାଦକ ଭାବେ ସେ ସାମ୍ବାଦିକତାରେ କ୍ୟାରିଅର ଆରମ୍ଭ କଲେ।

୧୯୧୯ରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ସାକ୍ଷୀଗୋପାଳଙ୍କ ତୀର୍ଥସ୍ଥଳୀରେ ସମାଜକୁ ତାଙ୍କ ଧ୍ୟାନ ଓ ଧ୍ୟେୟ ଭାବେ ଗ୍ରହଣ କରିଥିଲେ। ସାପ୍ତାହିକ ପତ୍ର ଭାବରେ ଅକ୍ଟୋବର ୧୯୧୯ ମସିହା ଠାରୁ ସମାଜ ପ୍ରକାଶନ ଆରମ୍ଭ ହୋଇଥିଲା। ୧୯୨୫ରେ ସମାଜ ପୁରୀକୁ ସ୍ଥାନାନ୍ତରିତ ହୋଇ ଜାନୁଆରୀ ୩ ତାରିଖରେ ସେଠାରୁ ପ୍ରକାଶିତ ହେଲା ପରେ ୧୯୨୭ରେ ସମାଜ କଟକ ନିମ୍‌ଚୌଡ଼ିରୁ ଆରମ୍ଭ ହୋଇଥିଲା। ୧୯୨୮, ୧୭ ଜୁନ୍‌ରେ ଗୋପବନ୍ଧୁଙ୍କ ମହାପ୍ରୟାଣ ପରେ ସମାଜ ଲୋକସେବକ ମଣ୍ଡଳର ପରିଚାଳନାରେ ପ୍ରକାଶିତ ହେଲା। ରାଧାନାଥ ରଥଙ୍କ ପ୍ରଚେଷ୍ଟାରେ ୩୦୦୦ଟଙ୍କା କଟକ ବ୍ୟାଙ୍କରୁ ଋଣ କରାଯାଇ ଏକ ପୁରୁଣା ଫ୍ଲାଟବେଡ଼ ମେସିନ କିଣାହେଲା ଓ ୧୯୩୧ରୁ ବିଧିବଦ୍ଧ ଭାବରେ ଦୈନିକ ପ୍ରକାଶ ହେଲା। ୧୯୪୨ ଅଗଷ୍ଟ ୨୨ ତାରିଖରେ ରାଧାନାଥ ରଥ ଜେଲ ଗଲାପରେ ଏକମାସ ସମାଜ ପ୍ରକାଶନ ବନ୍ଦ ହେଲା। ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ପଣ୍ଡିତ ଲିଙ୍ଗରାଜ ମିଶ୍ର ଶିକ୍ଷାମନ୍ତ୍ରୀ ଭାବରେ ନିଯୁକ୍ତି ହେବା ଫଳରେ ରାଧାନାଥ ରଥ ସମାଜର ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ। ୧୯୬୧ରେ ରାଧାନାଥ ବାବୁ ମନ୍ତ୍ରୀମଣ୍ଡଳ ତ୍ୟାଗ କରି ସମ୍ପୂର୍ଣ୍ଣ ଭାବରେ ସମାଜ ସମ୍ପାଦନ ଦାୟିତ୍ୱ ଗ୍ରହଣ କଲେ। ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ତାଙ୍କୁ ଦଣ୍ଡିତ କରାଯାଇଥିଲା । ଓଡ଼ିଶା ବିଧାନସଭାକୁ ରାଧାନାଥ ୫ଥର ନିର୍ବାଚିତ ହୋଇଥିଲେ। ଲୋକ ସମାଜ ସେବକର ଓଡ଼ିଶା ଶାଖାର ସେ ଜୀବନବ୍ୟାପୀ ଅଧ୍ୟକ୍ଷ ଥିଲେ । ଅଖିଳ ଭାରତୀୟ ସ୍କାଉଟ ଓ ଗାଇଡ଼ ସଂସ୍ଥାର ମଧ୍ୟ ମୁଖ୍ୟ ଥିଲେ। ହିନ୍ଦ୍ କୁଷ୍ଠ ନିବାରଣ ସମୂହ, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ଭଳି ଅନେକ ସଂଗଠନ ସହ ରାଧାନାଥ ରଥ ସାମିଲ ଥିଲେ। ନିଜର ସମ୍ପାଦକ ଜୀବନ କାଳରେ ସେ ଓଡ଼ିଶାର ଜନଜୀବନ ଧାରା ସହିତ ନିଜକୁ ପୂର୍ଣ୍ଣ ଭାବରେ ସଂଶ୍ଳିଷ୍ଟ କରିଥିଲେ। ଗୋପବନ୍ଧୁଙ୍କ



ପଦାଙ୍କ ଅନୁସରଣ କରି ବନ୍ୟା-ଦୁର୍ଭିକ୍ଷ-ପ୍ରପୀଡ଼ିତ ଓଡ଼ିଶାର ଅଧିବାସୀ ମାନଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ କରିବା, ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ସାଂସ୍କୃତିକ ଜୀବନକୁ ପରିପୁଷ୍ଟ କରିବା, ଦରିଦ୍ର ନିସହାୟ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରି ଅନେକ ମାନବହିତୈଷୀକର୍ମ ସହିତ ନିଜକୁ ସଂଶ୍ଳିଷ୍ଟ କରି ଜୀବନ ନିର୍ବାହ କରୁଥିଲେ। ଆଜିର ସମୟରେ ପୂଜ୍ୟ ସ୍ୱର୍ଗତଃ ଡକ୍ଟର ରାଧାନାଥ ରଥଙ୍କ ଅନୁପ୍ରେରଣା ଓ ଆଶୀର୍ବାଦରେ ଓଡ଼ିଶା ଜନଗଣଙ୍କ ଖବରକାଗଜ ବୁଝାଉଥିବା 'ସମାଜ' ଶହେ ବର୍ଷ ଅତିକ୍ରମ କରିସାରିଛି। ବର୍ତ୍ତମାନ ସମୟରେ ସୁଯୋଗ୍ୟ ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀ ଦ୍ୱାରା ପ୍ରକାଶିତ ସମାଜ ତାର ନିରପେକ୍ଷତା ଓ ମୂଲ୍ୟବୋଧର ଆଦର୍ଶକୁ ବଜାୟ ରଖି ପ୍ରତିଟି ଓଡ଼ିଆଙ୍କ ପାଖରେ ନିଜ ଗୌରବର ଗାଥାକୁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ସମର୍ଥ ହୋଇଛି।

ଓଡ଼ିଶାରେ 'ବାବୁଜୀ' ନାମରେ ବେଶ ଲୋକପ୍ରିୟ ହୋଇପାରିଥିବା ଡକ୍ଟର ରାଧାନାଥ ରଥ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଥିବା ସମୟରେ ଯୁଗପୁରୁଷୋତ୍ତମ କଲ୍‌କୀ ଅନୁକୂଳଚନ୍ଦ୍ରଙ୍କ ପୁଣ୍ୟ ପାବନ କ୍ଷେତ୍ର ଦେଓଘର ଯାତ୍ରା କରିଥିଲେ। କରୁଣାମୟ ଶ୍ରୀ ଶ୍ରୀ ଠାକୁର ତାଙ୍କୁ 'ପବିତ୍ର ଲାଠି' ଦିବ୍ୟଆଶୀର୍ବାଦକ୍ରମେ ପ୍ରଦାନ କରିଥିଲେ। ତାଙ୍କ ସୁକନ୍ୟା ସମାଜର ପୂର୍ବତନ ସମ୍ପାଦିକା ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଡକ୍ଟର ମନୋରମା ମହାପାତ୍ର ଅନେକ କାର୍ଯ୍ୟକ୍ରମରେ କହିଛନ୍ତି ଯେ 'ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ଲାଠିକୁ ବାବୁଜୀ ପ୍ରତି ଦିନ ନିଜ କର୍ମମୟ ଜୀବନ ଆରମ୍ଭ କରିବା ସମୟରେ ସ୍ପର୍ଶପୂର୍ବକ ପ୍ରଣିପାତ କରି ବାହାରକୁ ଯାଉଥିଲେ ଏବଂ ଫେରିବା ସମୟରେ ଏହି ପବିତ୍ର କୃପାକୁ ଦିବ୍ୟ ପ୍ରଣାମ ପୂର୍ବକ ଗୃହ ପ୍ରବେଶ କରୁଥିଲେ'। ଶ୍ରୀ ଶ୍ରୀ ଠାକୁର ଡକ୍ଟର ରାଧାନାଥ ରଥଙ୍କୁ ଜଣେ 'ଗୁଡ଼ସୋଲ' ବୋଲି ମନ୍ତବ୍ୟ ଦେଇଥିଲେ। ଆଜିବି ଦେଓଘରର ମ୍ୟୁଜିୟମରେ କୃପାମୟ ଶ୍ରୀ ଶ୍ରୀ ଠାକୁର ପବିତ୍ର ଲାଠି ପ୍ରଦାନ କରୁଥିବାର ଡକ୍ଟର ରାଧାନାଥ ରଥଙ୍କ ଫଟୋ ସ୍ଥାନିତ ହୋଇଛି। ଆଦର୍ଶବାଦୀ, ନିରାଡ଼ମ୍ବର ଏହି ଶତାବ୍ଦୀ ପୁରୁଷ ଅତ୍ୟନ୍ତ ସଶ୍ରଦ୍ଧ ଚିରେ ସମାଜର ପୃଷ୍ଠପୋଷକ ଭାବରେ ଦଣ୍ଡାୟମାନ ହୋଇ ଏବଂ ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଭାଷାରେ ପ୍ରବୀଣତା ଲାଭ କରି ଓଡ଼ିଶାର ସାମ୍ବାଦିକତାକୁ ଏକ ବଳିଷ୍ଠ ତଥା ବିଶିଷ୍ଟ ଆସନରେ ପହଞ୍ଚାଇ ପାରିଥିଲେ। ନିରପେକ୍ଷ ଭାବରେ ଦୋଷ ଦୁର୍ବଳତାକୁ ସମାଲୋଚନା କରି ସରକାରଙ୍କୁ ଉପଯୁକ୍ତ ମାର୍ଗ ଦେଖାଇବା ତାଙ୍କ ସମ୍ପାଦକ ଜୀବନର ସର୍ବଶ୍ରେଷ୍ଠ କର୍ମ ଥିଲା।

୧୯୬୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ପ୍ରଦାନ କରିଥିଲେ। ୧୯୭୬ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିବା ସହ ୧୯୭୭ ମସିହାରେ ପ୍ରାଥମିକ ଶିକ୍ଷା ପୁର୍ନଗଠନ କମିଟିର ଚେୟାରମ୍ୟାନ ପଦରେ ସେ ନିଯୁକ୍ତି ପାଇଥିଲେ। ଓଡ଼ିଶା ଗୋମଙ୍ଗ ସମିତିର ସେ ସଭାପତି ଥିଲେ। ହିନ୍ଦୀ କୁଷ୍ଠ ନିବାରଣ ସଂଘର ସେ ଉପସଭାପତି ଭାବରେ ସେ ନିଯୁକ୍ତି ଲାଭ କରିଥିଲେ। ୧୯୮୨ ଠାରୁ ଉତ୍କଳ ରିଲିଫ୍ କମିଟିର ସେ ସଭାପତି ଥିଲେ। ୧୯୯୮ ମସିହା ଫେବୃଆରୀ ୧୨ ତାରିଖ ଅଗ୍ନିପୂର୍ଣ୍ଣିମା ରାତି ୧ଟା ବେଳେ ତାଙ୍କର ସୁଦୀର୍ଘ କର୍ମମୟ ଜୀବନର ପରିସମାପ୍ତି ଘଟିଥିଲା। ସମାଜ ପରିସର ତାଙ୍କର ବ୍ୟକ୍ତିତ୍ୱର ସୁରଭିତ ସଂସ୍ପର୍ଶରେ ଏକ ମନ୍ଦିରାଙ୍ଗନରେ ପରିଣତ ହୋଇଥିଲା। ତାଙ୍କ ସାହିତ୍ୟ କୃତି ଉଲ୍ଲେଖଯୋଗ୍ୟ। 'ମୋ ଜେଲ ସ୍ମୃତି ଲିପି' ତାଙ୍କର ପ୍ରସିଦ୍ଧ କୃତି। ସାହିତ୍ୟ ଏକାଡ଼େମୀ, ସମେତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଡ.ରାଧାନାଥ ରଥ ୧୮୯୬ ଡିସେମ୍ବର ୬ ଆଜିର ଦିନ ଆଠଗଡ଼ର ରାଧାନାଥପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ। ମାନବ ଚି ଦୌର୍ବଲ୍ୟର ସସୀମ ପରିଧିର ପଙ୍କିଳ ଆବେଷ୍ଟନୀ ମଧ୍ୟରୁ ନିଜର ସଂକଳ୍ପ ଓ ସାଧନାଦ୍ୱାରା ମଣିଷ ଯେ ନିଜକୁ ଉଦ୍ଧାରକରିବାକୁ ସାମର୍ଥ୍ୟ ଲାଭ କରିପାରେ ପଦ୍ମଭୂଷଣ ରାଧାନାଥ ଏହାର ଅନ୍ୟତମ ଦୃଷ୍ଟାନ୍ତ।


ମୋ. ୯୪୩୭୦୫୧୯୫୭

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର  ୬ ଡିସେମ୍ବର ୨୦୨୫ ଶନିବାର  ପୃଷ୍ଠା ୫


# ମାନସିକ କାରଣରୁ ଶାରୀରିକ ରୋଗ

■ ଡା. ସମ୍ରାଟ କର



**ସା**ଧାରଣ ଜୀବନରେ ଏହା ବହୁଳ ପରିମାଣରେ ଦେଖାଦିଏ । ମୁଣ୍ଡବିନ୍ଧା ଠାରୁ ଆରମ୍ଭ କରି କେତେକ ପ୍ରକାର ହୃଦ୍‌ରୋଗ, ଅନ୍ତଃସ୍ରାବୀ ରୋଗ ଯଥା- ମଧୁମେହ, ଆଜ୍‌ମା, ଥାଇରଏଡ୍ ରୋଗ, ପାକଯନ୍ତ୍ର ରୋଗ, ପାଟିଘା', ଗଳଗଣ୍ଡ ରୋଗ, ପାକସ୍ଥଳୀ ଘା' ଅନ୍ତନଳୀର ରୋଗ ଇତ୍ୟାଦି ହୋଇଥାଏ । ମାନସିକ କାରଣଜନିତ ଶାରୀରିକ ରୋଗ ସମ୍ପର୍କରେ ବୁଝିବାକୁ ହେଲେ ଆମକୁ କେତେକ ନିର୍ଦ୍ଦିଷ୍ଟ ମନସ୍ତାତ୍ତ୍ୱିକ ପଦ୍ଧତି ସମ୍ପର୍କରେ ପ୍ରଥମେ ଜାଣିବାକୁ ପଡ଼ିବ ଚ

ପ୍ରଥମ ପଦ୍ଧତିରେ ମନର ଅବସ୍ଥାକୁ ତିନିଭାଗରେ ବିଭକ୍ତ କରାଯାଇଛି ଯଥା-



**ଚେତନ ମନ** : ଯେଉଁ କଥା ଯେଉଁ ଘଟଣା ବା ଯେଉଁ ବସ୍ତୁ ଆମେ ପଚାରିବା କ୍ଷଣି ସଙ୍ଗେ ସଙ୍ଗେ ଉତ୍ତର ଦେଇପାରୁ ବା ନିଜକୁ କୌଣସି ଏକ ଅଘଟଣରୁ ସଙ୍ଗେ ସଙ୍ଗେ ଶୀଘ୍ର ରକ୍ଷା କରିପାରୁ ତେବେ ତାହା ଚେତନ ମନ ଦ୍ୱାରା ପରିଚାଳିତ ହେଲା ବୋଲି ଜାଣିବା ।

**ଅବଚେତନ ମନ** : ଯେଉଁ କଥା, ଯେଉଁ ଘଟଣା ବା ଯେଉଁ ବସ୍ତୁ ଆମେ ଜାଣିଥିଲେ ମଧ୍ୟ ସଙ୍ଗେ ସଙ୍ଗେ ଉତ୍ତର ଦେଇହୁଏ ନାହିଁ ବା କରିହୁଏ ନାହିଁ ଓ ଏହା ଲିଭିବା ପାଇଁ ସମୟ ଲାଗେ ସେଗୁଡ଼ିକ ଅବଚେତନ ମନ ଦ୍ୱାର। ପରିଚାଳିତ ହୋଇଥାଏ ।

**ଅଚେତନ ମନ** : ଯେଉଁ କଥା, ଯେଉଁ ଘଟଣା ଯେଉଁ ବସ୍ତୁ ଆମେ ଜାଣିଥିଲେ ମଧ୍ୟ ଦରକାର ବେଳେ ଆଦୌ ମନେ ପଡ଼େ ନାହିଁ, କିନ୍ତୁ ସେହି ପୂର୍ବ ଅଭିଜ୍ଞତାରୁ କାର୍ଯ୍ୟ ସମ୍ପାଦିତ ହୋଇପାରେ ତାହାକୁ ଅଚେତନ ମନ କହନ୍ତି ।

କିନ୍ତୁ ଏହି ତିନିପ୍ରକାର ମନର ଅବସ୍ଥାକୁ ଗୋଟିଏ ସରଳ ଉଦାହରଣ ଦ୍ୱାରା ବୁଝାଇ ଦିଆଯାଇପାରିବ । ନୌକାରେ ବସି ଯାତ୍ରା କରୁଥିବାବେଳେ ନୌକାର କାତର ଉପର ଅଂଶକୁ ପୂରା ଦେଖିହୁଏ ତେଣୁ ଏହା ଚେତନ ମନ । ସେହି କାତଟିର କିଛି ଅଂଶକୁ ପାଣିରେ ନିରୀକ୍ଷଣ କଲେ ବଙ୍କାହୋଇ ଝାପ୍‌ସା ଦେଖାଯାଏ । ତାହାକୁ ଅବଚେତନ ମନ କୁହାଯାଏ । କାତର ବଡ଼ ଅଂଶଟି, ଯାହାକି ପାଣି ଭିତରେ ବୁଡ଼ି ରହିଥାଏ ଏବଂ ଆଦୌ ଦେଖିହୁଏ ନାହିଁ ତାହା ଅଚେତନ ମନ ଅନ୍ତର୍ଭୁକ୍ତ ଅଟେ ।

ଏହି ମାନସିକ ପଦ୍ଧତିରେ ଆମର ଦୈନନ୍ଦିନ ପରିଚାଳନା କାର୍ଯ୍ୟ ସମ୍ପାଦିତ ହୋଇଥାଏ



। ଏହି ମନସ୍ତାତ୍ତ୍ୱିକ କ୍ରିୟା ପ୍ରଥମ ପଦ୍ଧତି ପରି ତିନୋଟି ନିୟମରେ ପରିଚାଳିତ ହୁଏ, ଯଥା –

**ଇଦ୍** : ଏହି ଭାବନାଗୁଡ଼ିକ ତତ୍‌କ୍ଷଣାତ୍ ମନରେ ପ୍ରବେଶ କରେ ଓ ଆବେଗ ଇଚ୍ଛାଶକ୍ତି ହିସାବରେ ପରିଗଣିତ ହୋଇଥାଏ । ଉଦାହରଣ ସ୍ୱରୂପ ହଠାତ୍ ବଡ଼ଲୋକ ହେବାକୁ, ବଡ଼ ନେତା ହେବାକୁ, ବଡ଼ ଖେଳାଳି ହେବାକୁ, ବଡ଼ ଗାୟକ ବା ଗାୟିକା ହେବାକୁ ମନ କରିବା ଏହାର ଅନ୍ତର୍ଭୁକ୍ତ ଚ

**ଇଗୋ** : ଏହା ମନର ବାସ୍ତବବାଦୀ ବ୍ୟବସ୍ଥା । ଉଦାହରଣ ସ୍ୱରୂପ ଆମେ ନିଜର ପରିସ୍ଥିତି ଯଥା ବିଦ୍ୟାବୁଦ୍ଧିରେ ଯେଉଁ ଅବସ୍ଥାରେ ଅଛୁ ସେହି ଅବସ୍ଥାର ମନକୁ ଇଗୋ ମନ କୁହାଯାଏ । ଏହି ଇଗୋ ମନ ବାସ୍ତବ ସ୍ଥଳରେ ମଧ୍ୟ ଦୁଇ ପ୍ରକାରର ହୁଏ । ଗୋଟିଏ ହେଉଛି ପରିସ୍ଥିତିକୁ ବିଚାରକୁ ନେଇ ବଢ଼ିବାକୁ ବା ବଡ଼ ହେବାକୁ ଭାବିବା ଓ ଅନ୍ୟଟି ହେଉଛି ପ୍ରକୃତ ପରିସ୍ଥିତିର ମନର ଅବସ୍ଥା । ଯେତେବେଳେ ପରିସ୍ଥିତିକୁ ଲକ୍ଷ୍ୟ କରି ଉଚ୍ଚ ହେବାକୁ ଭାବନା ଯୁକ୍ତିଯୁକ୍ତ ହୋଇଥିଲେ ବି କୌଣସି କାରଣରୁ ସମ୍ପାଦିତ ହୋଇପାରେ ନାହିଁ, ସେତେବେଳେ ମନରେ ନୈରାଶ୍ୟ ଆସିଥାଏ ଓ ବାରମ୍ବାର ଏହି ନୈରାଶ୍ୟ ଆସିଲେ ମନ ବିଷାଦ ରୋଗଗ୍ରସ୍ତ ହୁଏ ।

**ସୁପର ଇଗୋ** : ପିଲାଦିନ ଠାରୁ ବଢ଼ିବା ପର୍ଯ୍ୟନ୍ତ ବାପ, ମା', ପରିବାର, ସମାଜ ଓ ପରିସ୍ଥିତିରୁ ଯେଉଁ ଶିକ୍ଷା ଆମ ମନକୁ ସଭ୍ୟତା ଶିଖାଇଥାଏ ତାହାକୁ ସୁପର ଇଗୋ କହନ୍ତି । ଭୁଲ କାମ କଲେ ମନରେ ଦୁଃଖ ଆସେ, ଅନୁତାପ ହୁଏ । ଏହାକୁ ସୁପର ଇଗୋର ପ୍ରତିକ୍ରିୟା ବୋଲି କହନ୍ତି ।

ବୟସର ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ମସ୍ତିଷ୍କର ମଧ୍ୟ ଅଭିବୃଦ୍ଧି ହୋଇଥାଏ । ଏହା ୧୬ ବର୍ଷ ବୟସରେ ବା କେତେକଙ୍କ ମତରେ ୧୮ ବର୍ଷ ବୟସରେ ସମ୍ପୂର୍ଣ୍ଣ ହୋଇଥାଏ । ପିଲାଦିନରେ ଯେ କୌଣସି ଅବାସ୍ତବ କଥା କୋମଳ ମସ୍ତିଷ୍କରେ ସତ୍ୟ ବୋଲି ବୁଝି ହୋଇଯାଏ । ସେଥିପାଇଁ ପିଲାଦିନରୁ ଭୂତପ୍ରେତ ସମ୍ପର୍କୀୟ ଘଟଣା ମା' ବା ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କ ଠାରୁ ଶୁଣି ସେହି ଭୟ ବଡ଼ ହେବା ବେଳକୁ ରହିଯାଏ । ୧୨ ବର୍ଷରୁ ୧୮ ବର୍ଷ ବୟସ ଭିତରେ ମସ୍ତିଷ୍କରୁ ଦ୍ରୁତ ଅଭିବୃଦ୍ଧି ଘଟେ । ସେହି ସମୟରେ ଆମେ ମନ ଭିତରେ କିଭଳି ଗୋଟିଏ ବଡ଼ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ଅଫିସର, କଳାକାର ବା ଖେଳାଳି ହେବୁ ସେଥିପାଇଁ ଚିନ୍ତା ଓ ଚେଷ୍ଟା ଅହରହ ଲାଗିରହେ । ଯଦି ସୌଭାଗ୍ୟରୁ ମନ ବୁଝିଲାପରି ବଡ଼ ପଦବୀ ମିଳିଗଲା ତାହେଲେ ତ ଭଲ



କଥା, ନଚେତ୍ ସେହି ବଡ଼ ବା ଭଲ ହେବା ପାଇଁ ମନ ଭିତରେ ସବୁବେଳେ ଏକ ଅନ୍ତର୍ନିହିତ ଇଚ୍ଛା ରହିଥାଏ । ବ୍ୟକ୍ତିଗତ ଜୀବନ ପାରିବାରିକ ପରିସ୍ଥିତି, ସାମାଜିକ ସାହାଯ୍ୟ ସହାନୁଭୂତି ଯଦି ଠିକ୍‌ଠାକ ମିଳିଗଲା ତେବେ ବଡ଼ ନ ହେଲେ ବି ଭଲ ମଣିଷ ହେବାପାଇଁ ମନ ବୁଝିଯାଏ । କିନ୍ତୁ ସାଧାରଣ କ୍ଷେତ୍ରରେ ଏହା ସମ୍ଭବ ହୁଏ ନାହିଁ ଓ ମନର ଈପ୍‌ସିତ ବାସନା ଭୁଲିଗଲେ ବି ଭିତରେ ଭିତରେ ସବୁବେଳେ ମନକୁ ଯନ୍ତ୍ରଣା ଦିଏ ଓ ଶରୀରରେ ବିଭିନ୍ନ ରୋଗ ପ୍ରକାଶ ପାଇଥାଏ ।

କୌଣସି ନା କୌଣସି କାରଣରୁ ଅଶାନ୍ତି ମସ୍ତିଷ୍କରେ ଥିବା ଲିମ୍ବିକ୍ ସିଷ୍ଟମର କାର୍ଯ୍ୟକାରିତାରେ କୁପ୍ରଭାବ ପକାଏ ଓ ମସ୍ତିଷ୍କର ସ୍ୱେଚ୍ଛାକୃତ ସ୍ନାୟୁଗୁଡ଼ିକର ପରିଚାଳନାରେ ତ୍ରୁଟି ଦେଖାଯାଏ । ଫଳରେ ଉଚ୍ଚ ରକ୍ତଚାପ ଓ ଅନ୍ୟାନ୍ୟ ହୃତ୍‌ପିଣ୍ଡ ରୋଗ, ପେପ୍‌ଟିକ୍ ଅଲସର ପାକକ୍ରିୟାର ବିଭିନ୍ନ ରୋଗ, ଚର୍ମରୋଗ ଓ ବିଭିନ୍ନ ପ୍ରକାର ସ୍ନାୟୁ ରୋଗ ଇତ୍ୟାଦି ଦେଖାଦିଏ ।

**ଚିକିତ୍ସା** : ଏହି ରୋଗଗୁଡ଼ିକର ଚିକିତ୍ସା କରିବା ସମୟରେ ରୋଗୀର ମାନସିକ ଅବସ୍ଥାର ଚିକିତ୍ସା ନକଲେ ରୋଗ ଭଲ ହୁଏ ନାହିଁ । ତେଣୁ ଡାକ୍ତରମାନେ ଏହି ରୋଗଗୁଡ଼ିକର ଚିକିତ୍ସା କରିବା ସମୟରେ ରୋଗୀର ଜୀବନ ବୃତ୍ତାନ୍ତ ଜାଣି ଚିକିତ୍ସା କରିବା ଦରକାର ।

# ନିଦ୍ରାହୀନତାର କାରଣ ଓ ପ୍ରତିକାର



ମନୁଷ୍ୟ ଶରୀର ପାଇଁ ଉପଯୁକ୍ତ ପରିମାଣରେ ନିଦ୍ରାର ଆବଶ୍ୟକତା ରହିଛି । ଆବଶ୍ୟକ ପରିମାଣରେ ନିଦ୍ରା ନ ହେଲେ ମନୁଷ୍ୟ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ ତଥା ଅସୁସ୍ଥ ହୋଇଯାଏ । ଏହି ପରିପ୍ରେକ୍ଷୀରେ ନିଦ କିପରି ହୁଏ ତାହା ସର୍ବପ୍ରଥମେ ଆମର ଜାଣିବା ଉଚିତ୍ । ଆମ ଶରୀରର କାର୍ଯ୍ୟ ମସ୍ତିଷ୍କ ଦ୍ୱାରା ପରିଚାଳିତ ହୁଏ । ମସ୍ତିଷ୍କକୁ ଶରୀରରୁ ଏବଂ ଶରୀରକୁ ମସ୍ତିଷ୍କରୁ ସ୍ନାୟୁ ଦ୍ୱାରା ଖବର ଯାଏ । ତେଣୁ ପ୍ରତ୍ୟେକ କାର୍ଯ୍ୟର ନିୟନ୍ତ୍ରକ ଆମର ମସ୍ତିଷ୍କ । ସବୁ କାମର ତଦାରଖ କରି କରି ମସ୍ତିଷ୍କର କୋଷଗୁଡ଼ିକ ଅବଶ ହୋଇଯାଆନ୍ତି ଓ ବିଶ୍ରାମ ଦରକାର କରନ୍ତି । ମସ୍ତିଷ୍କର ଏହି ସାମୟିକ ବିଶ୍ରାମ ହେଉଛି ନିଦ୍ରା ।

**ନି**ଦ୍ରାକୁ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ବିଶ୍ଳେଷଣ କରାଯାଇପାରେ :

**ଦ୍ରୁତ ଚକ୍ଷୁଦୋଳନ ବିହୀନ** : ଏଥିରେ ଶୋଇଥିବା ସମୟରେ ଲୋକଟି ଧୀରେ ଧୀରେ ଆଖି ବୁଲାଇଥାଏ । ଏହା ଚାରିଗୋଟି ପର୍ଯ୍ୟାୟରେ ବିଭକ୍ତ । ପ୍ରଥମ ପର୍ଯ୍ୟାୟରେ ଲୋକଟି ବହୁତ ଧୀରେ ଆଖି ବୁଲାଇଥାଏ । ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ହେଉଛି ମଧ୍ୟବର୍ତ୍ତୀ ଅବସ୍ଥା । ଚତୁର୍ଥ ପର୍ଯ୍ୟାୟ ହେଉଛି ଗଭୀର ନିଦ୍ରାବସ୍ଥା । ଏହି ଚାରିଗୋଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୯୦ ମିନିଟ୍ ସମୟ ଲାଗେ । ଏହାପରେ ପୁଣି ଦ୍ରୁତ ଚକ୍ଷୁ ଦୋଳନ ଆରମ୍ଭ ହୁଏ । କେଉଁ ପର୍ଯ୍ୟାୟରେ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି ତାହା ଉପରେ ନିଦ୍ରାହୀନତାର ପ୍ରଭାବ ନିର୍ଭର କରେ ।

**ଦ୍ରୁତ ଚକ୍ଷୁଦୋଳନ** : ଏଥିରେ ଲୋକଟି ଜୋରରେ ଆଖି ବୁଲାଇଥାଏ ।

**କାହାର କେତେ ନିଦ ଦରକାର ?**

ଜନ୍ମ ଠାରୁ ଏକମାସ ପର୍ଯ୍ୟନ୍ତ ଶିଶୁଟି ଦିନକୁ ୨୨ଘଣ୍ଟା ଶୋଇବା ଦରକାର । ଦୁଇମାସର ଶିଶୁ ୨୦ଘଣ୍ଟା, ଚାରିମାସର ଶିଶୁ ୧୬ ଘଣ୍ଟା ଓ ୧ ବର୍ଷର ଶିଶୁ ଦିନକୁ ୧୪ ଘଣ୍ଟା ଶୋଇଥାନ୍ତି । ସେହି ସମୟରେ ଶିଶୁର ମସ୍ତିଷ୍କର ସ୍ନାୟବିକ ଅଭିବୃଦ୍ଧି ଘଟିଥାଏ । ଏହାକୁ ଇନ୍‌ସୁଲେସନ ପ୍ରକ୍ରିୟା କୁହାଯାଏ । ଏହି ସମୟରେ ଶବ୍ଦ ପ୍ରଦୂଷଣ ବା କୌଣସି ରୋଗଦ୍ୱାରା ନିଦ୍ରାରେ ବ୍ୟାଘାତ ହେଲେ ମାନସିକ ଅଭିବୃଦ୍ଧି ଗଭୀର ଭାବରେ ବାଧାପ୍ରାପ୍ତ ହୋଇଥାଏ । ପିଲାମାନଙ୍କର ନିଦ ପତଳା, ତେଣୁ ଅନେକ ପିଲା ରାତି ଅଧରେ ଚମକି ଉଠନ୍ତି ଏବଂ କୌଣସି କାରଣ ନଥାଇ ରାହା ଧରି କାନ୍ଦନ୍ତି ।

ଅନେକ ପିଲା ଦୁଇରୁ ପାଞ୍ଚବର୍ଷ ଭିତରେ ହଠାତ୍ ନିଦରୁ ଉଠିପଡ଼ି ଭୟଭୀତ ହୋଇ କାନ୍ଦନ୍ତି ବା ଥରନ୍ତି ଏବଂ ଦେହରୁ ବହୁତ ଝାଳ ବୋହୁଥାଏ । ନିଦ୍ରାର ଦୁଇ ତିନିଘଣ୍ଟା ପରେ ଏହା ଆରମ୍ଭ ହୋଇଥାଏ ଓ ସମୟେ ସମୟେ ଏହା ପାଞ୍ଚମିନିଟ୍ ଠାରୁ ତିରିଶ ମିନିଟ୍ ପର୍ଯ୍ୟନ୍ତ ରହେ ଏବଂ ଗୋଟିଏ ରାତିରେ ଦୁଇ ତିନିଥର ଠାରୁ ଆଠ ଦଶଥର ପର୍ଯ୍ୟନ୍ତ ହୋଇପାରେ । ଶିଶୁକୁ ବାଧ କରି ଅତ୍ୟଧିକ ଖୁଆଇଲେ ବା କମ୍ ଖୁଆଇଲେ କିମ୍ବା ପେଟରେ କୃମି ହେଲେ ଏହିପରି ନିଦ ଗୋଳମାଳ ହୁଏ । ଶୋଇବା ସମୟରେ ଉଚ୍ଚ ତକିଆ ଦେଲେ, ଶିଶୁର ଗଳାରେ ଟନ୍‌ସିଲ ଥିଲେ ବା ଥଣ୍ଡା ରୋଗ ଥିଲେ ନିଦରେ ବ୍ୟାଘାତ ଘଟେ ।

**ବୟସ୍କ ଓ ବୃଦ୍ଧ** : ବୟସ୍କ ଓ ବୃଦ୍ଧ ବ୍ୟକ୍ତିଙ୍କର ନିଦ ପତଳା ହୋଇଥାଏ । ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଦିନକୁ ୫/୬ଘଣ୍ଟା ଶୋଇବା ଉଚିତ । ଶୋଇବା ଘରେ ବାୟୁ ଚଳାଚଳର ଅଭାବ, ଖାଦ୍ୟପେୟ ଅସୁବିଧା ବା ମାନସିକ ଚିନ୍ତା ଯୋଗୁଁ ବୟସ୍କ ଲୋକମାନଙ୍କର ଉତ୍ତମ ନିଦ୍ରା ହୋଇନଥାଏ । ନିଦ କମିଗଲେ ସେମାନଙ୍କର ହୃଦ୍‌ରୋଗ, ମୂତ୍ରାଶୟ ରୋଗ ଓ ଫୁସ୍‌ଫୁସ୍ ରୋଗ ଆରମ୍ଭ ହୋଇଥାଏ । ତେଣୁ ନିଦ କମିଗଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । କେତେକ ବ୍ୟକ୍ତି ନିଶା ବଟିକା ବା ମଦ ବ୍ୟବହାର କରି ନିଦ୍ରା ଯାଆନ୍ତି । ଏହା ଅଭ୍ୟାସରେ ପଡ଼ିଗଲେ ବିନା ନିଶାରେ ସେମାନଙ୍କର ନିଦ ହୁଏନାହିଁ । ଏହି ନିଶାଗୁଡ଼ିକ ମନୁଷ୍ୟର ଧୀଶକ୍ତି, ସ୍ମରଣ ଶକ୍ତି ଓ ଶରୀରର ଭାରସାମ୍ୟ ଶକ୍ତି ଉପରେ ଯଥେଷ୍ଟ କୁପ୍ରଭାବ ପକାଏ, ତେଣୁ ଏହାର ନିରାକରଣ ଆବଶ୍ୟକ ।

ଛାତ୍ରମାନେ ଏକାଗ୍ର ଭାବରେ ବେଶିଦିନ ରାତ୍ରି ଅନିଦ୍ରା ହେବା ଅନୁଚିତ । ଏହାଦ୍ୱାରା ମସ୍ତିଷ୍କ ଉପରେ କୁପ୍ରଭାବ ପଡ଼ିଥାଏ ।

ସେହିପରି ଗାଡ଼ି ଚଳାଉଥିବା ବ୍ୟକ୍ତି ୫/୬ଘଣ୍ଟା ଧରି ଏକାଗ୍ର ଭାବରେ ଗାଡ଼ି ଚଳାଇ ମଝିରେ ମଝିରେ ବିଶ୍ରାମ ନେଇ ଗାଡ଼ି ଚଳାଇବା ଉଚିତ । ନିଦ୍ରାହୀନତା କାରଣ ନିଦ୍ରା ସହିତ ବିଭିନ୍ନ ସ୍ନାୟବିକ ଜୀବର ରାସାୟନିକ ଓ ମାନସିକ ପ୍ରକ୍ରିୟା ସଂଶ୍ଳିଷ୍ଟ ଥିବାରୁ ବହୁବିଧ କାରଣ ପର୍ଯ୍ୟାଲୋଚନା କରିବା ଦରକାର ।

**ନିଦ ନ ହେବା କାରଣ** :

ଅତ୍ୟଧିକ ଉତ୍କଣ୍ଠା : କୌଣସି ବିଷୟରେ ଜାଣିବା ପାଇଁ କିମ୍ବା କାହାର ଆସିବାକୁ ଅତ୍ୟଧିକ ଉତ୍କଣ୍ଠା ସହିତ ପ୍ରତୀକ୍ଷା କରିବା ।

**ବିଷାଦ ରୋଗ** : କୌଣସି କାରଣରୁ ଅତ୍ୟଧିକ ମାନସିକ ବିଷାଦ ହେଲେ ।

**ଉନ୍ମାଦ ରୋଗ** : ଉନ୍ମାଦ ବା ମାନସିକ ରୋଗ ଆରମ୍ଭ ହେଲେ ।



**ଅତ୍ୟଧିକ ଯନ୍ତ୍ରଣା ହେତୁ** : କୌଣସି ଶାରୀରିକ ରୋଗ ହେତୁ ଶରୀରରେ ଅତ୍ୟଧିକ ଯନ୍ତ୍ରଣା ହେଲେ ।

ଲଟାକାଶ, ଯକ୍ଷ୍ମା, ଶ୍ୱାସ ପ୍ରଭୃତି ହେଲେ ନିଦ୍ରାରେ ବ୍ୟାଘାତ ଘଟେ ।

ସ୍ନାୟବିକ ରୋଗ ଯଥା ମାଇଗ୍ରେନ୍ ହେଲେ ।

**ପରିସ୍ଥିତି ଜନିତ** : ଯୁଦ୍ଧର ଭୟାବହତା, ବନ୍ୟା ଓ ବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ, ନିଜର ଆତ୍ମୀୟ କେହି ଡାକ୍ତରଖାନାରେ ଥିଲେ ବା ରୋଗଗ୍ରସ୍ତ ଥିଲେ ରାତ୍ରି ଡ୍ୟୁଟି, ବିବାହ ଆଦି ସାମାଜିକ ଉତ୍ସବ ସମୟରେ ।

ଦୈନନ୍ଦିନ ଜୀବନ ପ୍ରଣାଳୀରେ ପରିବର୍ତ୍ତନ ଯଥା ବିଦେଶରୁ ପ୍ରତ୍ୟାବର୍ତ୍ତନ କଲେ ।

**ନିଶାସକ୍ତ** : ନିଶାସକ୍ତ ବ୍ୟକ୍ତି ନିଶାଦ୍ରବ୍ୟ ବ୍ୟବହାର ନକଲେ ।

ଉପରୋକ୍ତ ଯେ କୌଣସି କାରଣରୁ ନିଦ ନହେଲେ ଏହାର ଚିକିତ୍ସା କରିବା ଦରକାର କାରଣ ଶରୀର ପାଇଁ ଆବଶ୍ୟକ ପରିମାଣର ବିଶ୍ରାମ ନ ହେଲେ ପରେ ଏହା ଶରୀରର ବିଭିନ୍ନ ଶାରୀରିକ ଓ ମାନସିକ ରୋଗର କାରଣ ହୋଇଥାଏ । ନିଦ୍ରାହୀନତା ନିରାକରଣ ପାଇଁ ଔଷଧ ମୁଖ୍ୟତଃ ରୋଗର ପ୍ରକାର ଭେଦ ଉପରେ ନିର୍ଭର କରିଥାଏ । ନିଦ୍ରାକାରୀ ଔଷଧ ଆଇନ୍‌କାନୁନ୍ ଅନୁଯାୟୀ ଡାକ୍ତରଙ୍କ ବିନା ପରାମର୍ଶରେ କିଣିବା ବା ବିକିବା ନିଷିଦ୍ଧ ହେଲେ ମଧ୍ୟ ଆଜିକାଲି ନିଶାସକ୍ତ ବ୍ୟକ୍ତିମାନେ ଏହାକୁ ଯେ କୌଣସି ଉପାୟରେ ହସ୍ତଗତ କରି ଏହାର ଦୁରୁପଯୋଗ କରୁଛନ୍ତି, କିନ୍ତୁ ଏହିଭଳି କରିବା ଅନୁଚିତ । କାରଣ ଏହାଦ୍ୱାରା ଶରୀରର ଅନେକ କ୍ଷତି ହୋଇଥାଏ । ନିଦ ନହେବା ଅନେକଗୁଡ଼ିଏ ମୌଳିକ କାରଣ ଉପରେ ନିର୍ଭର କରେ । ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରିସାରିବା ପରେ ଔଷଧ ବ୍ୟବହାର କରିବା ଉଚିତ ।

ନିଦ୍ରାହୀନତାର ଭୟାବହ ପରିମାଣରୁ ଦୂରେଇ ରହିବାପାଇଁ କିଛି ନିୟମ ମାନି ଚଳିବା ଉଚିତ :

ନିୟମାନୁବର୍ତ୍ତିତା – ନିଜର ଦୈନନ୍ଦିନ କାର୍ଯ୍ୟକ୍ରମ ଠିକ୍ ସମୟରେ କରିବା ଉଚିତ ।

ବ୍ୟାୟାମ – ଶାରୀରିକ ପରିଶ୍ରମ ଉତ୍ତମ ନିଦ୍ରା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଯେଉଁମାନେ ଶାରୀରିକ ପରିଶ୍ରମ କରନ୍ତି ନାହିଁ ସେମାନେ ସକାଳେ ସନ୍ଧ୍ୟାରେ ମୁକ୍ତ ବାୟୁରେ ବ୍ୟାୟାମ କରିବା ବା ଦୁଇ କିଲୋମିଟର ବାଟ ଚାଲିବା ଉଚିତ ।

ସବୁଦିନ ଏକା ସମୟରେ ନିଦରୁ ଉଠିବାକୁ ଚେଷ୍ଟା କରିବେ । ନିଶା ସେବନ କରିବେ ନାହିଁ । ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ ଗାଧୋଇବେ । ଶୋଇବା ଘରଟିକୁ ପରିଷ୍କାର ଓ ଶାନ୍ତ ରଖିବେ ।

ଯେ କୌଣସି କାରଣରୁ ନିଦ ନ ହେଲେ ବା ସାମାନ୍ୟ ମାନସିକ ଭାରସାମ୍ୟରେ ବ୍ୟତିକ୍ରମ ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଉପଯୁକ୍ତ ଚିକିତ୍ସା ଦ୍ୱାରା ସୁନିଦ୍ରା ଲାଭ କରନ୍ତୁ ।

*ମାନସିକରୋଗ ବିଭାଗ, ପୁରୀଘାଟ, କଟକ*

# ହୁଅନ୍ତୁ ପିଲାର ବନ୍ଧୁ

■ରାଜଶ୍ରୀ ରାଉତ



**ସ**ମୟ ଯେତେ ଆଗେଇ ଚାଲିଛି ସେହି ଅନୁପାତରେ ପାରିବାରିକ ବନ୍ଧନ ଶିଥିଳ ହେବାରେ ଲାଗିଛି । ପିଲାମାନେ ବାପା ମା'ଙ୍କ କଥା ଶୁଣିବାକୁ ରାଜି ହେଉନାହାନ୍ତି । ଅଭିଭାବକମାନେ ମଧ୍ୟ ସନ୍ତାନମାନଙ୍କ ପ୍ରତି ମାତ୍ରାଧିକ ସମ୍ବେଦନଶୀଳ ହୋଇପଡୁଛନ୍ତି । ପରିଣାମ ସ୍ୱରୂପ ସୃଷ୍ଟି ହେଉଛି ଜେନେରେସନ୍ ଗ୍ୟାପ୍ । ବାପା, ମା'ଙ୍କ ଠାରୁ ମାନସିକ ଭାବେ ଦୂରେଇ ଯାଉଛନ୍ତି ଆଜିକାଲିର ପିଲାମାନେ । ଏହି ପ୍ରସଙ୍ଗରେ ନିମ୍ନଲିଖିତ କେତେଗୁଡ଼ିଏ ଦିଗ ପ୍ରତି ଅଭିଭାବକମାନେ ଦୃଷ୍ଟି ଦେବା ଉଚିତ ।



■ ପିଲାମାନଙ୍କୁ ଆପଣାର କରିବାର ସବୁଠାରୁ ସହଜ ଉପାୟ ହେଲା ସେମାନଙ୍କ ସହିତ ବନ୍ଧୁତ୍ୱ ଗଢ଼ନ୍ତୁ । ପିଲା ଆଗରେ ନିଜ ମନକଥା ଖୋଲି କହନ୍ତୁ । ପିଲାଠାରୁ କିଛି ପରାମର୍ଶ ମାଗନ୍ତୁ । ଏହାଦ୍ୱାରା ସେ ବୁଝିପାରିବ ଯେ ବାପା ମା' ତାକୁ ନିଶ୍ଚିତ ଭାବେ ଗୁରୁତ୍ୱ ଦେଉଛନ୍ତି ।

■ ପିଲାମାନଙ୍କ କଥାକୁ ସମ୍ମାନ ଦେବା ଶିଖନ୍ତୁ । ଛୋଟ ପିଲା ବୋଲି ସେ ସେମାନଙ୍କର କୌଣସି ବିଷୟରେ କିଛି ଧାରଣା ନଥିବ, ସେମିତି ଭାବନ୍ତୁ ନାହିଁ । ଏଭଳି ଭାବନା ପିଲାମାନଙ୍କ କୋମଳ ମାନସିକତା ପ୍ରତି ଆଘାତ ପହଞ୍ଚାଇଥାଏ । ଆଜିକାଲିର ପିଲାମାନେ ଯଥେଷ୍ଟ ସଚେତନ । ସେମାନେ କ'ଣ କରୁଛନ୍ତି ତାହା ସେମାନଙ୍କୁ ବେଶ୍ ଭଲ ଭାବେ ଜଣା । ଅଭିଭାବକ ଭାବେ ଆପଣ ସେମାନଙ୍କ ପଥ ପ୍ରଦର୍ଶକ ହୁଅନ୍ତୁ । କିନ୍ତୁ ସବୁବେଳେ ସେମାନଙ୍କ ପଥରୋଧ କରିବା ଭଳି ଭୁଲ କରନ୍ତୁ ନାହିଁ ।

■ ବାପାମାନଙ୍କ ଉଦ୍ଦେଶ୍ୟରେ ଆଉ ଗୋଟିଏ କଥା ମଧ୍ୟ କୁହାଯାଉଛି । ଅନେକ ସମୟରେ ଆପଣଙ୍କ ସ୍ତ୍ରୀ ଓ ପିଲା ମଧ୍ୟରେ ମନୋମାଳିନ୍ୟ ହୋଇଥାଏ । ଏପରି ସ୍ଥଳେ ଆପଣ ସେ ଦୁଇଜଣଙ୍କ ମଧ୍ୟରେ ମଧ୍ୟସ୍ଥିର ଭୂମିକା ତୁଲାଇପାରିବେ । କିନ୍ତୁ ଅନ୍ଧ ଭାବେ ସ୍ତ୍ରୀ ବା ପିଲା ଜଣକ ମଧ୍ୟରୁ କାହାକୁ ସମର୍ଥନ କରନ୍ତୁ ନାହିଁ ।

■ ପିଲା ସହିତ ଯୋଗାଯୋଗ ରକ୍ଷା କରିବାକୁ ଚେଷ୍ଟା କରନ୍ତୁ । ବାପା, ମା'ଉଭୟେ କର୍ମଜୀବୀ ହୋଇଥିଲେ ଦିନର ଅଧିକାଂଶ ସମୟ ପିଲା ସହିତ ବିତାଇବା ସମ୍ଭବ ହୋଇପାରେ ନାହିଁ । ଏପରି ସ୍ଥଳେ ଘରକୁ ଫେରିଲା ପରେ ଅଧିକରୁ ଅଧିକ ସମୟ ପିଲା ସହିତ ବିତାଇବାକୁ ଚେଷ୍ଟା କରନ୍ତୁ । ପିଲାର ପାଠପଢ଼ାରେ ତାକୁ ସାହାଯ୍ୟ କରନ୍ତୁ । ଛୁଟିଦିନରେ ତା ସହିତ ବୁଲିବାକୁ କିମ୍ବା କିଛି ସପିଂ କରିବାକୁ ଯାଇପାରନ୍ତି ।

■ ପିଲାକୁ ବିଶ୍ୱାସ କରନ୍ତୁ । ଅଯଥାରେ ଅତ୍ୟଧିକ ସନ୍ଦେହ କଲେ ପିଲା ଆପଣଙ୍କ ଆଗରେ ନିଜ ମନକଥା ଖୋଲି କହିବାକୁ ସଙ୍କୋଚ କରିବ । ସାଧାରଣତଃ ମା'ମାନେ ଛୋଟ ଝିଅମାନଙ୍କ କଥା ଉପରେ ସହଜରେ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ଏଭଳି କରିବା ଦ୍ୱାରା ମା'ଓ ଝିଅଙ୍କ ମଧ୍ୟରେ ଦୂରତ୍ୱ ସୃଷ୍ଟି ହୋଇଥାଏ । ସବୁବେଳେ ସନ୍ଦେହ କରିବା ପରିବର୍ତ୍ତେ କିଛି କିଛି କ୍ଷେତ୍ରରେ ପିଲାର କଥା ଉପରେ ବିଶ୍ୱାସ କରିବାକୁ ଚେଷ୍ଟା କରନ୍ତୁ । ଦେଖିବେ ପିଲା ବି ଆପଣଙ୍କୁ କୌଣସି କଥାକୁ ଲୁଚାଇବ ନାହିଁ ।

■ ପିଲାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଶିଖାନ୍ତୁ । ନିଜ ଭୁଲରୁ ନିଜେ ଶିଖିପାରିଲେ





ସେମାନେ ଆଉ ପ୍ରତି କଥାରେ ଆପଣଙ୍କ ଉପରେ ନିର୍ଭର କରିବେ ନାହିଁ । ପିଲା ଭୁଲ କଲେ ବିରକ୍ତ ହେବା କିମ୍ବା ରାଗିଯିବା ପରିବର୍ତ୍ତେ କାହିଁକି ତା'ର ଭୁଲ ହେଲା ବୋଲି ତା ସହିତ ଆଲୋଚନା କରନ୍ତୁ ।

■ ପିଲାକୁ ନିଃସର୍ତ୍ତ ଭାବେ ଭଲ ପାଆନ୍ତୁ । ପିଲା ଭୁଲ କଲେ ବା ତା ପ୍ରତି ଭଲପାଇବାରେ ଊଣା କରନ୍ତୁ ନାହିଁ । ଆପଣଙ୍କ ଭଲପାଇବାରୁ ହିଁ ସେ ନିଜ ଜୀବନରେ ଠିକ୍ ଓ ଭୁଲ ବିଷୟରେ ନିଷ୍ପତ୍ତି ନେଇପାରିବ । କିନ୍ତୁ ଭଲପାଇବାରେ ଅନ୍ଧ ହୋଇ ତାର ପ୍ରତି କଥାକୁ ଆଖି ବୁଜି ସମର୍ଥନ କରନ୍ତୁ ନାହିଁ ।

■ ପିଲାର ସାଙ୍ଗସାଥୀଙ୍କୁ ମଧ୍ୟ ଘରେ ସ୍ୱାଗତ କରନ୍ତୁ । ଅନେକ ସମୟରେ ପିଲାମାନଙ୍କ ସାଙ୍ଗସାଥୀ ବାପା ମା'ଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟନ୍ତି । କିନ୍ତୁ ଆପଣ ସବୁବେଳେ ସେଇ ଗୋଟିଏ କଥାକୁ ନେଇ ପିଲା ଉପରେ ଅସନ୍ତୁଷ୍ଟ ରହନ୍ତୁ ନାହିଁ ।

■ ପିଲା ପ୍ରତି ସହନଶୀଳ ହୁଅନ୍ତୁ । ପିଲାର ଛୋଟ ଛୋଟ ଭୁଲରେ ଉତ୍ତ୍ୟକ୍ତ ହୋଇପଡ଼ନ୍ତୁ ନାହିଁ । ପିଲା ସହିତ ଚିତ୍କାର କରି କଥାବର୍ତ୍ତା କରନ୍ତୁ ନାହିଁ ।

■ ପିଲା ସହିତ ସମ୍ପର୍କର ଡ଼ୋରକୁ ମଜଭୁତ କରିବାକୁ ହେଲେ ତା ସହିତ ଯେତେ ଅଧିକ ସମ୍ଭବ ସମୟ ବିତାନ୍ତୁ ।

*ସେଭେନ୍‌ଷ୍ଟାର କିଡ୍‌ସ ସ୍କୁଲ, ସେକ୍ଟର-୧୧, ସିଡ଼ିଏ, କଟକ*

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୬ ଡିସେମ୍ବର ୨୦୨୫ । ଶନିବାର

## ମ୍ୟାନେଜମେଣ୍ଟ ଗ୍ରୁପର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ସୋର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବରଫକଳ ସ୍ଥିତ ଏକ ଠିକାସଂସ୍ଥା ମିଟର ମ୍ୟାନେଜମେଣ୍ଟ ଗ୍ରୁପର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ଜଣାପଡିଛି । ଏହି ସଂସ୍ଥାର ଡିଭିଜନ ଇନଚାର୍ଜ ସୁବ୍ରତ କୁମାର ବାରିକ, ରାକେଶ କୁମାର ପଣ୍ଡା, ଗଗନ ବିହାରୀ ପାତ୍ର, ମୃତ୍ୟୁଞ୍ଜୟ ତ୍ରିପାଠୀ, ବିଜନ ମାଝି ପ୍ରମୁଖଙ୍କ ଅଭିଯୋଗ ମୂଳେ ନୂତନ ଭାବେ ସଂଯୋଗୀକରଣ ହେଉଥିବା ବିଦ୍ୟୁତ ମିଟର ଓ ମରାମତି କରିବା ପାଇଁ ସୋରରେ ୬୦ଜଣ କର୍ମଚାରୀ କାମ କରୁଥିବା ବେଳେ ପୂର୍ବରୁ ନେଇଥିବା ଠିକା ସଂସ୍ଥାର କାର୍ଯ୍ୟ ଗତ ନଭେମ୍ବର ୩୦ ତାରିଖରୁ ଶେଷ ହୋଇଥିଲା । ପରେ ନୂତନ ଠିକା କମ୍ପାନୀ କେଆର ଏଣ୍ଟରପ୍ରାଇଜେସ୍ ଦାୟିତ୍ୱ ନେବା ଠାରୁ ପୁରୁଣା କର୍ମଚାରୀମାନଙ୍କୁ ବହିଷ୍କାର କରି ନୂତନ ଭାବେ ଅନ୍ୟ ଅଞ୍ଚଳରୁ ପିଲାମାନଙ୍କୁ ନେଇ କାମ କରିବାକୁ ଯୋଜନା କରି ପୁରୁଣା କର୍ମଚାରୀ ଟାର୍ଗେଟ ଅନୁସାରେ କାମ କରିବାକୁ ବାଧ୍ୟ କରିଥିଲା । ଏଥିରେ ୬୦ଜଣ ପୁରୁଣା କର୍ମଚାରୀ ରାଜି ନହୋଇ ବିଳମ୍ବରେ ଦରମା, ଟାର୍ଗେଟରେ କାମ ଓ ବିନା ଚୁକ୍ତି ପତ୍ରକୁ ବିରୋଧ କରି ଗତ ୧ ତାରିଖରୁ କାମ ବନ୍ଦ କରିଥିଲେ । ଆଜି ଠିକା ସଂସ୍ଥାର ଉଚ୍ଚପଦସ୍ତ ଅଧିକାରୀମାନେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ କର୍ମଚାରୀମାନେ ଧାରଣାରୁ ହଟିଥିଲେ । ଯଦି ପ୍ରତିଶ୍ରୁତି ପୂରଣ ନହୁଏ ତେବେ ଆଗାମୀ ଦିନରେ ପୁଣି ଥରେ ଧାରଣା ଦିଆଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ।

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବୃକ୍ଷ ରୋପଣ

**କେନ୍ଦ୍ରାପଡା,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ସହ ମଣ୍ଡଳଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା, ଶିକ୍ଷକ ସଂଘ ନେତା ମାନଭଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ବୃକ୍ଷର ଚାରା କାର୍ଯ୍ୟାଳୟ ପରିସରରେ ରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଜନମଞ୍ଚ ନେତାଙ୍କ ଶ୍ରଦ୍ଧାଞ୍ଜଳି

**ପଟ୍ଟାମୁଣ୍ଡାଇ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଜନମଞ୍ଚ ପକ୍ଷରୁ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷକ ନେତା ପାରେଶ୍ୱର ବିଶ୍ୱାଳଙ୍କ ବିୟୋଗରେ ଏକ ଶ୍ରଦ୍ଧାଳି ସଭା ବେଲତଳ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ଜନମଞ୍ଚ ଆବାହକ ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଉମାକାନ୍ତ ପାତ୍ର କାଉନସିଲର ମଳୟ ଓଝା, ରବୀନ୍ଦ୍ର ପରିଡା, ଅଭିରାମ ଲେଙ୍କା, କୃପାସିନ୍ଧୁ ସାମଲ, କାଳୀ ପ୍ରସାଦ ନାୟକ, ସର୍ବେଶ୍ୱର ସେଠୀ, ବାରେଣୀ ସେଠୀ, ବିଭୁ ପ୍ରସାଦ ଦାସ, ଗୌରହରି ଲେଙ୍କା, ଅନ୍ତର୍ଯ୍ୟାମୀ ପରିଡା, ଅଭିମନ୍ୟୁ ମଲ୍ଲିକ, କଳ୍ପତରୁ ମଲିକ, ସର୍ବେଶ୍ୱର ବାରିଜ, ଶୈଳେନ୍ଦ୍ର ମହାନ୍ତି, ଗୋକୁଳ ରାଉତ, ଶରତ ବିଶ୍ୱାଳ, ମନ୍ମଥ ନାୟକ, ବେଲାଲସେନ ପରିଡା, ସରୋଜ ପଣ୍ଡା, ରନ ଭୂୟାଁ ପ୍ରମୁଖ ଭାଷଣ ଦେଇ ଦିବଂଗତ ବିଶ୍ୱାଳ କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ମଦନପୁର କଟ କାର୍ଯ୍ୟକାରୀ କରିବା ଆଦି ଦାବୀ ପୂରଣ ପାଇଁ ଆନ୍ଦୋଳନ କରି ଆସୁଥିଲେ ବୋଲି ମତ ପ୍ରକାଶ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ସଭା ଦିବଂଗତ ବିଶ୍ୱାଳଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ସୁନୀଲ ପ୍ରଧାନ, ଅମୀୟ କର,ବାବାଜୀ ସାହୁ କୁ ବିହାରୀ ମଲ୍ଲିକ ପରିଚାଳନା କରିଥିଲେ ।

## ମହାବିଦ୍ୟାଳୟରେ ବିଶ୍ୱ ଏଡସ ଦିବସ

**କେନ୍ଦ୍ରାପଡା,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ରେଡକ୍ରସ ସମ୍ପାଦକ ତଥା ମହାବିଦ୍ୟାଳୟ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଯୋଗଦେଇ ଏଡସର ଭୟାବହତା ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାଶନିକ ଅଧିକାରୀ ପୂର୍ଣ୍ଣମାସୀ ପଣ୍ଡା, ଡ. ବାସନ୍ତୀ ଶୁକ୍ଳା, ଅଧ୍ୟାପକ ସୁବ୍ରତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଏଡସର ନିରାକରଣ ଓ ପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମହାବିଦ୍ୟାଳୟ ମୁଖଶାଳା ସମ୍ମୁଖରେ ଏକ ଏଡସ ସମ୍ପର୍କିତ ଏକ ସଚେତନତା ଧର୍ମୀ ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରେଡକ୍ରସର ସ୍ୱେଚ୍ଛାସେବୀ ମନୋଜ ଲେଙ୍କା, ରଶ୍ମୀଅଞ୍ଜନା ସାହୁ, ପ୍ରତିଭା ରାୟ, ଶୁଭଙ୍କର ସିଂ, ଅଭିନାସ ନାଥ ପ୍ରମୁଖ ପରିଚାଳନା କରିଥିଲେ ।

## ଜାତୀୟ ପାରା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ୨୦୨୫ ମସିହାରେ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଓଡ଼ିଶାର ପାରା କ୍ରୀଡ଼ାବିତ୍‌ମାନେ ଅଜସ୍ର ସଫଳତା ଅର୍ଜନ କରିଛନ୍ତି । ଓଡିଶା ଦଳ ଜାତୀୟ ହୁଇଲ୍ ଚେୟାର୍ ରଗ୍‌ବି ଚମ୍ପିୟାନ ହେବାଠାରୁ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ପୂର୍ବ ରେକର୍ଡକୁ ଭାଙ୍ଗି ୩୯ଟି ପଦକ ହାସଲ ପାଇଛି । ସେହିପରି ବିଶ୍ୱ ଆବିଲିଟି ପ୍ରତିଯୋଗିତାରେ ମଧ୍ୟ ଓଡିଶାର ପାରା କ୍ରୀଡ଼ାବିତ୍‌ମାନେ ଦେଶରୁ ପ୍ରତିନିଧିତ୍ୱ କରି ବିଭିନ୍ନ ବର୍ଗରେ ୧୨ଟି ପଦକ ହାସଲ କରିଛନ୍ତି । ଏହି ସଫଳ କ୍ରୀଡାବିତ୍‌ମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଶ୍ୟାମସୁନ୍ଦର ଗାଁର ପ୍ରଶାନ୍ତ କୁମାର ନାୟକ ଚମ୍ପିୟାନ୍‌ହୁଇଲ୍ ଚେୟାର୍ ରଗ୍‌ବି ଦଳର ସଦସ୍ୟ ରହିଛନ୍ତି । ସେହିପରି ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ବଳରାମ ସ୍ୱାଇଁ ୧୦୦ ମିଟର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଓ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମର ସୁଧୀର ମଲିକ ରୌପ୍ୟ ପଦକ ହାସଲ କରିଛନ୍ତି, ସେ ମଧ୍ୟ ଜାତୀୟ ହୁଇଲ୍ ଚେୟାର୍ ରଗ୍‌ବି ଦଳର ସକ୍ରିୟ ସଦସ୍ୟ ଅଛନ୍ତି । ଏହି ସଫଳ କ୍ରୀଡାବିତ୍‌ଙ୍କୁ ଭିନ୍ନକ୍ଷମଙ୍କ ଥେରାପି ସେବା ଓ ସଶକ୍ତିକରଣ ପାଇଁ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ଥାନୀୟ ମାଧପୁରସ୍ଥିତ ଅମରଉଦ୍ୟାନଠାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ବରିଷ୍ଠ ଜନପ୍ରିୟ ଚିକିତ୍ସକ ଡ଼ା ବିଶ୍ୱପ୍ରକାଶ କାନୁନ୍‌ଗୋ ଓ କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଅକ୍ଷମତାକୁ ଅତିକ୍ରମ କରିବାର ମନୋବଳ ଜଣେ ଦିବ୍ୟାଙ୍ଗକୁ କେବଳ ସଫଳ କରାଏ ନାହିଁ ବରଂ ଅତି ସମର୍ଥବାନ୍ ବୋଲି ପ୍ରମାଣିତ କରେ ଏବଂ ଏହି ସମ୍ବର୍ଦ୍ଧିତ କ୍ରୀଡ଼ାବିତମାନେ ତା'ର ଜୀବନ୍ତ ଉଦାହରଣ ବୋଲି ମତ ପ୍ରକାଶ କରିଥିଲେ । ପୁନର୍ବାସର ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାକୁ ମନୋରଞ୍ଜନ ସିଂହ, ସଂଜୀବ କୁମାର ଜେନା, ରାଜେନ୍ଦ୍ର ମହାପାତ୍ର, ଗୌତମ ବେହେରା, ଧରଣୀଧର ସେଠୀ, କେଦାର ନାଥ ବାରିକ ପ୍ରମୁଖ ପରିଚାଳନା କରିଥିଲେ । ଅନୁଷ୍ଠାନର ସଭ୍ୟ ସ୍ୱପ୍ନାଶୁ କୁମାର ଦାସ, ମହମ୍ମଦ୍ ଜାହିଦ୍ ଖାନ୍, ପ୍ରଶାନ୍ତ କୁମାର ସିଂହ, କମଳାକାନ୍ତ ବେହେରା, କ୍ଷୀରୋଦ କର ଆଦି କାର୍ଯ୍ୟକ୍ରମ ସମ୍ପାଦନାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ପରିଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚାୟତ ଜମି ଜବରଦଖଲ ଉଚ୍ଛେଦ ପାଇଁ ଦାବି



**ଖୋର୍ଦ୍ଧା,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ବ୍ଲକ ଅଧୀନ ବାଜପୁର ଗ୍ରାମପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ପରିପାର୍ଶ୍ୱରେ ରହିଥିବା ସରକାରୀ ଜମିକୁ କିଛି ଲୋକେ ଜବରଦଖଲ କରି ରଖିଥିବା ବେଳେ ପଞ୍ଚାୟତ କାର୍ଯ୍ୟରେ ଲାଗି ପାରୁନାହିଁ । ଯାହା ଫଳରେ ପଂଚାୟତର ପାଚେରୀ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ପଞ୍ଚାୟତ କାର୍ଯ୍ୟାଳୟର ପାଚେରୀ ନଥିବା ହେତୁ ପଞ୍ଚାୟତକୁ ଆସୁଥିବା ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ବହୁ ଦିନ ଧରି ବାଦବିବାଦ ଲାଗି ରହିଥିବା ବେଳେ ଏହାକୁ ସମାଧାନ କରିବା ନିମନ୍ତେ ରାଜସ୍ୱ ବିଭାଗର ଖୋର୍ଦ୍ଧା ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପଞ୍ଚାୟତ ଜମି ଚିହ୍ନଟ କରିବା ସହିତ ଜବରଦଖଲକାରୀଙ୍କୁ ଉଠାଇବା ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା । ଖାଲି ଯେ ଜିଲ୍ଲା ପ୍ରଶାସନ ଏହାକୁ ମାପଚୁପ କରିଥିଲା ତାହା ନୁହଁ ବରଂ ଏହାକୁ ଉଚ୍ଛେଦ କରିବା ନିମନ୍ତେ ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରିଥିଲା କିନ୍ତୁ କାର୍ଯ୍ୟରେ ଦେଖିବାରେ ଅକ୍ଷମ ହୋଇଥିଲା । ଯାହାକୁ ନେଇ ସରପଞ୍ଚ ଓ ଗ୍ରାମବାସୀ ମିଳିତ ଭାବରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକଷ୍ଟରେ ମଧ୍ୟ ଅଭିଯୋଗ କରିଥିବା ବେଳେ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କିନ୍ତୁ ଦୁଃଖର ବିଷୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମଧ୍ୟ ଜିଲ୍ଲା ପ୍ରଶାସନ ଅମାନ୍ୟ କରି କିଛି କୁଜିନେତାଙ୍କ ପ୍ରରୋଚନାରେ ଚାପି ହୋଇ ପଞ୍ଚାୟତବାସୀଙ୍କ ଉପରେ ଅନ୍ୟାୟ କରୁଥିବା ବାଜପୁର ପଞ୍ଚାୟତର ସରପଞ୍ଚ କେଦାରେଶ୍ୱର ପୃଷ୍ଟି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ପଞ୍ଚାୟତବାସୀଙ୍କ ହିତରେ ଜିଲ୍ଲାପ୍ରଶାସନ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି । ସରପଞ୍ଚଙ୍କ କହିବା ଅନୁଯାଇ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ହେତୁ ଜବର ଦଖଲକାରୀମାନେ ପଞ୍ଚାୟତ ଜମି ଉପରେ ପକା ଘର କରିବାକୁ ବସିଲେଣି । ଏହାକୁ ଯଦି ପ୍ରଶାସନ ଏବେ ନ ରୋକିପାରିବ ତେବେ ଆଗାମୀ ଦିନରେ ଜିଲ୍ଲାପ୍ରଶାସନକୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଯେତିକି କଷ୍ଟ ହେବ ସେହି ତୁଳନାରେ ଯାହାର ଜବରଦଖଲ ଉଚ୍ଛେଦ କରାଯିବ ତାହାର ଅନେକ ଧନ ହାନି ମଧ୍ୟ ହେବ । ତେଣୁ ଜିଲ୍ଲା ପ୍ରଶାସନ ସରକାରୀ ସମ୍ପତ୍ତିର ରକ୍ଷକ ହୋଇଥିବାରୁ ଏହାକୁ ତୁରନ୍ତ କାର୍ଯ୍ୟ କରି ପଞ୍ଚାୟତ ବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିବା ଦେଖିବାକୁ ମିଳିଛି ।

## 'ଭଞ୍ଜସାହିତ୍ୟରେ ଜୀବନଜିଜ୍ଞାସା : ଏକ ଶାସ୍ତ୍ରୀୟ ସମୀକ୍ଷଣ'



**ଭୁବନେଶ୍ୱର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱର ଆନୁକୂଲ୍ୟରେ ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ସମ୍ମିଳନୀ କକ୍ଷରେ 'ଭଞ୍ଜସାହିତ୍ୟରେ ଜୀବନଜିଜ୍ଞାସା : ଏକ ଶାସ୍ତ୍ରୀୟ ସମୀକ୍ଷଣ' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ସମ୍ମାନନୀୟ ପରାମର୍ଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବାଉରୀବନ୍ଧୁ ସାହୁ ଯୋଗଦାନ କରି ଭଞ୍ଜସାହିତ୍ୟରେ ଶାସ୍ତ୍ରୀୟତା ସଂପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ । ପୂର୍ବାଞ୍ଚଳ ଭାଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନଙ୍କ ସହିତ ବହୁ ଗବେଷକ ଓ ଶିକ୍ଷାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଟୋଇ, ଡ. ଅମ୍ବରୀଶ ଶତପଥୀ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ପ୍ରମୋଦିନୀ ଜେନା, ଡ. ସୁଦୀପ୍ତା ଭଟ୍ଟାଚାର୍ଯ୍ୟ, ରୂପଶ୍ରୀ ଧର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଗବେଷିକା ଡ. ହିମାଦ୍ରି ତନୟା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ ଗବେଷିକା ଡ. ମନସା ଶ୍ରୀଚନ୍ଦନ ରାୟ ଧନ୍ୟବାଦ ପ୍ରଦାନ କରିଥିଲେ । ଅନୁଷ୍ଠାନର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ବାଗ କାର୍ଯ୍ୟକ୍ରମ ସଫଳତା ପାଇଁ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

## ବିଶ୍ୱ ଏଡ଼ସ ଦିବସ

**କେନ୍ଦ୍ରାପଡ଼ା,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଭାରତ'ର ଟିଆଇ ପ୍ରକଳ୍ପ ପକ୍ଷରୁ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି । ଏହା ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟନାଥ ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା । ପ୍ରକଳ୍ପ ଅଧିକାରୀ ରୋଜାଲିନ ଦାଶ, ଆଡ୍‌ଭାଇଜର ଦେବେନ୍ଦ୍ର କୁମାର ରାଉତ ଓ ସୁପରଭାଇଜର ବ୍ରଜ କିଶୋର ଜେନାଙ୍କ ତତ୍ତ୍ୱାବଧାନତାରେ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକ୍‌ରେ ସଚେତନତା ଶୋଭାଯାତ୍ରା ଓ କ୍ୟାଣ୍ଡେଲ ଶୋଭାଯାତ୍ରାମାନ ଅନୁଷ୍ଠିତ ହୋଇଥିଲା । ମହିଳାମାନଙ୍କୁ ନେଇ ରଙ୍ଗୋଲି, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଟ ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସୁଧାଂଶୁ ଶେଖର ସ୍ୱାଇଁ, ନଳୀନପ୍ରଭା ନାୟକ, ମୀନାଲତା ନାୟକ, ମିତାଂଜଳୀ ଜେନା, ଖୁରସିନା ବେଗମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅଧାରେ ରହିଲା ଗୋପ ବାଇପାସ କାମ



**ଗୋପ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ନୂତନ ସରକାର ଆସିବା ପ୍ରାୟ ୨ ବର୍ଷ ବିତିଯାଇଛି ସତ କିନ୍ତୁ ଏହି ୨ ବର୍ଷ ମଧ୍ୟରେ ଗୋପ ଅଞ୍ଚଳର ଭାଗ୍ୟରେ କୌଣସି ପରିବର୍ତ୍ତନ ହୋଇପାରିଲା ନାହିଁ । ତତ୍କାଳୀନ ସରକାରଙ୍କ ସମୟରେ ଯେଉଁ କିଛି କାର୍ଯ୍ୟର ଭିତ୍ତିପ୍ରସ୍ତର ବା ଶିଳାନ୍ୟାସ ହୋଇଥିଲା ତାହା ଆଜି ପର୍ଯ୍ୟନ୍ତ ସରିପାରିଲାନାହିଁ । ଏହା କ'ଣ ଭାଗ୍ୟର ବିଡମ୍ବନା ନା ଲୋକ ପ୍ରତିନିଧିଙ୍କ ଇଚ୍ଛା ଶକ୍ତିର ଅଭାବ ଏହା ଏବେ ସାଧାରଣରେ ଚର୍ଚ୍ଚା ହେଉଛି । ଗୋପ ବ୍ଲକର ୧୪ଟି ପଞ୍ଚାୟତ ଯେହେତୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଅନ୍ତର୍ଭୁକ୍ତ ସେଥିପାଇଁ ଅନେକ ଆଶା ଓ ବିଶ୍ୱସ ଥିଲା ଗୋପ ଅଞ୍ଚଳର ଭାଗ୍ୟରେ ନିଶ୍ଚିତ ପରିବର୍ତ୍ତନ ହେବ । ୨୦୨୪ କୋଣାର୍କ ଉତ୍ସବ ପୂର୍ବରୁ ଶ୍ରୀମତୀ ପରିଡା ଗୋପ ବାଇପାସ ନିର୍ମାଣକାରୀ ସଂସ୍ଥାର ଠିକାଦାରଙ୍କୁ ତାଗିଦ କରିଥିଲେ କି କୋଣାର୍କ ଉତ୍ସବ ଆରମ୍ଭ ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଥିବ । ଇତିମଧ୍ୟରେ ଉପ ମୁଖ୍ୟମନ୍ତ୍ରୀଙ୍କ ସମୟରେ ୨ଟି କୋଣାର୍କ ଉତ୍ସବ ଅତିକ୍ରମ କରିସାରିଲେଣି ସତ କିନ୍ତୁ ଗୋପର ବାଇପାସ ନିର୍ମାଣ କାର୍ଯ୍ୟ ଅଧାରେ ହି ରହିଗଲା । ପୂର୍ବନିର୍ଦ୍ଧାରିତ ବ୍ୟୟ ବରାଦ ଅନୁଯାଇ ଉକ୍ତ କାର୍ଯ୍ୟ ସଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ କି ସମୟ ସୀମା ମଧ୍ୟରେ ସମାପ୍ତ ହୋଇପାରିଲାନାହିଁ । ଉକ୍ତ ବାଇପାସ ନିର୍ମାଣ ପାଇଁ ୫ ସହରୁ ଊର୍ଦ୍ଧ୍ୱ ନଡ଼ିଆ ଗଛକୁ କଟାଗଲା କି ବନ୍ଧର ଓସାର ଅଧିକ କରାଯିବ । ଯାହାଫଳରେ କି ଗାଡି ମଟର ଯାତାୟାତରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହେବ, କିନ୍ତୁ ରାସ୍ତାରେ ଓସାର ବୃଦ୍ଧି କରାଗଲାନାହିଁ । ସମସ୍ୟାର ସମାଧାନ ପାଇଁ ଆବଦ୍ୟକୀୟ ଅନୁଯାଇ ଯଦି କୌଣସି କାର୍ଯ୍ୟ ନ ହୁଏ ତେବେ ତାହା ସାଧାରଣରେ ମୂଲ୍ୟହୀନ ବୋଲି କୁହାଯାଏ । କୋଣାର୍କ ଏକ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାକୁ ଦୈନିକ ହଜାର ହଜାର ସଂଖ୍ୟାରେ ଦେଶ ଓ ବିଦେଶରୁ ପର୍ଯ୍ୟଟକମାନେ ଭ୍ରମଣ କରିବାକୁ ଆସିଥାନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟକଙ୍କ ନିମନ୍ତେ କୋଟି କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି ସେମାନଙ୍କର ଯେପରିପରି କୌଣସି ପ୍ରକାରର ଅସୁବିଧା ନହୁଏ । ଏଠାରେ ପର୍ଯ୍ୟଟକମାନଙ୍କର ସମସ୍ୟାର ସମାଧାନ କଥା ବିଭାଗୀୟ ଅଧିକାରୀ ଓ ଠିକାଦାର ଏବଂ ଲୋକ ପ୍ରତିନିଧି ଭୁଲିଯାଯାଉଛନ୍ତି । ବାଇପାସ ନିର୍ମାଣରେ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ୍ୟ ତାହା ଅତି ନିମ୍ନମାନର ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇସାରିଲାଣି । କୋଣାର୍କ ଉତ୍ସବ ସରିଗଲା କିନ୍ତୁ ଗୋପର ଟ୍ରାଫିକ ସମସ୍ୟାର ସମାଧାନ ନିମନ୍ତେ ନିର୍ମାଣ ହେଉଥିବା ବାଇପାସ କାର୍ଯ୍ୟ ସରିପାରିଲାନାହିଁ ।

## ପେନସନର୍ସ ଆସୋସିଏସନର କାର୍ଯ୍ୟକାରିଣୀ

**ଖୋର୍ଦ୍ଧା,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ପେନସନର୍ସ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଶ୍ୟାମ ମାଧବ ବାସନ୍ତୀ ଦେବୀ ସ୍ମାରକୀ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ବୈଠକରେ ଶାଖାର ସମ୍ବିଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ସଂଶୋଧନ କରାଯାଇଛି । ସଭ୍ୟମାନଙ୍କ ଠାରୁ ଏଣିକି ବାର୍ଷିକ ଦୁଇଶହ ଟଙ୍କା ଅଦାୟ କରାଯିବନି । ବରଂ ଆଜୀବନ ସଭ୍ୟ ଚାନ୍ଦା ୫୦ ଶହ ଟଙ୍କା ଆଦାୟ ଲାଗି ବୈଠକରେ ନିଷ୍ପତ୍ତି ହୋଇଛି । ସେହିପରି କେବଳ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ସଭ୍ୟ ହେବାର ବ୍ୟବସ୍ଥା ପ୍ରବର୍ତ୍ତିତ କରାଯାଇଛି । ଅଧିକରୁ ଅଧିକ ସଭ୍ୟ ହୋଇ ରାଜ୍ୟ ପେନସନର୍ସ ଆସୋସିଏସନ ସହିତ ଅନୁବନ୍ଧିତ ହେବାପାଇଁ ନିଷ୍ପତ୍ତି ହୋଇଛି । ଆଲୋଚନାରେ ଉପସଭାପତି ବିମଳ ଚନ୍ଦ୍ର ଷଡଙ୍ଗୀ, ସମ୍ପାଦକ ନସିମୁଦ୍ଦିନ ଖାନ୍, ସତ୍ୟବାଦୀ ବଳିୟାରସିଂହ, ବୈକୁଣ୍ଠନାଥ ମହାପାତ୍ର, ଦେବପ୍ରସାଦ ମଜୁମଦାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ । ଶେଷରେ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ ।

## ତାରିଣୀ ମନ୍ଦିର ପ୍ରକଳ୍ପ ଶିଳାନ୍ୟାସ ପ୍ରସ୍ତୁତି



**କେନ୍ଦୁଝର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୭ ତାରିଖରେ ଘଟଗାଁ ମା'ତାରିଣୀ ମନ୍ଦିର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳାନ୍ୟାସ କରିବେ । ଏହି ବିଶେଷ କାର୍ଯ୍ୟକ୍ରମରେ କିପରି ହଜାର ହଜାର ଭକ୍ତ ସାମିଲ ହୋଇ ମା'ଙ୍କ ସାନିଦ୍ଧ ଲାଭ କରିବେ ସେଥିପାଇଁ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ନେତା ଛୋଟେଲାଲ ମହାନ୍ତ, ରାଜ୍ୟ ସମ୍ପାଦିକା ମମତା ରାଣୀ ସିଂହ, ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, କେନ୍ଦୁଝର ନଗରପାଳ ନିକୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାଏକ, ଦିଲ୍ଲୀପ କୁମାର ମିଶ୍ର, ଶମ୍ଭୁନାଥ ରାଉତ, ପୃଥ୍ୱୀରାଜ କୁଅଁର, ପୂର୍ବତନ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା । ଏବଂ ରାଧାକାନ୍ତ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର ମଞ୍ଚାସିନ ହୋଇ ମା'ତାରିଣୀଙ୍କ ଭକ୍ତମାନେ କିପରି ଶୃଙ୍ଖଳିତ ଦର୍ଶନ ସହିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଞ୍ଚ ପରିଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ମଣ୍ଡଳ ସଭାପତି ତଥା ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲ୍ଲା କୃଷକ ଉତ୍ପାଦକ ସଂଗଠନର ଅନୁଭବ ବିକାଶ ଭ୍ରମଣ




**ଢେଙ୍କାନାଳ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ୩ଟି କୃଷକ ଉତ୍ପାଦକ ସଂଗଠନର ୧୫ ଜଣ ନିର୍ଦ୍ଦେଶକ ମଣ୍ଡଳୀ ଓ ସଦସ୍ୟମାନେ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର କୃଷକ ଉତ୍ପାଦକ ସଂଗଠନର ଦାୟିତ୍ୱରତ ଅଧିକାରୀ ଡ଼.ରୋଜାଲିନ ମହନ୍ତଙ୍କ ନେତୃତ୍ୱରେ ଏବଂ ଜଗତସିଂପୁର କୃଷି ବିଜ୍ଞାନ କେନ୍ଦ୍ରର କୃଷକ ଉତ୍ପାଦକ ସଂଗଠନର ଦାୟିତ୍ୱରତ ଅଧିକାରୀ ସସ୍ମିତା ପୁରୋହିତଙ୍କ ସହଯୋଗରେ, ଗତ ୩ତାରିଖରେ ଏକ ବ୍ୟାପକ ଅନୁଭବ ବୃଦ୍ଧିର ଶିକ୍ଷାତ୍ମକ ଭ୍ରମଣରେ ଅଂଶଗ୍ରହଣ କରି ଅମୃତା କୃଷକ ଉତ୍ପାଦକ ସଙ୍ଗଠନ, ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରକୁ ଭ୍ରମଣ କଲେ । ଏହି ଭ୍ରମଣର ମୁଖ୍ୟ ଲକ୍ଷ୍ୟ ଥିଲା - ବିଭିନ୍ନ କୃଷି ଓ ଉଦ୍ୟମୀତା ସମ୍ପର୍କିତ ପ୍ରୟୋଗ, ନୂଆ ପ୍ରଯୁକ୍ତି, ଉତ୍ପାଦନ ବୃଦ୍ଧି ଓ କୃଷି ମୂଲ୍ୟ ବୃଦ୍ଧିର ପ୍ରାୟୋଗିକ ତଥ୍ୟ ସମ୍ପର୍କରେ ସାକ୍ଷାତ୍ ଅନୁଭବ ପ୍ରାପ୍ତ କରିବା । ଭ୍ରମଣର ପ୍ରଥମ ଗନ୍ତବ୍ୟ ଥିଲା ଅମୃତା କୃଷକ ଉତ୍ପାଦକ ସଙ୍ଗଠନ ଯାହା ଦୁଗ୍ଧ ଆଧାରିତ ମୂଲ୍ୟ ବୃଦ୍ଧି ଉଦ୍ୟମ ପାଇଁ ଚେଷ୍ଟା କରୁଅଛି । ସଦସ୍ୟମାନେ ଏଠାରେ ଛେନା, ପନିର୍, ଘିଅ, ଖୁଆ, ପେଡା ଇତ୍ୟାଦି ପ୍ରସ୍ତୁତି ପ୍ରକ୍ରିୟାକୁ ନିଜ ଚକ୍ଷୁରେ ଦେଖିନେଲେ । ଏହି ପ୍ରୟୋଗ ଗୁଡିକରେ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ର-ମିଲ୍କ ସେପାରେଟର, ପାସ୍‌ଚେରାଇଜର, ଚିଜ୍ ୟୁନିଟ୍ ଇତ୍ୟାଦିର ବ୍ୟାପକ ପ୍ରଦର୍ଶନ ଦେଖି ସଦସ୍ୟମାନେ ଦୁଗ୍ଧ ଉତ୍ପାଦନରୁ କିପରି ଅଧିକ ଆର୍ଥିକ ଲାଭ ହାସଲ କରିପାରିବେ ସେ ବିଷୟରେ ନୂଆ ଧାରଣା ପାଇଲେ । ଦ୍ୱିତୀୟ ଗନ୍ତବ୍ୟ ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନ, ଯେଉଁଠାରେ ସଦସ୍ୟମାନେ ୧୩୮ଟି ସ୍ଥାନୀୟ ଧାନ ପ୍ରଜାତିର ପ୍ୟୁର୍ ଲାଇନ୍ ସର୍ଟ୍ଟିଂ ପ୍ରକ୍ରିୟା ବିଷୟରେ ଯଥାର୍ଥ ତଥ୍ୟ ଅଧିଗତ କଲେ । ପୁରୁଣା ଧାନ ପ୍ରଜାତିକୁ ସୁରକ୍ଷିତ କରି ଉତ୍କୃଷ୍ଟ ବୀଜ ବିକାଶ ପ୍ରୟାସ ଏହି କୃଷକ ଉତ୍ପାଦକ ସଙ୍ଗଠନର ଏକ ମୁଖ୍ୟ ଅଭିନବ ପଦକ୍ଷେପ । ସେଠାରେ ସଦସ୍ୟମାନେ ସିଡ ପ୍ରସେଶିଂ ୟୁନିଟ୍, କ୍ଲିନିଂ, ଗ୍ରେଡିଂ, ଡ୍ରାଇଂ ଓ ପେକେଜିଂ ପ୍ରକ୍ରିୟାକୁ ଦେଖି ବୀଜ ପ୍ରସ୍ତୁତି ବିଷୟରେ ଜ୍ଞାନ ଅର୍ଜନ କଲେ । ଭ୍ରମଣର ଶେଷ ଗନ୍ତବ୍ୟ ଥିଲା କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଯେଉଁଠାରେ କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନେ ମୃତ୍ତିକାର ଜୀବାଣୁ, ପୋଷକ ତତ୍ତ୍ୱ ଓ ବୃଦ୍ଧିତା ନିର୍ଣ୍ଣୟ ପଦ୍ଧତିକୁ ମୃତ୍ତିକା ପରୀକ୍ଷାଗାରରେ ନିକଟରୁ ଅନୁଭବ କଲେ । ଏତତ୍ ବ୍ୟତୀତ ପ୍ଲାଣ୍ଟ ହେଲ୍ଥ କ୍ଲିନିକ୍‌ରେ ରୋଗ-କୀଟ ଚିହ୍ନଟ ଓ ବୈଜ୍ଞାନିକ ବ୍ୟବସ୍ଥାପନ ବିଷୟରେ ବ୍ୟାପକ ଜ୍ଞାନ ପ୍ରାପ୍ତ କଲେ । କମ୍ ଜାଗା ଓ କମ୍ ପାଣିରେ ମାଛ ଚାଷ ପାଇଁ ଏକ ଲାଭଜନକ ପଦ୍ଧତି ଭାବେ ବାୟୋଫ୍ଲକ୍ ଚାଷ ପ୍ରଣାଳୀ ସମ୍ବନ୍ଧରେ ଜାଣିଲେ ଏବଂ ଜିଆଖତ ଚାଷ, ଆଜୋଲା ଚାଷ, ନର୍ସରୀରେ ଚାରା ପ୍ରସ୍ତୁତି, ପାକଶାଳା ବଗିଚା ଇତ୍ୟାଦି ଭ୍ରମଣ କରିଥିଲେ । ଏହି ସମଗ୍ର ଭ୍ରମଣ ସଦସ୍ୟମାନଙ୍କ ମଧ୍ୟରେ ମୂଲ୍ୟ ବୃଦ୍ଧି ଉଦ୍ୟମ, ବୈଜ୍ଞାନିକ କୃଷି ବିଷୟରେ ନୂଆ ଆଶା ଓ ଉତ୍ସାହ ସୃଷ୍ଟି କରିଛି । ଏହି ଅନୁଭବ ସେମାନଙ୍କୁ ଭବିଷ୍ୟତରେ ସ୍ଥାୟୀ କୃଷି ଓ ଆର୍ଥିକ ଦୃଢ଼ତା ଭଳି ଲକ୍ଷ୍ୟ ପୂରଣ ପାଇଁ ନିଶ୍ଚୟ ଅବଦାନ ରଖିବ ।

# କଂଗ୍ରେସରେ ବଢୁଛି ଅସନ୍ତୋଷ

### ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନି ବରିଷ୍ଠ ନେତାଙ୍କୁ

**ଯାଜପୁର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା କଂଗ୍ରେସର ନୂତନ ସଭାପତି ମାଗୁଣି ଜେନା ଦାୟିତ୍ୱ ନେଲା ପରେ ଜିଲ୍ଲାସ୍ତରୀୟ ଦୁଇଟି କାର୍ଯ୍ୟକ୍ରମ କରିଥିଲେ ମଧ୍ୟ କଂଗ୍ରେସ ଦଳର ପୁରୁଖା ନେତା କାର୍ଯ୍ୟକ୍ରମରେ ଦେଖିବାକୁ ମିଳିନଥିଲେ । କଂଗ୍ରେସ ଦଳରେ ନୂତନ ସଭାପତି ଚୟନକୁ ନେଇ ଅସନ୍ତୋଷ ବଢୁଥିବା ଯୋଗୁ କୌଣସି ବରିଷ୍ଠ ନେତା ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଉନଥିବା ଦେଖିବାକୁ ମିଳିଛି । ନଭେମ୍ବର ୧୦ ତାରିଖରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ସମସ୍ୟା ନେଇ ଦଳ ପକ୍ଷରୁ ଗଣ ଧାରଣା ଦିଆଯାଇଥିବା ବେଳେ ଏହି ଗଣଧାରଣାରେ କେବଳ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କ ବ୍ୟତୀତ ଦଳର ଅନ୍ୟ କୌଣସି ବରିଷ୍ଠ ନେତା ଯୋଗ ଦେଇନଥିଲେ । ଏପରିକି ବୁଧବାର ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରାଯାଇଥିଲେ ମଧ୍ୟ କୌଣସି ପୁରୁଖା ନେତା ଯୋଗ ଦେଇନଥିଲେ । ଏପରିକି ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର, ମନୋଜ ରାଉତ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଦିଗମ୍ବର କର, ଯୁବନେତା ସୁଦିପ୍ତ କର, ବିଭୂତି ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ କଂଗ୍ରେସ ନେତା କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳୁଛି । ଯାହାଦ୍ୱାରା କି ଦଳ ଉପରେ ଏହାର କୁପ୍ରଭାବ ପକାଇବା ସହ ବହୁ ଦଳୀୟ କର୍ମୀ ଦଳ ଠାରୁ ମୁହଁ ଫେରାଇବା ଆରମ୍ଭ କଲେଣି । ଦୀର୍ଘ ୨୫ବର୍ଷ ଧରି ବହୁ ଝଡ଼ଝଞ୍ଜା ସହି ଦଳରେ ପଡ଼ିରହିଥିବା ବହୁ ବରିଷ୍ଠ ନେତା ଓ କର୍ମୀ ଏବେ ନିଜକୁ ଅସୁରକ୍ଷିତ ମଣି ଦଳ ଠାରୁ ଦୂରେଇ ରହୁଥିବା ଦେଖିବାକୁ ମିଳିଛି । ଦଳୀୟ ସଭାପତି ଚୟନ ପୂର୍ବରୁ ମନୋନୀତ ଓ ସହମତି ଭିତ୍ତିରେ କରାଯାଉଥିଲା । ଚଳିତ ବର୍ଷ ସଭାପତି ଚୟନ ଭିନ୍ନ ଧରଣର କରାଯିବ ବୋଲି କେନ୍ଦ୍ର ଓ ରାଜ୍ୟ ନେତୃମଣ୍ଡଳ ଚିନ୍ତା କରି ତୃଣମୂଳସ୍ତରରୁ ଲୋକଙ୍କ ମତାମତ ନେଇ ନିଷ୍ପତ୍ତି ପ୍ରଦେଶ କଂଗ୍ରେସ କମିଟି ଆଗରେ ଉପସ୍ଥାପନ କରିଥିଲେ । ସମସ୍ତ ନିଷ୍ପତ୍ତିକୁ ଦଳିମକଚି ପ୍ରଦେଶ କଂଗ୍ରେସ କମିଟି ଜଣେ ନୂତନଙ୍କୁ ସଭାପତି ଘୋଷଣା କରିବା ପରେ ଦଳରେ ଅସନ୍ତୋଷ ଦେଖା ଦେଇଥିଲା । ଏପରିକି ବହୁ ବରିଷ୍ଠ କଂଗ୍ରେସ ନେତା ଏ ସମ୍ପର୍କରେ ପ୍ରଦେଶ କଂଗ୍ରେସ କମିଟିର ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ । ନୂଆପଡ଼ା ନିର୍ବାଚନ ପରେ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତାଙ୍କୁ ପ୍ରଦେଶ କଂଗ୍ରେସ କମିଟି ଅବଗତ କରିଥିଲେ ।

## ଗାଳ୍ପିକା ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ 'କଥା ପ୍ରଜାପତି' ଲୋକାର୍ପିତ



**ଭୁବନେଶ୍ୱର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଲ ଗପର ଆଦର ସବୁବେଳେ ରହିଆସିଛି ଯାହା ପାଠକଙ୍କୁ ଆହୁରି ଗଳ୍ପ ପଢ଼ିବା ପାଇଁ ଉତ୍ସାହିତ କରି ଆସୁଅଛି । ଯେଉଁ ଗପ ସମାଜରେ ଘଟୁଥିବା ଘଟଣାକୁ କେନ୍ଦ୍ର କରି ଲେଖା ହୋଇଥାଏ, ସେହି ଗପ ପାଠକର ହୃଦୟକୁ ଛୁଇଁଥାଏ ବୋଲି କହିଛନ୍ତି ମୁଖ୍ୟଅତିଥି କବି ଓ ଉପନ୍ୟାସିକ ପବିତ୍ର ମୋହନ ଦାଶ । ଅଭିମାନ ପ୍ରକାଶନ ଦ୍ୱାରା ପ୍ରକାଶିତ ଗାଳ୍ପିକା ସ୍ନିଗ୍ଧା ସାହୁଙ୍କ ଗଳ୍ପ ପୁସ୍ତକ କଥା ପ୍ରଜାପତିର ଉନ୍ମୋଚନ ଅବସରରେ ନରାଜ ଠାରେ ଆୟୋଜିତ ସଭାରେ ଯୋଗଦେଇ ମୁଖ୍ୟବକ୍ତା ଗାଳ୍ପିକ ପୀତବାସ ରାଉତରାୟ ସ୍ନିଗ୍ଧା ସାହୁଙ୍କ ଗଳ୍ପ ଉପରେ ଆଲୋକପାତ କରି କହିଲେ ଯେ ଗାଳ୍ପିକାଙ୍କ ଲେଖାରେ ଭରି ରହିଥିବା ମାନବୀୟ ସମ୍ବେଦନା ପାଠକଙ୍କୁ ବାନ୍ଧି ରଖିବାରେ ସକ୍ଷମ ଅଟେ । ଲେଖିକା ଜଣେ ଚିତ୍ରଶିଳ୍ପୀ ହୋଇଥିବାରୁ ତାଙ୍କ ଗଳ୍ପ ପୁସ୍ତକରେ ଚିତ୍ର ଓ କଥା ସ୍ଥାନ ପାଇ ପୁସ୍ତକକୁ ଆହୁରି ଆକର୍ଷଣୀୟ କରି ଗଢ଼ି ତୋଳିଛି । ସମ୍ମାନୀତା ଅତିଥି ବିଶିଷ୍ଟ କବି ଓ ଗାଳ୍ପିକା ଡ. ସୁଷମା ମିଶ୍ର ଗଳ୍ପର ଶୈଳୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାଠକଙ୍କୁ ବାନ୍ଧି ରଖିବାକୁ ସମର୍ଥ ଅଛି ବୋଲି ଦର୍ଶାଇଥିଲେ । ଗାଳ୍ପିକା ସ୍ନିଗ୍ଧା ତାଙ୍କର ଗଳ୍ପ ଲେଖାର ଅନୁଭୂତି ବର୍ଣ୍ଣନା କରି ତାଙ୍କ ଜୀବନରେ ଗୁରୁଜନମାନଙ୍କ ପ୍ରେରଣା ଓ ଆଦର୍ଶ ତାଙ୍କ ସାହିତ୍ୟିକ ଜୀବନକୁ ଗଢ଼ି ତୋଳିଛି ବୋଲି ସ୍ୱୀକାର କରିଥିଲେ । ପ୍ରକାଶିକା ତଥା ସାହିତ୍ୟିକା ମାନମୟୀ ଦାଶ ରଥ ଗାଳ୍ପିକାଙ୍କ ଗଳ୍ପ କଳାରେ କୋମଳତା ଓ କମନୀୟତା ତାଙ୍କ ଗଳ୍ପ କଳାର ବିଶେଷତ୍ୱ ବୋଲି ଦର୍ଶାଇଥିଲେ । ସମ୍ମାନୀତା ବକ୍ତା ଗାଳ୍ପିକା ମଞ୍ଜୁବାଳା ପଣ୍ଡା ଓ ସସ୍ମିତା ମହାନ୍ତି ଗାଳ୍ପିକାଙ୍କ ଗଳ୍ପରେ ସ୍ୱଷ୍ଟ ଓ ଭାବଗର୍ଭକ ଉପାଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଗାଳ୍ପିକାଙ୍କ ଜୀବନ ଓ ସାହିତ୍ୟ ସୃଷ୍ଟି ସମ୍ପର୍କରେ କାନବାଳା ସାହୁ, ପଦ୍ମଜା ସାହୁ, ଦେବଦୀପ୍ତା ମିଶ୍ର, ମୀନାକ୍ଷୀ ରାଉତରାୟ, ଚିରଞ୍ଜନ ସାହୁ, ଧିରେନ କୁମାର ସାମଲ, ଜାନକୀ ନାଥ ପରିଡ଼ା, ଶ୍ୟାମସୁନ୍ଦର ବେହେରା, ଦିବାକର ବେହେରା, ଦିଲ୍ଲୀପ କୁମାର ବେହେରା, ସିଦ୍ଧାନ୍ତ ସାହୁ ଓ ସାର୍ଥକ ସାହୁ ଆଲୋଚନା କରିଥିଲେ । ସଭା ଶେଷରେ ଅନୁଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରୁ ସ୍ମୃତି ଲିପି ଦ୍ୱିବେଦୀ ସଙ୍ଗୀତ ପରିବେଷଣ କରିଥିଲେ ।

## ଭିତରକନିକାରୁ ମିଳିଲା ୫୦ ହରିଣ ଶିଙ୍ଗ

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ପଡ଼ିରହିଛି ୫୦ରୁ ଅଧିକ ହରିଣ ଶିଙ୍ଗ୍ୟ ଅଧିକାଂଶ ଶିଙ୍ଗ ହରିଣ ଦେହରୁ ଓପଡ଼ା ଯାଇଥିବା ଜଣାପଡୁଛି। ଜାତୀୟ ଉଦ୍ୟାନର ଗୋଟିଏ ସ୍ଥାନକୁ ଏତେ ସଂଖ୍ୟାରେ ହରିଣ ଶିଙ୍ଗ କେଉଁଠୁ ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ବେଳେ ଭିତରକନିକରେ ଜୀବଜନ୍ତୁଙ୍କ ଶିକାର ବେଧଡ଼କ ଭାବେ ଚାଲିଥିବା ସନ୍ଦେହ ବିବାରେ ଲାଗିଛି।

ଭିତରକନିକା ଜାତୀୟ ଉଦ୍ୟାନର ରାଜନଗର ରେଞ୍ଜ ଅନ୍ତର୍ଗତ ଦୋବନ୍ଧିଠାରେ ଜଙ୍ଗଲ ଭିତରେ ୫୦ରୁ ଅଧିକ ହରିଣ ଶିଙ୍ଗ ଗୋଟିଏ ସ୍ଥାନରେ ଗଦା ହୋଇଥିବା ଦେଖିବାକୁ ମିଳିଛି। ସେଠାରେ କାର୍ଯ୍ୟରତ ବନ କର୍ମଚାରୀଙ୍କ ସୂଚନା ମୁତାବକ ହରିଣର ଶିଙ୍ଗ ଆପେଆପେ ଖସିବା ପରେ ନୂଆ ଶିଙ୍ଗ ସୃଷ୍ଟି ହୋଇଥାଏ। ତେବେ ଜଙ୍ଗଲରେ ଗଦା ହୋଇଥିବା ଶିଙ୍ଗଗୁଡ଼ିକରେ ମାଂସ ଓ ହାଡ଼ ଲାଗିଥିବା ଦେଖାଯାଇଛି।

ଫଳରେ ଅଧିକାଂଶ ଶିଙ୍ଗ ହରିଣ ଶରୀରରୁ ଓପଡ଼ା ଯାଇଥିବା ଭଳି ଜଣାପଡୁଛି। ଏହା ଶିକାର ପରବର୍ତ୍ତୀ ହରିଣ ଶିଙ୍ଗ ବୋଲି ସମ୍ପୃକ୍ତ କର୍ମଚାରୀ କହିଛନ୍ତି। ଅନ୍ୟପଟେ ଶିଙ୍ଗ ନିକଟରେ ଜାଲ ମଧ୍ୟ ଗଦା ହୋଇଥିବାରୁ ତାହା ଶିକାରୀଙ୍କଠାରୁ ବନ ବିଭାଗ ଜବତ କରିଥିବା ସନ୍ଦେହ କରାଯାଉଛି। ତେବେ କେଉଁ ସ୍ଥାନରେ ହରିଣ ଶିକାର ହୋଇଥିଲା, ଏହି ଘଟଣାରେ ଶିକାରୀ ଗିରଫ ହୋଇଛନ୍ତି କି' ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଭିତରକନିକରେ ଜୀବଜନ୍ତୁ ସୁରକ୍ଷିତ ବୋଲି ଡିଣ୍ଡିମ ପିଟା ଯାଉଥିଲା ବେଳେ କିପରି ଏତେସଂଖ୍ୟକ ହରିଣ ଶିଙ୍ଗ ଜଙ୍ଗଲକୁ ଆସିଲା ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଶାଶୂ ମାଡ଼ରେ ଗର୍ଭସ୍ଥ ସନ୍ତାନ ମୃତ ହସ୍ପିଟାଲରେ ଚାଲିଗଲା ମା'ର ଜୀବନ

**ମହାକାଳପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଯୌତୁକ ପାଇଁ ଜଣେ ନବବଧୂଙ୍କୁ ଶାଶୂଘର ପକ୍ଷରୁ ଅକଥନୀୟ ନିର୍ଯାତନା ଦିଆଯାଉଥିବାବେଳେ ଶାଶୂ ମାଡ଼ରେ ଗର୍ଭସ୍ଥ ସନ୍ତାନର ମୃତ୍ୟୁ ହେବା ନେଇ ମହିଳାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ହରିଆବାଙ୍କ ଗ୍ରାମର ସହଦେବ ଆଡ଼ିଙ୍କ ଝିଅ ମଞ୍ଜୁ ଆଡ଼ି ବଟିଘର ପଞ୍ଚାୟତ କୋଚିଲା ବେଲାରୀ ଗ୍ରାମର ଗୋବିନ୍ଦ ଗିରିଙ୍କ ପୁଅ ତାପସ ଗିରିଙ୍କୁ ବିବାହ କରିଥିଲେ। ବିଭାଘରର ୬ ମାସ ପରେ ମଞ୍ଜୁଙ୍କୁ ଯୌତୁକ ପାଇଁ ଶାଶୂ ଓ ପରିବାର ଲୋକେ ବିଭିନ୍ନ ପ୍ରକାର ନିର୍ଯାତନା ଦେଇ ଆସୁଥିଲେ।

ଯୌତୁକ ବାବଦ ସୁନା ଅଳଙ୍କାର ଓ ନଗଦ ଟଙ୍କା ଆଣିବା ପାଇଁ ସେମାନେ ବାଧ୍ୟ କରୁଥିଲେ। ଏପରିକି ଗର୍ଭବତୀ ଅବସ୍ଥାରେ ଝିଅକୁ ଶାଶୂ ମାଡ଼ମାରିବା ଦ୍ୱାରା ତା'ର ଗର୍ଭସ୍ଥ ସନ୍ତାନ ନଷ୍ଟ ହେବା ନେଇ ବାପା ସହଦେବ ଆଡ଼ି ଅଭିଯୋଗ କରିଛନ୍ତି। ଝିଅ ଗର୍ଭ ଯନ୍ତ୍ରଣା ପାଇ ବଟିଘର ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଶାଶୂଘର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନଭେମ୍ବର ୨୫ ତାରିଖରେ ମଞ୍ଜୁର ମୃତ୍ୟୁ ହୋଇଯାଇଥିଲା। ମଞ୍ଜୁଙ୍କ ମୃତ୍ୟୁ ନେଇ ବାପଘରକୁ ନ ଜଣାଇ ମୃତଦେହକୁ ଶାଶୂଘର ଲୋକେ ଦାହସଂସ୍କାର କରିଦେଇଥିଲେ।

ଲୋକେ ମାରିଦେଇଥିବା ନେଇ ନଭେମ୍ବର ୨୭ ତାରିଖରେ ଜମ୍ବୁ ଥାନାରେ ମଞ୍ଜୁର ବାପା ସହଦେବ ଆଡ଼ି ଅଭିଯୋଗ କରିବା ପରେ ସାଇଣ୍ଟିଫିକ୍ ଟିମ୍ ସଂସ୍କାର ସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। ଏ ସମ୍ପର୍କରେ ଜମ୍ବୁ ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ମାମଲା ରୁଜୁ ହୋଇଛି। ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି।

## ଶିକ୍ଷା, ସମ୍ପର୍କ ଓ ସୃଜନଶୀଳତାର ଆନନ୍ଦମୟ ସମ୍ମିଳନ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରକୃତିର ଶାନ୍ତ ଛାଇଁ ଭିତରେ ଶିକ୍ଷାର୍ଥୀମାନେ କେବଳ ଶିକ୍ଷା ନୁହେଁ, ସମ୍ମିଳନ, ସହଯୋଗ ଓ ସୃଜନଶୀଳତାର ଆନନ୍ଦକୁ ମଧ୍ୟ ଅନୁଭବ କରନ୍ତି। ଏହାର ସ୍ପଷ୍ଟ ଉଦାହରଣ ହେଉଛି ଶ୍ରୀଗୁରୁ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଏଣ୍ଡ ମ୍ୟାନେଜମେଣ୍ଟ କଲେଜ୍ ଦ୍ୱାରା ଆୟୋଜିତ ବାର୍ଷିକ ବନଭୋଜ ଆନନ୍ଦ ଉତ୍ସବ, ଯେଉଁଥିରେ ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଓ କଲେଜ ପରିବାର ଅଂଶଗ୍ରହଣ କରି ସ୍ମରଣୀୟ ଦିନ ଅତିତ କରିଛନ୍ତି। ପିକନିକ ସ୍ଥଳୀ ପ୍ରଭାତି ସୁକନ୍ତି ପବନ, ସବୁଜ ଗଛପତ୍ର ଓ ପ୍ରକୃତିର ସନ୍ତୋଷଜନକ ମହଲରେ ପ୍ରଣୟିତ ହୋଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ଖେଳ, ସାହିତ୍ୟିକ କାର୍ଯ୍ୟକ୍ରମ, ଗୀତ-ସଙ୍ଗୀତ ଓ ମନୋରଞ୍ଜନମୂଳକ ପର୍ବରେ ଅଂଶଗ୍ରହଣ କରି ତାଙ୍କର କୌଶଳ ଦେଖାଇଥିଲେ। ଶିକ୍ଷାରେ ଉନ୍ନତି, ଟେକ୍ନୋଲଜିରେ ଆତ୍ମନିର୍ଭରତା ଆମର ଏକମାତ୍ର ଉଦ୍ଦେଶ୍ୟ ବୋଲି କଲେଜ ଅଧ୍ୟକ୍ଷ ତ୍ରିଲୋଚନ ରାୟ ପରିପ୍ରକାଶ କରିଛନ୍ତି। ଟ୍ରଷ୍ଟର ଜାତୀୟ ମୁଖ୍ୟ କାର୍ତ୍ତିକ ଚରଣ ବେହେରା, ପ୍ରିନ୍ସିପାଲ ଆୟୁଷ୍ମାନ୍ ନାୟକ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୌନବ୍ରତ ବେହେରା, ମନୋଜ କୁମାର ବେହେରା, ଅରକ୍ଷିତ ରାଉତ, ସୌମ୍ୟ ସ୍ୱାଇଁ, ସର୍ବେଶ୍ୱର ବେହେରା, ଜ୍ୟୋତି ରଞ୍ଜନ ବେହେରା, ଜାଗୃତି ଦାସ ଓ ନିରୁପମା ମଲ୍ଲିକ ସମେତ ସମସ୍ତ ଷ୍ଟାଫ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ବର୍ଷ ପରେ ୭ବର୍ଷ ର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ହୋଇଛି। ଜଳେଶ୍ୱରର ଫାଷ୍ଟ ଟ୍ରାକ କୋର୍ଟ ଜର୍ଜ ଅନିତା ସାହୁ ଶୁକ୍ରବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଶୁକ୍ରବାର ୧୩ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ରାୟ ଶୁଣାଇଥିଲେ କୋର୍ଟ। ଘଟଣାରୁ ପ୍ରକାଶ ବସ୍ତା ଥାନା ଅଧିନ ଜନୈକା ନାବାଳିକାକୁ ଜୟା ନନ୍ଦ ସାହୁ ଦୁଷ୍କର୍ମ କରିଥିବା ନେଇ ଗତ ୧୬ /୯/ ୨୦୨୦ ଅଭିଯୋଗ ହୋଇଥିଲା। ଏ ସଂପର୍କରେ ବିଚାର କରାଯାଇ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇବା ସହିତ ପିଡିତାଙ୍କୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ୫ ଲକ୍ଷ ଟଙ୍କା ଅଧିକ ସହାୟତା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ବରିଷ୍ଠ ଆଇନଜୀବି ଅନିଲ ପରିଡ଼ା ମାମଲାକୁ ପରିଚାଳନା କରିଥିଲେ। ଶୁଣାଣି ପରେ ପିଡିତାଙ୍କ ପରବାର ପକ୍ଷରୁ ସନ୍ତୋଷ ପ୍ରକାଶ କରାଯାଇଛି।

## କଣ୍ଠଶିଳ୍ପୀ ଡ.ଅନସୂୟା ନାଥଙ୍କୁ 'ମାର୍ଗଶିରର ମହକ ସମ୍ମାନ'

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଆଟିଭୋ ପକ୍ଷରୁ ଗୁରୁବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଗଣିତ ବିଭାଗର ପ୍ରଫେସର ଡ. ଅନସୂୟା ନାଥଙ୍କର 'ମାର୍ଗଶିରର ମହକ ସମ୍ମାନ'ରେ ସମ୍ମାନିତ କରାଯାଇଛି।




ଏହି କାର୍ଯ୍ୟକ୍ରମରେ ଡ. ନାଥଙ୍କର କିଛି ପ୍ରସିଦ୍ଧ ଭଜନ 'ଧନ ମାଳିରେ ସୁନା ଥାଳିରେ ତତେ ଗେଲ କରିବାକୁ ମନ'... 'ଆଲୋ ରାଇ ରାଇ ... ଡିଙ୍କି ଦେ ଦୁଲୁକେଇ ଲୋ' ଇତ୍ୟାଦିରେ ଗୁରି ଉଠିଥିଲା।

କ୍ରିଆଟିଭୋ ପକ୍ଷରୁ ଆୟୋଜିତ ମାର୍ଗଶିରର ମହକ କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ ତାଙ୍କୁ ରୌପ୍ୟ ଫଳକ, ମାନପତ୍ର ତଥା ଉପଢୌକନ ପ୍ରଦାନ କରାଯାଇଥିଲା।

ଏହି ଭବ୍ୟ ଉତ୍ସବରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଯୋଗ ଦେଇ ଏପରି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଓଡିଆ ସଂସ୍କୃତି ଆଧାରିତ ପର୍ବପର୍ବାଣୀ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

କ୍ରିଆଟିଭୋର ଆବାହକ ଡ. ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଆଇଏଏସ୍ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡେରୀ (ଆଭିଏସ୍ଏଏଚ) ର ଡିନ୍ ପ୍ରଫେସର ସୁଶାନ୍ତ ଦାସ ଓ ପ୍ରଫେସର ସରୋଜ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଡ. ଦୀପାଳି ଦାଶ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଲୋପାମୁଦ୍ରା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ମାନସ ଦାସ, ବିଶ୍ୱଜିତ୍ ମିଶ୍ର, ଡ. ରାଜୀବ କୁମାର ବେହେରା, ଡ. ରାକେଶ ଶତପଥୀ ଉତ୍ସବ ପରିଚାଳନା କରିଥିଲା ବେଳେ ଡ. ବିଷ୍ଣୁପ୍ରିୟା ପାତ୍ର, ଡ. ରାମକୃଷ୍ଣ ବସ୍ତିଆ, ଡ. ସୁବ୍ରତ ସେନାପତି ଓ ଡ. ବିଦ୍ୱାନ ରଂଜନ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

ଉତ୍ସବରେ ପୂର୍ବ ଆୟୋଜିତ ସାଧାରଣ ଜ୍ଞାନ ଓ ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସବୁ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ୧୫ ଚୋରା ମଟରସାଇକେଲ ଜବତ, ୪ ଗିରଫ



**ଖଣ୍ଡପଡ଼ା: ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ଓ ଫତେଗଡ ଥାନା ଅଞ୍ଚଳରୁ ଲୁଟେରାମାନେ ଗତ କିଛିଦିନ ତଳେ ଲୁଟ କରି ନେଇଥିବା ୧୫ଟି ମଟରସାଇକେଲକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜବତ କରିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି। ତେବେ ଏ ସଂର୍ପକରେ ଅଧିକ ତଦନ୍ତ ଜାରି ରହିଥିବା ନେଇ ଶୁକ୍ରବାର ଅପରାହ୍ନରେ ଖଣ୍ଡପଡ଼ା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ ଶୁସ୍ରୀ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି। ଘଟଣାକ୍ରମେ ଫତେଗଡ ଗ୍ରାମରୁ ଦିନବନ୍ଧୁ ବେହେରାଙ୍କ ମଟରସାଇକେଲ ଚୋରୀ ହୋଇଥିବା ନେଇ ଫତେଗଡ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ଏକ ମାମଲା ରୁଜୁ କରି ଘଟଣାର ଖୋଳତାଡ କରିବା ସହ ମଟରସାଇକେଲ ଚୋରି ରାକେଟର ମାଷ୍ଟରମାଇଣ୍ଡ ନେତାଜୀ ସେଠୀକୁ ଫତେଗଡ ଥାନା ଅଧିନ ଗୋଳାପୋଖରୀ ଗ୍ରାମରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପରେ ନେତାଜୀର ବୟାନକୁ ଭିତ୍ତି କରି ମଟରସାଇକେଲ ଚୋରି ଘଟଣାର ପର୍ଦ୍ଦାଫାସ କରିବାରେ ପୋଲିସ ଟିମ ସଫଳ ହୋଇଥିବା ଜଣାପଡିଛି। ଚୋରି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଧିନ ଜାଗମରା ନିକଟସ୍ଥ ବଡବାରି ଗ୍ରାମର ବିକାଶ ରାୟ, ଖଣ୍ଡପଡ଼ା ଥାନା ଅଧିନ ଖଳିସାହି ବଡସାହିର ନିରାକାର ମାଝି ଓରଫ କାଠିଆ ଓ ନିକଟସ୍ଥ ମର୍ଦ୍ଦରାଜପୁର ପଞ୍ଚାୟତ ଅଧିନ ହରିଚନ୍ଦନପୁର ଗ୍ରାମର ପ୍ରତାପ ପ୍ରଧାନଙ୍କୁ ଗିରଫ କରିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ମଟରସାଇକେଲ ଚୋରି ଘଟଣାରେ ଗିରଫ ହୋଇଥିବା ୪ ଜଣଙ୍କ ନାମରେ ଏଥିପୂର୍ବରୁ ଖଣ୍ଡପଡ଼ା, ଫତେଗଡ, ଜଟଣୀ ସମେତ ଭୁବନେଶ୍ୱରର ଅଞ୍ଚଳର ବିଭିନ୍ନ ଥାନାରେ କେସ ଥିବା ବେଳେ ଏକାଧିକ ମାମଲାରେ ସେମାନେ ଜଡିତ ଥିବା ନେଇ ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ଅବସରରେ ଉପଯୁକ୍ତ ପ୍ରମାଣପତ୍ର ସହ ୨ ଜଣ ବ୍ୟକ୍ତିଙ୍କୁ ସେମାନଙ୍କର ମଟରସାଇକେଲ ଆରକ୍ଷୀ ଅଧିକ୍ଷିକାଙ୍କ ଉପସ୍ଥିତରେ ଖଣ୍ଡପଡ଼ା ପୋଲିସ ଫେରସ୍ତ କରିଥିଲା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ମଦନମୋହନ ପ୍ରଧାନ, ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, ଏସଆଇ ଗୋପବନ୍ଧୁ ମଲ୍ଲିକ, ମନସ୍ମିତା ସାହୁଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।


### AFFIDAVIT

By virtue of affidavit sworn before Executive Magistrate,Rajnagar,vide affidavit no 8470, dt.10- 11-2025, I Gopal Padhi, S/O-late Gobardhan Padhi,Vill-Dhanadia,P.O.-Keraragarh,P.S.-Rajnagar, Dist-Kendrapara declare that,my mother Dulei Padhi W/O- Gobardhan Padhi have a Saving Pass Book A/c No-23488100005821 in the B.O.B. Keraragarh Branch.Who was died on 03-04-2024.I am the nominee of the said account. But my name is wrongly mentioned as Binod padhi instead of Gopal Padhi.That said Gopal Padhi and Binod Padhi,Son of Gobardhan Padhi as nominee is one and same person. There is no other person in our locality in above name and address.

**S/d-LTI of Gopal Padhi.**

### AFFIDAVIT

By virtue of affidavit sworn before Executive Magistrate, Rajnagar, vide affidavit No-8591 dt03-12-2025, I Subrat Barik,S/O - Surendra Barik,Vill-Nuakhunta, P.O. -Iswarpur, P.S-Rajnagar, Dist-Kendrapara,State - Odisha,PIN-754248 declare that, I have changed my name from Silu Barik to Subrat Barik. Henceforth, I shall be known as Subrat Barik for all purposes. S/d- Subrat Barik.

### AFFIDAVIT(Minor)

By virtue of affidavit sworn an before Executive Magistrate Bhubaneswar, dated 21st day of November 2025 I, Prakash Sahoo Address At: Sikharpur, Po: K. Sikharpur, Ps: Khandapada, Dist: Nayagarh-752077, Odisha declare that I have changed my daughter's name from Pratiksha Sahoo to Pratikshya Sahoo Henceforth, she shall be known as Pratikshya Sahoo for all purposes.

**Prakash Sahoo**


## ବିଷପିଇ ୪ ମହିଳା ହସ୍ପିଟାଲରେ ଭର୍ତ୍ତି

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ପରସ୍ପର ମଧ୍ୟରେ ବୁଝାମଣାର ଅଭାବ ଓ କୁସଂସ୍କାର ଯୋଗୁଁ ସମାଜ ଅଧପତନ ଆଡ଼କୁ ଗତି କରୁଛି। ସ୍ୱାଧୀନତାର ଦର୍ପରେ ଯୁବ ସମାଜ ସ୍ୱେଚ୍ଛାଚାରୀ ହେବା ସହ ଅନ୍ୟକୁ ସହ୍ୟ କରିପାରୁ ନାହାନ୍ତି। ଫଳରେ ସମାଜରେ ଈର୍ଷା, ହିଂସା, କ୍ରୋଧ, ପ୍ରତିଶୋଧ, ହତ୍ୟା, ଲୁଣ୍ଠନ, ଛଳନା, ପ୍ରତାରଣା,ଆତ୍ମହତ୍ୟା ଭଳି ଘଟଣା କ୍ରମଶଃ ବୃଦ୍ଧି ପାଇ ଚାଲିଛି। ବିଶେଷ କରି ପ୍ରେମ ଜନିତ, ବିବାହ ପରେ ଓ ଅନୈତିକ ସମ୍ପର୍କ ଜନିତ ଆତ୍ମହତ୍ୟା ଓ ହତ୍ୟା ଅଧିକ ଦେଖାଯାଉଛି। ଏହାର ନମୁନା ସରୂପ, ଶୁକ୍ରବାର, ଜଳେଶ୍ୱର ସହର ସ୍ଥିତ ଗୋପୀ କିଷାନ ହସ୍ପିଟାଲରେ ୪ଜଣ ମହିଳା ପୃଥକ୍ ପୃଥକ୍ ଭାବେ ବିଷ ପାନ କରି ଚିକିତ୍ସାଧୀନ ଅଛନ୍ତି। ବିଭିନ୍ନ କାରଣରୁ ଅଳ୍ପ ବୟସରୁ ଯୁବକ ଯୁବତୀମାନେ ପ୍ରେମ ବିବାହରେ ଛନ୍ଦି ହୋଇ ସଂସାରକୁ ଠିକ୍ ଭାବେ ବୁଝି ପାରି ନାହାନ୍ତି। ଫଳରେ ପାରିବାରିକ ତାଡନାରେ ଚାପ ଗ୍ରସ୍ତ ହୋଇ ଆତ୍ମହତ୍ୟାର ପଥ ବାଛି ନେଉଛନ୍ତି।

## ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା

**ଯାଜପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ଲିଙ୍ଗ ଭିତ୍ତିକ ହିଂସାକୁ ରୋକିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଛି। ନଭେମ୍ବର ୨୫ରୁ ଡିସେମ୍ବର ୧୦ ଯାଏଁ ହେଉଥିବା ଜିଲ୍ଲାସ୍ତରୀୟ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ-୨୦୨୫ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯାଜପୁର ଜିଲ୍ଲାରେ ମହିଳା ହିଂସା ରୋକିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଏ ଦିଗରେ ଥିବା ଆହ୍ୱାନ ଏବଂ ସମାଧାନକୁ ବୈଠକରେ ଉପସ୍ଥାପନ କରିଥିଲେ। ଲିଙ୍ଗଗତ ହିଂସାକୁ ରୋକିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ଗ୍ରହଣ କରାଯାଉଛି, ଯେଉଁଥିରେ ମିଶନ ଶକ୍ତି, ଶକ୍ତି – ୱାନ ଷ୍ଟପ ସେଣ୍ଟର, ମହିଳା ସହାୟତା ନମ୍ବର ୧୮୧ ଓ ୧୦୯୧ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ। ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ପ୍ରୟାସ କରାଯାଉଛି ଏବଂ ଆଶା ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ତଥ୍ୟ ସଂଗ୍ରହ ସହ ସଚେତନତା ସୃଷ୍ଟି କରାଯାଉଛି। ଲିଙ୍ଗଗତ ହିଂସାର ଶିକାର ହୋଇଥିବା ମହିଳାଙ୍କୁ କାଉନସେଲିଂ କରାଯାଉଛି। କର୍ମକ୍ଷେତ୍ରରେ ଲିଙ୍ଗଗତ ହିଂସାକୁ ବନ୍ଦ କରିବା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଭାଗରେ ଅନ୍ତରୀଣ କମିଟି କରିଛନ୍ତି। ସେହିଭଳି ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ପରୀ କାର୍ଯ୍ୟକ୍ରମ, ଶକ୍ତି ଟିମ୍ ଓ ପିଙ୍କ୍ ପୋଲିସ ପ୍ୟାଟ୍ରୋଲ ଏହି ଦିଗରେ ବିଶେଷ ସହାୟକ ହେଉଅଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ମହିଳାମାନଙ୍କୁ ମାଗଣା ଆଇନ ସେବା ଯୋଗାଇବା ସହ ଲିଙ୍ଗ ଭିତ୍ତିକ ହିଂସା ସମ୍ପର୍କିତ ଆଇନ କାନୁନ୍ ଉପରେ ସଚେତନତା ସୃଷ୍ଟି କରୁଅଛି। ସମ୍ମାନର ସହ ବଞ୍ଚିବା ସମସ୍ତ ମହିଳା ଓ ଝିଅମାନଙ୍କର ମୌଳିକ ଅଧିକାର ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏବଂ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାରଥିଙ୍କ ବିରୋଧରେ ଚାର୍ଜଫ୍ରେମ

**କଟକ: ଏକ୍ସପ୍ରେସ୍ ନ୍ୟୁଜ୍**

ସାରଥିଙ୍କ ବିରୋଧରେ ଚାର୍ଜଫ୍ରେମ। ଜାତିଆଣ ଆକ୍ଷେପ ଓ ଧର୍ମୀୟ ଭାବନା କୁଠାରଘାତ ନେଇ ହୋଇଥିଲା ମାମଲା। ଆସନ୍ତା ଜାନୁଆରୀ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। କଟକ ସ୍ୱତନ୍ତ୍ର ଏସ୍ସିଏସ୍ଟି କୋର୍ଟରେ ଚାର୍ଜଫ୍ରେମ ହୋଇଛି ଦାଖଲ। ପ୍ରକାଶ ଯୋଗ୍ୟ ଯେ, କ୍ରାଇମବ୍ରାଞ୍ଚର ମୂଳ ମାମଲାରେ ଚାର୍ଜଫ୍ରେମ ହୋଇଥିଲା ଦାଖଲ ।


### ସର୍ବସାଧାରଣ ସୂଚନା

**କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିରେ ବିଭିନ୍ନ ଶିକ୍ଷଣୀୟ ଏବଂ ଅଣ-ଶିକ୍ଷଣୀୟ ପଦବି ନିମନ୍ତେ ଭର୍ତ୍ତି ସୂଚନା ।**

କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ (କେ.ବି.ସ) ତଥା ନବୋଦୟ ବିଦ୍ୟାଳୟ ସମିତି (ନ.ବି.ସ) ରେ ବିଭିନ୍ନ ଶିକ୍ଷଣୀୟ ଏବଂ ଅଣ-ଶିକ୍ଷଣିୟ ପଦବି ପାଇଁ ସିଧା ଭର୍ତ୍ତି ନମନ୍ତେ ଭର୍ତ୍ତି ଅଧିସୂଚନା ୦୧/୨୦୨୫ର ସନ୍ଦର୍ଭରେ ଆବେଦକ ମାନଙ୍କୁ ଏତତ୍‌ଦ୍ୱରା ସୂଚିତ କରାଯାଉଅଛି ଯେ କେ.ବି.ସ. ତଥା ନ.ବି.ସ. ରେ ସହାୟକ ଆୟୁକ୍ତ, ପ୍ରଧାନାଚାର୍ଯ୍ୟ, ସ୍ନାତକୋତ୍ତର ଶିକ୍ଷକ (ଇଂଗ୍ରାଜୀ, ହିନ୍ଦୀ, କମର୍ସ) ସ୍ନାତକ ଶିକ୍ଷକ (ଇଂଗ୍ରାଜୀ, ହିନ୍ଦୀ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ) ତଥା କନିଷ୍ଠ ସଚିବାଳୟ ସହାୟକର ପଦ ପାଇଁ ଶିକ୍ଷଣୀୟ ଯୋଗ୍ୟତା ତଥା ଅଭିଜ୍ଞତା ଏବେ ଏକ ସମାନ କରିଛନ୍ତି ଯାହାକି ଆବେଦକ ଉଭୟ ସଙ୍ଗଠନରେ ଏକ ସହିତ ଏହି ପଦ ପାଇଁ ଅନଲାଇନ ଆବେଦନ କରିପାରିବେ । ଯେଉଁ ଆବେଦକ କେବଳ କେ.ବି.ସ ବା ନ.ବି.ସ (ଯାହା ବି ହେଉ) ପାଇଁ ଅନଲାଇନ ଆବେଦନର ଏକ ଅବସର ଦିଆଯିବ । ବିସ୍ତୃତ ବିବରଣୀ ପାଇଁ ସି.ବି.ଏସ.ଇ, କେ.ବି.ସ ଏବଂ ନ.ବି.ସ ର ୱେବସାଇଟରେ ଉପଲବ୍ଧ କୋରିଜେଣ୍ଡମ-୨ ଦେଖନ୍ତୁ।

ଅନଲାଇନ ଆବେଦନ ପ୍ରସ୍ତୁତ କରିବାର ଶେଷ ତାରିଖ ୧୧ ଡିସେମ୍ବର ୨୦୨୫କୁ ବଢାଇ ଦିଆଯାଇଛି।

ଆବେଦକ ଅଧିକ ଜାଣିବା ପାଇଁ ସି.ବି.ଏସ.ଇ, କେ.ବି.ସ ଏବଂ ନ.ବି.ସ ର ୱେବସାଇଟ ଦେଖିବାକୁ ଅନୁରୋଧ।

**CBC 21107/12/0010/2526** ନିର୍ଦ୍ଦେଶକ (ସି.ଟି.ଇ.ଟି), ସିବିଏସଇ


## ପଞ୍ଚାୟତ ପ୍ରତିନିଧିଙ୍କ ପାଖରେ ପ୍ରସାଶନ ନଇଁଲା

**ନିଆଳୀ:ଏକ୍ସପ୍ରେସ୍ ନ୍ୟୁଜ୍**



ନିଆଳୀ ବ୍ଲକ୍ର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ନିଆଳୀ ବ୍ଲକ୍ ପ୍ରଶାସନର ଉପେକ୍ଷା ଓ ଉନ୍ନୟନ ମୂଳକ କାଯ୍ୟାଳୟରେ ଶୀତଳତା ବିରୋଧରେ ୬ଦଫା ଦାବି ନେଇ ନିଆଳୀ ବ୍ଲକ୍ ବିଭିନ୍ନ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟ ଓ ସଭ୍ୟମାନେ ଗତସୋମବାର ଠାରୁ ବ୍ଲକ୍ କାର୍ଯ୍ୟାଳୟଆଗରେ ପାଞ୍ଚ ଦିନ ହେବ ଶୀତକାକରରେ ପିଲା ଛୁଆଙ୍କୁ ଧରି ଖୋଲାଯାଗାରେ ଅହରାତ୍ର ଧାରଣାରେ ବସିରହିଥିଲେ। ଶୁକ୍ରବାର ଧାରଣାକୁ ପୂର୍ବତନ ବିଧାୟକ ଡଃ ପ୍ରମାଦ କୁମାର ମାଲିକ୍ ପହଞ୍ଚିବା ପରେ ସଦର ଏସ୍ଡିପିଓ ବିଜୟ କୁମାର ମାଲିକ୍ ଓ ନିଆଳି ବିଡିଓ ଧର୍ମରଞ୍ଜନ ପଣ୍ଡା ଧାରଣସ୍ଥଳକୁ ଜାଇ ପୂର୍ବତନ ବିଧାୟକ ଶ୍ରୀ ମଲ୍ଲିକ୍ ସହ ଆଲୋଚନା ପାଇଁ ଡାକିଲେ ଏହି ଆଲୋଚନା ବିଡିଓଙ୍କ କର୍ଯ୍ୟାଳୟରେ ହୋଇଥିଲା ଏଥିରେ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେସିକା ବନ୍ଦନା ଖଟୁଆ, ନିଆଳି ଥାନା ଅଧିକରି ଦିଲିପ୍ କୁମାର କାଣ୍ଡି, ସହକାରି ନିର୍ବାହ ଯନ୍ତ୍ର ସଲିଲ ସୁଇଁ ଓ ବ୍ଲକ୍ ଅଧିକ୍ଷ ଉମେସ ଚନ୍ଦ୍ର ବେହେରା, ସରପଞ୍ଚ ତ୍ରିନାଥ ମହାନ୍ତି, ସୁରେଶ ପଟନାଏକ, ନମିତା ବାରିକ୍, ବବିତା ରାଣୀ ବେହେରା, ବିଜୟରାମ ପଣ୍ଡା, ସମିତି ସଭ୍ୟ ଅବିନାସ ପ୍ରଧାନ, ପ୍ରଦିପ୍ତ ପରିଡା, ପୂର୍ବତନ ବ୍ଲକ୍ ଅଧକ୍ଷ ନିତ୍ୟବ୍ରତ ରାଉତ, ଅତୁଲ କୁମାର ଜେନା, ତୃପ୍ତିରଞ୍ଜନ ରାଉତ ଉପସ୍ଥିତିରେ ଆଲୋଚନା ହୋଇଥିଲା ଆଲୋଚନାରେ ସାତ ଦିନ ମଧ୍ୟରେ ଛଅଦଫା ଦାବିପୂରଣ ହେବ ବୋଲି ପ୍ରଶାସନ ଅଧିକାରୀ କହିବାପରେ ଧାରଣା ପ୍ରତିହୃତ ହୋଇଥିଲା।


### ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

**ଦରଖାସ୍ତ ଆହ୍ୱାନ**

**ବିଜ୍ଞପ୍ତି ସଂଖ୍ୟା. ୫୫୯୩ ତା. ୦୪-୧୨-୨୦୨୫**

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦ (ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ। ଇଚ୍ଛୁକ ବ୍ୟକ୍ତିମାନେ ସଂପୃକ୍ତ ସ୍ଥାନମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ।

ଉପଲବଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ। ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଛି ସବିଶେଷ ବିବରଣୀ Website-http://bargarh.odisha.gov.inରେ ମଧ୍ୟ ଉପଲବ୍ଧ ହେବ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼



**ଫା.ସଂ ୩୫-୪/୨୦୨୫-ଟିଏସ.III**
**ଭାରତ ସରକାର**
**ଶିକ୍ଷା ମନ୍ତ୍ରଣାଳୟ**
**ଉଚ୍ଚତର ଶିକ୍ଷା ବିଭାଗ**

### ଶୁଦ୍ଧିପତ୍ର

ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚତର ଶିକ୍ଷା ବିଭାଗର ତାରିଖ ୨୫ ଅଗଷ୍ଟ, ୨୦୨୫ ର ରାଷ୍ଟ୍ରୀୟ ଏବଂ କ୍ଷେତ୍ରୀୟ ଦୈନିକ ସମାଚାର ପତ୍ରରେ ପ୍ରକାଶିତ ନିଜତ ବିଜ୍ଞାପନ ଫା.ସଂ. ୩୫-୪/୨୦୨୫-ଟି.ଏସ.III ର ମାଧ୍ୟମରେ ମୋତିଲାଲ ନେହରୁ ରାଷ୍ଟ୍ରୀୟ ପ୍ରଦୌଗୀକ ସଂସ୍ଥାନ (ଏମଏନଏନଆଇଟି), ଆଲ୍ଲାହାବାଦ (ଉତ୍ତର ପ୍ରଦେଶ) ରେ ନିର୍ଦ୍ଦେଶକ ପଦ ପାଇଁ ଆଗାମୀ ବର୍ଷ ନିମନ୍ତେ ଭର୍ତ୍ତି ପାଇଁ ଆବେଦନ ଆମନ୍ତ୍ରଣ କରାଯାଇଛି । ପ୍ରକାଶିତ ଏବଂ ବିସ୍ତୃତ ବିଜ୍ଞାପନ ଶିକ୍ଷା ମନ୍ତ୍ରଣାଳୟ, ଏନଆଇଟିଏସଇଆର ପରିଷଦ ତଥା ଏମଏନଏନଆଇଟ), ଆଲ୍ଲାହାବାଦ ର ୱେବସାଇଟରେ ମଧ ଉପଲବ୍ଧ ଅଟେ ।

୨. ତାରିଖ ୨୫ ଅଗଷ୍ଟ, ୨୦୨୫ ର ବିସ୍ତୃତ ବିଜ୍ଞାପନ ରେ ଉଲ୍ଲେଖିତ ପାତ୍ରତା ମାନଦଣ୍ଡ ରେ ଏକ ମାନଦଣ୍ଡ ଥିଲା-

ପ୍ରାର୍ଥୀ ପାଖରେ ଶିକ୍ଷଣ/ଉଦ୍ଯୋଗ/ଅନୁସଂନ୍ଧାନ ରେ ୧୫ ବର୍ଷ ଅଭିଜ୍ଞତା ଅବଶ୍ୟ ଥିବା ଦରାକାର ଯାହା ୧୦ ବର୍ଷର ଶିକ୍ଷଣ/ଉଦ୍ଯୋଗ/ଅନୁସଂନ୍ଧାନ କୌଣସି ସଙ୍ଗଠନରେ ପ୍ରଫେସର ବା ତାଠାରୁ ଉପର ସ୍ତର ହେବା ଦରକାର ।

୩. ଉପଯୁକ୍ତ ମାନଦଣ୍ଡକୁ ଏହା ଦ୍ୱାରା ନିମ୍ନ ଅନୁସାର ସଂଶେସଧିତ କରାଯାଇଛି -

ପ୍ରାର୍ଥୀ ପାଖରେ ଶିକ୍ଷଣ/ଉଦ୍ଯୋଗ/ଅନୁସଂନ୍ଧାନ ରେ ୧୫ ବର୍ଷ ଅଭିଜ୍ଞତା ଅବର୍ଶ୍ୟ ଥିବା ଦରାକାର ଯାହା ୭ ବର୍ଷର ଶିକ୍ଷଣ/ଉଦ୍ଯୋଗ/ଅନୁସଂନ୍ଧାନ କୌଣସି ସଙ୍ଗଠନରେ ପ୍ରଫେସର ବା ତାଠାରୁ ଉପର ସ୍ତର ହେବା ଦରକାର ।

୪. ତାରିଖ ୨୫ ଅଗଷ୍ଟ, ୨୦୨୫ ର ବିଜ୍ଞାପନ ରେ ତଥା ପ୍ରକାଶିତ ଏହି ପଦ ପାଇଁ ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତ ଅପରିବର୍ତ୍ତିତ ରହିବ । ଯେଉଁ ପ୍ରାର୍ଥୀ ଏହି ବିଜ୍ଞାପନର ସମ୍ବନ୍ଧର ପୂର୍ବରୁ ଆବେଦନ କରିଛନ୍ତି, ତାଙ୍କୁ ପୁଣି ଆବେଦନ କରିବାକୁ ପଡିବ ନାହିଁ । ପ୍ରାର୍ଥୀ ଏହି ଶୁଦ୍ଧିପତ୍ର ପ୍ରକାଶନର ତାରିଖରୁ ଏକ ମାସ ମଧ୍ୟରେ www.nitcouncil.org.in ରେ ଅନଲାଇନ ଆବେଦନ କରିପାରିବେ ।

**CBC 21306/12/0007/2526**

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 6th December, 2025 Saturday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ସୁନ୍ଦରୀଙ୍କୁ ଯୁବକର କୈଫିୟତ

ହେଲ୍‌ଥ



ଟନିକ୍

**କ**ଲେଜ ଯିବା ପାଇଁ ଟାଉନ୍ ବସ୍‌କୁ ଅପେକ୍ଷା କରି ଦିବ୍ୟ ସୁନ୍ଦରୀ ଝିଅଟିଏ ବସ୍‌ଷ୍ଟାଣ୍ଡରେ ଠିଆ ହୋଇଥାଏ । ତା'ର ଅଳ୍ପ ଦୂରରେ ଜଣେ ଯୁବକ ଠିଆ ହୋଇ ଯୁବତୀକୁ ଏକାଲୟରେ ଅନେଇ ରହିଥାଏ । କିଛି ସମୟ ପରେ ହଠାତ୍ ଯୁବତୀର ଦୃଷ୍ଟି ଯୁବକ ଉପରେ ପଡ଼ିଲା ଏବଂ ସେ ଯୁବକର ଏହି ଆଚରଣରେ ବେଶ ବିରକ୍ତ ହୋଇଉଠିଲା ।

ସମସ୍ତଙ୍କ ସାମ୍ନାରେ ତା'ଆଡ଼କୁ ଏକାଲୟରେ ଚାହିଁ ରହିଥିବାରୁ ଯୁବତୀ ବେଶ ଅସ୍ୱସ୍ତି ଅନୁଭବ କରି ଯୁବକର ପାଖକୁ ଯାଇ ପଚାରିଲା– ତୁମେ କ'ଣ ଜୀବନରେ କୌଣସି ଝିଅ ଦେଖିନ? ଏମିତି ନଦେଖିଲା ଭଳି ମୋ' ଆଡକୁ ଡାହାଣାଙ୍କ ଭଳି ଚାହିଁ ରହିଛ କାହିଁକି? ତମକୁ ଲାଜ ମାଡୁନି? କ'ଣ ପାଇଁ ମତେ ଚାହିଁଛ?

ଯୁବକ, ଯୁବତୀର କଥା ଶୁଣିବା ପରେ ନରମ ସ୍ୱରରେ କହିଲା– ତୁମକୁ ଏଇଥିପାଇଁ ଚାହିଁ ରହିଥିଲି ଯେ ତୁମେ ଖୁବ୍ ସୁନ୍ଦର! ତେଣୁ ଭାବୁଥିଲି ତୁମେ ମୋ'ର ମା' ହୋଇଥିଲେ ମୁଁ କେତେ ସୁନ୍ଦର ହୋଇନଥାନ୍ତି!

## ବୈତରଣୀରେ ହେବ ବ୍ୟାରେଜ

**ପାଟଣା,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲା ପାଟଣା ପାଇଁ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ତହସିଲ ରାଜନଗର ବୈତରଣୀ ନଦୀରେ ଭୀମକୁଣ୍ଡ ବ୍ୟାରେଜ ନିର୍ମାଣ ହେବାର ପ୍ରସ୍ତାବ ରହିଛି କି ବୋଲି ଗୁରୁବାର ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ଅଣ ତାରକା ପ୍ରଶ୍ନ ସଂଖ୍ୟା ୧୫୮୯ର ଲିଖିତ ଉତ୍ତରରେ ବିଧାନସଭାରେ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

**ପାଟଣା ପାଇଁ ବଡ ଖବର**

ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଟଣା ବ୍ଲକ ୧୧୬୮୧. ୫୦, ସାହାରପଡ଼ା ବ୍ଲକର ୧୨୪୧.୫୬, ଘଟଗାଁ ବ୍ଲକର ୧୧୦୩ ଓ ଠାକୁର ମୁଣ୍ଡା ବ୍ଲକର ୬୬୩୫ ହେକ୍ଟର ଜମିରେ ଜଳସେଚନ ହେବ । ମୋଟ୍ ୩୧.୮୩୫ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯିବ । ବୈଷୟିକ ଅନୁମୋଦନ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ଦେଇଛନ୍ତି ।

ସୂଚନା ଯେ, ପାଟଣା ବିଧାୟକ ନାଏକ ତାଙ୍କ ନିର୍ବାଚନ ମଣ୍ଡଳୀ ନୂଆପଡ଼ାରେ ବ୍ୟାରେଜ ନିର୍ମାଣ ପାଇଁ ବହୁଦିନରୁ ଦାବି ହୋଇଆସୁଛି ତାହା କେବେ ହେବ କି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ ।

## ଫ୍ରାନ୍ସକୁ ହରାଇ ସେମିରେ ଜର୍ମାନୀ



**ଚେନ୍ନାଇ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସାତ ଥର ଚାମ୍ପିୟନ ଜର୍ମାନୀ ଶୁଟ୍ ଆଉଟ୍‌ରେ ଫ୍ରାନ୍ସକୁ ୩–୧ ଗୋଲ୍‌ରେ ପରାସ୍ତ କରି ଚଳିତ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି ।

ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୨–୨ରେ ଅମୀମାଂସିତ ଭାବେ ଶେଷ ହେବା ଦ୍ୱାରା ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା ।

ଶୁଟ୍ ଆଉଟରେ ଜର୍ମାନୀ ପକ୍ଷରୁ ଜୋନାସ ଭନ୍ ଜେରସମ୍, ଜଷ୍ଟସ ୱାରୱିଗ୍ ଓ ଲୁକାସ କୋସେଲ ଗୋଲ ସ୍କୋର କରି ବାରେ ସଫଳ ହୋଇଥିବା ବେଳେ ଜର୍ମାନୀ ତରଫରୁ ଏକ ମାତ୍ର ଗୋଲ ଦେଇଥିଲେ ଆରିଷ୍ଟିଡ୍ ମିଚେଲିସ୍ । ଏହି ମ୍ୟାଚ୍‌ରେ ଜର୍ମାନୀର ବିଜୟରେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲେ ଦଳର ଗୋଲ୍‌କିପର ଜାସ୍ପର ଡିଜର । କେବଳ ଶୁଟ୍ ଆଉଟ ନୁହେଁ, ସମଗ୍ର ମ୍ୟାଚ୍‌ରେ ସେ ଚମତ୍କାର ଗୋଲ୍ ରକ୍ଷଣ କରିଥିଲେ । ସୂଚନାଯୋଗ୍ୟ, ୨୦୨୩ ସଂସ୍କରଣ ଫାଇନାଲରେ ଜର୍ମାନୀ ୨–୧ ଗୋଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା ।

## ବାରବାଟୀ ଟି–୨୦: କାଉଣ୍ଟରରେ ଟିକେଟ ବିକ୍ରି ଶେଷ

**କଟକ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗୋଟିଏ ଦିନରେ ସରିଗଲା ଡିସେମ୍ବର ୯ ତାରିଖରେ ହେବାକୁ ଥିବା ବାରବାଟୀ ଟି–୨୦ ମ୍ୟାଚର ସବୁ ଟିକେଟ । ବାରବାଟୀର ସମସ୍ତ କାଉଣ୍ଟରରେ ଟିକେଟ ବିକ୍ରି ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଶେଷ ହୋଇଥିବା ଜଣାପଡ଼ିଛି । ଶାନ୍ତି ଶୃଙ୍ଖଳାର ସହିତ ସମସ୍ତ କାଉଣ୍ଟରରେ ଉପଲବ୍ଧ ଥିବା ୧୦ହଜାର ଟିକେଟ ବିକ୍ରି ଶେଷ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଟିକେଟ ପାଇନଥିବା ବହୁ ବ୍ୟକ୍ତି ନରାଶ ହୋଇଥିବା ଦେଖାଦେଇଥିଲା । କିଛି କ୍ରିକେଟ ପ୍ରେମୀ ଟିକେଟ ପାଇ ଖୁସିରେ ଫେରିଥିବାବେଳେ ଆଉକିଛି କ୍ରୀଡ଼ା ପ୍ରେମୀ ଟିକେଟ ନପାଇ ନିରାଶ ହୋଇଥିଲେ ।



ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କାର୍ଯ୍ୟସୂଚୀ ଅନୁଯାୟୀ ଡିସେମ୍ବର ୫ ଓ ୬ ତାରିଖ ୨ ଦିନ ସାଧାରଣ ଦର୍ଶକଙ୍କ ପାଇଁ ୧୦ହଜାର ଟିକେଟ କାଉଣ୍ଟରରେ ବିକ୍ରି ପାଇଁ ଉପଲବ୍ଧ ଥିଲା । ସେଥିପାଇଁ ଗୁରୁବାର ରାତିରୁ ୨୦ହଜାରରୁ ଅଧିକ କ୍ରିକେଟ ପ୍ରେମୀ ବାରବାଟୀ ଷ୍ଟାଡ଼ିୟମ କାଉଣ୍ଟର ସମ୍ମୁଖରେ ଧାଡ଼ି ବାନ୍ଧିଥିଲେ । ବାରବାଟୀ ଷ୍ଟାଡ଼ିୟକ ଚର୍ତୁପାର୍ଶ୍ୱ ସତେ ଯେପରି ମିନି ଓଡ଼ିଶା ପାଲଟି ଯାଇଥିଲା । ଟିକେଟ ବିକ୍ରି ପାଇଁ ମୋଟ ୫ଟି କାଉଣ୍ଟର ରହିଥିଲା । ତନ୍ମଧ୍ୟରୁ ୨ଟି କାଉଣ୍ଟର କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଜଣେ ବ୍ୟକ୍ତି ବୈଧ ପ୍ରମାଣପତ୍ର ଦେଖାଇ ୨ଟି ଟିକେଟ କିଣିବାର ବ୍ୟବସ୍ଥା ହୋଇଥିଲା । ଶୁକ୍ରବାର ସକାଳ ୯ଟାରୁ କାଉଣ୍ଟର ଖୋଲିବାକୁ କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା । ହେଲେ ୧ଘଣ୍ଟା ବିଳମ୍ବରେ କାଉଣ୍ଟର ଖୋଲିଥିଲା । ଟିକେଟ ପାଇଁ ଦର୍ଶକମାନେ ଲାଇନରେ ଛିଡ଼ା ହୋଇଥିଲେ । ଲୋକମାନେ ଧାଡିରେ ଆସି ନିଜ ନିଜର ପରିଚୟପତ୍ର ଦେଖାଇ କାଉଣ୍ଟରରୁ ଟିକେଟ କିଣିଥିଲେ । ଶୁକ୍ରବାର ସନ୍ଧ୍ୟାରେ କାଉଣ୍ଟର ବନ୍ଦ ବେଳକୁ ସବୁ ଟିକେଟ ବିକ୍ରି ସରିଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଶନିବାର ଆଉ କାଉଣ୍ଟର ଖୋଲିବ ନାହିଁ ବୋଲି ସୂଚନା ମିଳିଛି । କାଲିଠାରୁ ଧାଡ଼ିରେ ଅପେକ୍ଷା କରିଥିବା ହଜାର ହଜାର କ୍ରିକେଟ ପେମୀଙ୍କୁ ଶେଷରେ ନିରାଶ ହୋଇ ଫେରିବାକୁ ପଡ଼ିଥିଲା । ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରୁ କ୍ରିକେଟ ପ୍ରେମୀ ଟିକେଟ ପାଇଁ ଷ୍ଟାଡ଼ିୟମ ବାହାରେ ଜମା ହୋଇଥିଲେ । ଦର୍ଶକଙ୍କୁ ନିୟନ୍ତ୍ରଣ କରିବାରେ ପୋଲିସ ନାକେଦମ ହୋଇଥିଲା । ଅସମ୍ଭାଳ ଭିଡ଼କୁ ନଜରରେ ରଖି ପୋଲିସ ଲୋକଙ୍କୁ ପର୍ଯ୍ୟାୟକ୍ରମେ ଗୁରୁବାର ବିଳମ୍ବିତ ରାତିରେ ବ୍ୟାରିକେଟ ଭିତରକୁ ଛାଡ଼ିଥିଲା । ଶୁକ୍ରବାର ମଧ ସକାଳେ ସମାନ ସ୍ଥିତି ଲାଗି ରହିଥିଲା । କାଉଣ୍ଟର ଆଗରେ କ୍ରୀଡ଼ା ପ୍ରେମୀଙ୍କ ଅସମ୍ଭାଳ ଭିଡ଼ ରହିଥିଲା । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ କମିଶନରେଟ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା । କାଉଣ୍ଟର ପାଖରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବାରବାଟୀରେ କାଉଣ୍ଟରରେ ଟିକେଟ ବିକ୍ରି ଶେଷ ହୋଇଥିଲା । କାଉଣ୍ଟରରେ ୧୦ ହଜାର ଟିକେଟ ବିକ୍ରି ହୋଇଥିଲା । ଟିକେଟ ନପାଇ ହଜାର ହଜାର ଫ୍ୟାନ୍ସ ନିରାଶ ହୋଇ ଫେରିଥିଲେ । ଶାନ୍ତି ଶୃଙ୍ଖଳାର ସହିତ କାଉଣ୍ଟରରେ ଟିକେଟ ବିକ୍ରି ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଟିକେଟ କଳାବଜାରୀ ରୋକିବାକୁ କମିଶନରେଟ ପୋଲିସ ବାରବାଟୀ ଷ୍ଟାଡ଼ିୟମ ଚାରିପଟେ ଡ୍ରୋଣ କ୍ୟାମେରା ଉଡାଇଥିଲେ । ଗଳିକନ୍ଦିରେ ଯେଉଁଠି ଟିକେଟ କଳାବଜାର କରାଯିବ ଏହା ଉପରେ ନଜର ରଖିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବନ୍ଦୋବସ୍ତ କରାଯାଇଥିଲା । ପଡ଼ିଆ ବାହାରେ, ଟିକେଟ କାଉଣ୍ଟର ଓ ବ୍ୟାରିକେଟ ନିକଟରେ ୬୪ଟି ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିଲା । ପାଖାପାଖି ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଶାନ୍ତି ଶୃଙ୍ଖଳାର ସହିତ ବାରବାଟୀ କାଉଣ୍ଟରରେ ଟିକେଟ ବିକ୍ରି ଶେଷ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ମହାନଦୀରେ ବୁଲୁଛି କୁମ୍ଭୀର

**କଟକ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାରଙ୍ଗ ଥାନା ଅଧୀନସ୍ଥ ମୁଣ୍ଡୁଳୀ ବ୍ୟାରେଜ ନିକଟସ୍ଥ ମହାନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି । ନଦୀପଠା ବାଲିରେ ଶୁକ୍ରବାର ସକାଳୁ ଏକ ବିରାଟ କୁମ୍ଭୀର ଶୋଇଥିବା କିଛି ଲୋକ ଦେଖିଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ କୁମ୍ଭୀର ଦେଖିବା ପାଇଁ ଲୋକମାନଙ୍କ ଭିଡ଼ ଆରମ୍ଭ ହୋଇଯାଇଥିଲା । ସେତୁ ଉପରେ ଏମିତି ଭିଡ଼ ହୋଇଥିଲା ଯେ, ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା । କୁମ୍ଭୀରଟିର ଲମ୍ବ ପ୍ରାୟ ୧୦ରୁ ୧୨ ଫୁଟ ହେବ ବୋଲି ଅନୁମାନ କରାଯାଉଛି । ମହାନଦୀରେ କୁମ୍ଭୀର ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିବାବେଳେ ଅପର ପକ୍ଷରେ କୁମ୍ଭୀର ଦେଖିବାକୁ ମୁଣ୍ଡୁଳୀ ବ୍ୟାରେଜରେ ଲୋକଙ୍କ ଭିଡ଼ ଜମିଥିଲା । ଖବର ପାଇଁ ବାରଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲା । ପରେ ବନ ବିଭାଗ କର୍ମଚାରୀମାନେ ଆସି ନଦୀ ମଧ୍ୟକୁ ପଶି କୁମ୍ଭୀର ପାଖକୁ ଯିବା ପାଇଁ ଉଦ୍ୟମ କରୁଥିବାବେଳେ କୁମ୍ଭୀରଟି ନଦୀ ମଧ୍ୟକୁ ପଳାଇ ଯାଇଥିଲା । ମହାନଦୀ ତଟବର୍ତ୍ତୀ ଗ୍ରାମଗୁଡ଼ିକ ନଦୀରେ କୁମ୍ଭୀର ଥିବା ଜଣାପଡ଼ିବା ପରେ ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବନବିଭାଗ କର୍ମଚାରୀମାନେ ଆସି ନଦୀକୂଳ ଗ୍ରାମବାସୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି ।

**ମା'ପରେ କିଏ ନେବ ସମ୍ପତ୍ତି**

## ଭାଇ-ଭଉଣୀଙ୍କ କଳିରେ ପଡିରହିଲା ମା'ର ମୃତଦେହ

**କୁଜଙ୍ଗ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭାଇ ଭଉଣୀଙ୍କ ମଧ୍ୟରେ ସମ୍ପତ୍ତି ବିବାଦକୁ ନେଇ ଦୀର୍ଘ ସମୟ ପଡିରହିଲା ମା'ର ମୃତଦେହ । ମା'ର ମୃତ୍ୟୁ ପରେ କିଏ ପାଇବ ସମ୍ପତ୍ତି ଭାଗ, କାହା ନାମରେ ହେବ ପୈତୃକ ଘର ତାହାକୁ ନେଇ ବିବାଦ ଏମିତି ଉଗ୍ରରୂପ ଧରିଥିଲା ଯେ ମୃତଦେହ ସତ୍କାର ନହୋଇ ପଡ଼ି ରହିବା ଘଟଣା ଆଲୋଚନାର ବିଷୟ ପାଲଟିଛି । ସୂଚନା ମୁତାବକ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳି ଗ୍ରାମର ସ୍ୱର୍ଗତ କରୁଣାକର ତରାଇଙ୍କର ଚାରି ଝିଅ ସମେତ ଗୋଟିଏ ପୁଅ ଅଛି । ଚାରି ଝିଅ ଓ ପୁଅ ବିଭୂତି ତରାଇ ସମସ୍ତେ ବିବାହ କରିସାରିଛନ୍ତି ।

ହେଲେ କରୁଣାକରଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ସମସ୍ତ ସମ୍ପତ୍ତି ଓ ଘରକୁ ଜଣେ ଝିଅଙ୍କ ନାମରେ କରିଦେଇଥିଲେ । ଯାହାକୁ ପୁଅଙ୍କ ସମେତ ଅନ୍ୟ ତିନି ଝିଅ ବିରୋଧ କରୁଥିଲେ । ଏହା ପରେ ସଂପୃକ୍ତ ଝିଅ ମା' ମାଳତୀକୁ ନିଜ ଶାଶୂଘର ମଙ୍ଗରାଜପୁରରେ ନେଇ ପାଖରେ ରଖିଥିଲା । କିନ୍ତୁ ପୁଅ ବିଭୂତି ଓ ତାଙ୍କ ପତ୍ନୀ ସେହି ପୈତୃକ ଡିହରେ ଏକ ଚାଳ ଘର କରି ରହୁଥିଲେ ।

ବିଶ୍ୱାଳି ସ୍ଥିତ ପୈତୃକ ଘର ଡିହରେ ଝିଅ ତିନି ମହଲା କୋଠା ନିର୍ମାଣ କରିଥିଲେ । ଗୁରୁବାର ମଙ୍ଗରାଜପୁର ସ୍ଥିତ ଝିଅ ଘରେ ମାଳତୀଙ୍କର ଦେହାନ୍ତ ହୋଇଥିଲା । ଝିଅ ଯେତେବେଳେ ମା'ର ମୃତଦେହ ସତ୍କାର ନିମନ୍ତେ ବିଶ୍ୱାଳି ସ୍ଥିତ ପୈତୃକ ଘରକୁ ନେଇ ପହଞ୍ଚିବା ପରେ ଯୁବ ନେତା ଜ୍ଞାନେନ୍ଦ୍ର ସାମଲଙ୍କ ନେତୃତ୍ୱରେ ଗ୍ରାମବାସୀ ଏକାଠି ହୋଇ ପ୍ରଥମେ ବିଭୂତିଙ୍କ ନାମରେ ଘର କରି ଦେବା ପରେ ଯାଇ ମୃତଦେହ ସତ୍କାର କରାଯିବ କହିଥିଲେ । ଯାହାଫଳରେ ଝିଅ ଅଡୁଆରେ ପଡ଼ିଯାଇଥିଲା ।

ମୃତଦେହ ପଡ଼ି ରହିବା ଖବର ପାଇ ପାରାଦୀପ ଲକ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ବି ଗ୍ରାମବାସୀ ନଛୋଡ ବନ୍ଧା ହୋଇ ମୃତଦେହ ସତ୍କାର କରାଇ ଦେଇନଥିଲେ । ଯେହେତୁ ବିଭୂତିଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି ତେଣୁ ଉଭୟ ପତି ପତ୍ନୀ ମୃତ୍ୟୁ ପର୍ଯ୍ୟନ୍ତ କୋଠା ଘରେ ରହିବେ ଓ ସେମାନଙ୍କ ମୃତ୍ୟୁ ପରେ ଝିଅ ଦଖଲକୁ ନେବ ବୋଲି ଲେଖାପଢା ହେଲେ ଯାଇ ସତ୍କାର କରାଯିବ ବୋଲି ଗ୍ରାମବାସୀ ଦାବି କରିଥିଲେ । ତେବେ ଭଦ୍ରଲୋକଙ୍କ ମଧ୍ୟସ୍ଥତାରେ ବିବାଦ ସମାଧାନ ପରେ ବିଳମ୍ବିତ ରାତିରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି ।

## ବାହାଘର ବୟସ ହୋଇ ନଥିଲେ ବି ଏକାଠି ରହିପାରିବେ ପୁଅ-ଝିଅ

**ଜୟପୁର,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**




ରାଜସ୍ଥାନ ହାଇକୋର୍ଟ ଲିଭ-ଇନ ରିଲେସନସିପ ଉପରେ ଐତିହାସିକ ରାୟ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, କୌଣସି ପୁଅ ଓ ଝିଅ ଯେଉଁମାନଙ୍କ ବିବାହ ବୟସ ହୋଇନଥିବ ସେମାନେ ଚାହିଁଲେ ଲିଭ-ଇନ ରିଲେସନସିପରେ ରହିପାରିବେ । କୋର୍ଟର ଜନୈକା ୧୮ ବର୍ଷ ବୟସ୍କା କିଶୋରୀ ଓ ୧୯ ବର୍ଷ ବୟସ୍କ କିଶୋରଙ୍କ ଦ୍ୱାରା ରାଜସ୍ଥାନ ହାଇକୋର୍ଟରେ ରୁଜୁ ଏକ ପିଟିସନର ଶୁଣାଣିରେ ଏହି ରାୟ ଦେଇଛନ୍ତି ।

ରାଜସ୍ଥାନ ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଅନୁପ ଡାଣ୍ଡ କହିଛନ୍ତି ଯେ ଅନୁଚ୍ଛେଦ ୨୧ ଅନୁସାରେ ସମସ୍ତଙ୍କର ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ରହିଛି । ଏଣୁ ଆବେଦନକାରୀଙ୍କ ଉପରେ କୌଣସି ପ୍ରକାରର ବିପଦକୁ ସାମ୍ବିଧାନିକ ଉଲ୍ଲଂଘନ ମନେ କରାଯିବ । କୋର୍ଟ କହିଛନ୍ତି ଯେ ଆବେଦନକାରୀ ବିବାହ ଯୋଗ୍ୟ ନୁହନ୍ତି, କେବଳ ଏହା କହି ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ ରଖାଯାଇ ପାରିବନି । ଲିଭ-ଇନ ରିଲେସନସିପ୍ ନା ତ ଅବୈଧ ନା ଭାରତୀୟ ଆଇନ ଅନୁସାରେ ଅପରାଧ ଶ୍ରେଣୀରେ ଆସୁଛି । ଏଣୁ ସେମାନେ ଲିଭ-ଇନରେ ରହି ପାରିବେ ।

ଉଲ୍ଲେଖଯୋଗ୍ୟ ଯେ ଏହି ଯୋଡା ଲିଭ-ଇନରେ ରହୁଛନ୍ତି । ଆବେଦନକର୍ତ୍ତାଙ୍କ ଅନୁସାରେ ସେମାନେ ୨୭ ଅକ୍ଟୋବର ୨୦୨୫ରୁ ଲିଭ-ଇନରେ ଅଛନ୍ତି । ହେଲେ କିଶୋରୀଙ୍କ ପରିବାର ଲୋକେ ଏହାକୁ ବିରୋଧ କରୁଛନ୍ତି । ସେମାନେ ଯୋଡିଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି । ଏହି ଦୃଷ୍ଟିରୁ ଯୋଡା ପୋଲିସ ସୁରକ୍ଷା ନିବେଦନ କରିଛନ୍ତି । ଏଥିରେ ରାଜସ୍ଥାନ ହାଇକୋର୍ଟଙ୍କ ସରକାରୀ ଓକିଲ କହିଛନ୍ତି ଯେ ପୁଅ ଓ ଝିଅଙ୍କର ଏବେ ବିବାହ ବୟସ ହୋଇ ନାହିଁ । ପୁଅ ୨୧ ବର୍ଷରୁ କମ ବୟସର ହୋଇଥିବା ବେଳେ ଝିଅର ବୟସ ୧୮ ବର୍ଷରୁ ମଧ୍ୟ କମ୍ । ଏଣୁ ଦୁଇ ଜଣଙ୍କୁ ଲିଭ-ଇନରେ ରହିବାକୁ ଅନୁମତି ଦିଆଯାଇ ନପାରେ ।

ତେବେ କିଶୋର ଓ କିଶୋରୀ ଅଭିଯୋଗ କରିଛନ୍ତି ଯେ ସେମାନେ କୋଟା ପୋଲିସକୁ ସୁରକ୍ଷା ନିମନ୍ତେ ଲିଖିତ ଆବେଦନ କରିଥିଲେ । ତେବେ ସେମାନଙ୍କ ଆବେଦନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି । ତେବେ କୋର୍ଟ ଭିଲୱାଡା ଓ ଯୋଧପୁର ପୋଲିସକୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

### ଖୁବ୍‌ଶୀଘ୍ର ଆଇଡିବିଆଇ...

ଏହାର ୬୦.୭୨% ଅଂଶଧନ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହାର ମୂଲ୍ୟ ଆଇଡିବିଆଇ ବ୍ୟାଙ୍କର ବର୍ତ୍ତମାନର ବଜାର ମୂଲ୍ୟରେ ପ୍ରାୟ ୭.୧ ବିଲିୟନ୍ ଡଲାର ହେବ । ଋଣଭାରରେ ବୁଡ଼ି ରହିଥିବା ଏହି ବ୍ୟାଙ୍କ୍ ଗତ କିଛି ବର୍ଷ ମଧ୍ୟରେ କ୍ଲିନ୍‌ଅପ୍ ପରିସ୍ଥିତିରୁ ଉଠିଛି । କ୍ୟାପିଟାଲ୍ ସୋପୋର୍ଟ ଓ ଦ୍ରୁତ ରିକଭରି ଏହାକୁ ନନ୍-ପରଫର୍ମିଂ ଆସେଟ୍‌ରେ ଦ୍ରୁତ ହ୍ରାସ କରିବା ପରେ ବ୍ୟାଙ୍କ ଲାଭଦାୟକ ସ୍ଥିତିରେ ପହଞ୍ଚିଥିଲା ।

ଯେହେତୁ ବ୍ୟାଙ୍କଟି ଏବେ ଲାଭଦାୟକ ସ୍ଥିତିରେ ଅଛି, ବକେୟା ଋଣ ପରିଶୋଧ କରୁଛି ଏବଂ ଏହାର ବାଲାନ୍ସ-ସିଟ୍ ପୂର୍ବଠାରୁ ଭଲ ସ୍ଥିତିରେ ଅଛି, ସେଥିପାଇଁ ସରକାର ଏବେ ଏହାକୁ ଘରୋଇକରଣ କରିବାକୁ ପ୍ରସ୍ତୁତ ଅଛନ୍ତି । ତଥାପି, ନିୟାମକ ଅନୁମୋଦନ ପାଇବାରେ ବିଳମ୍ବ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁଁ ସରକାର ବିକ୍ରି ସମାପ୍ତିର ପୂର୍ବ ସମୟସୀମା ହରାଇଛନ୍ତି । ଘରୋଇକରଣ ମାର୍ଚ୍ଚ ୨୦୨୬ ସୁଦ୍ଧା ସମାପ୍ତ ହେବ ବୋଲି ସରକାର ସୂଚନା ଦେଇଛନ୍ତି ।

ସର୍ଟଲିଷ୍ଟେଡ୍ ବିଡରମାନେ ଏବେ ବ୍ୟାଙ୍କର ଡ୍ୟୁ ଡିଲିଜେନ୍ସ ଅର୍ଥାତ୍ ବ୍ୟାଙ୍କ୍‌କୁ ପୁଙ୍ଖାନୁପୁଙ୍ଖ ପରୀକ୍ଷଣ କରୁଛନ୍ତି । କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଲିମିଟେଡ୍, ଏମିରେଟ୍‌ସ ଏନ୍‌ବିଡି ପିଜେଏସ୍‌ସି ଓ ଫେୟାରଫ୍ୟାକ୍ସ ଫାଇନାନ୍ସିଆଲ ହୋଲ୍ଡିଂସ୍ ଲିମିଟେଡ୍ ବ୍ୟାଙ୍କ୍‌କୁ ଅଧିଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । କେନ୍ଦ୍ରସରକାର ଓ ରାଷ୍ଟ୍ରାୟତ୍ତ ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ ମିଳିତ ଭାବେ ଆଇଡିବିଆଇ ବ୍ୟାଙ୍କରେ ପ୍ରାୟ ୯୫% ଅଂଶଧନ ରଖିଛନ୍ତି । ସରକାର ବ୍ୟାଙ୍କରେ ଏହାର ୩୦.୪୮% ଅଂଶଧନ ବିକ୍ରି କରିବେ ଏବଂ ଏଲଆଇସି ପରିଚାଳନା ନିୟନ୍ତ୍ରଣ ହସ୍ତାନ୍ତର ସହିତ ଏହାର ୩୦.୨୪% ଅଂଶଧନ ବିକ୍ରି କରିବ ।

ବ୍ୟାଙ୍କର ବିକ୍ରି ଓ ଘରୋଇକରଣ ହେବା ପରେ, ନିଃସନ୍ଦେହରେ ଅନେକ ପରିବର୍ତ୍ତନ ହେବ । କିନ୍ତୁ ଏହା ବ୍ୟାଙ୍କର ଆକାଉଣ୍ଟଧାରୀଙ୍କୁ ପ୍ରଭାବିତ କରିବନାହିଁ । ବ୍ୟାଙ୍କ୍ ଆକାଉଣ୍ଟ ଓ ଋଣ ପରିମାଣ ସମାନ ରହିବ । ଓଲଟା, ଘରୋଇକରଣ ପରେ ଗ୍ରାହକମାନେ ଆହୁରି ଭଲ ସୁବିଧା ପାଇପାରନ୍ତି । କିଛି ଛୋଟମୋଟ ପରିବର୍ତ୍ତନ କରିବାକୁ ପଡିପାରେ, ଯେମିତିକି ଲଗ୍‌ଇନ୍ ଆଇଡି ବଦଳ କିମ୍ବା ଚେକ୍‌ବୁକ୍ ବା ପାସ୍‌ବୁକ୍‌ରେ ପରିବର୍ତ୍ତନ । ଏହା ଭବିଷ୍ୟତରେ ବ୍ୟାଙ୍କର ସେୟାର୍‌କୁ ମଧ୍ୟ ପ୍ରଭାବିତ କରିପାରେ ।

### ସ୍କୁଲ ବହି...

ଉତ୍ତର ରଖି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହେଉଥିବା ସ୍କୁଲଗୁଡ଼ିକର ପାଠ୍ୟପୁସ୍ତକରେ ପରିବର୍ତ୍ତନ ଆଣିବା ପାଇଁ ସରକାରଙ୍କ ପରିକଳ୍ପନା ରହିଛି ।

ଏହି ପରିବର୍ତ୍ତନ ତୁରନ୍ତ ଲାଗୁ ହେବ ନାହିଁ । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଏଥିପାଇଁ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି ଏବଂ ପର୍ଯ୍ୟାୟ କ୍ରମେ ଏହି ନୂତନ ପାଠ୍ୟକ୍ରମକୁ ଲାଗୁ କରାଯିବ । ଶିକ୍ଷା ବ୍ୟବସ୍ଥାରେ ସମୟୋପଯୋଗୀ ସୁଧାର ଆଣିବା ଏବଂ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ସରକାର ପାଠ୍ୟପୁସ୍ତକ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ପ୍ରାଥମିକ ସ୍ତରରୁ ଉଚ୍ଚମାଧ୍ୟମିକ ସ୍ତର ଯାଏଁ ସମସ୍ତ ଛାତ୍ରଛାତ୍ରୀ ନୂଆ ବହି ପଢିବାର ସୁଯୋଗ ପାଇବେ ।

### ଲାଞ୍ଚ ମାଗିଲା ବେଳେ ଭିଜିଲାନ୍ସ...

ମୁତାବକ ଆଜି ଫରେଷ୍ଟର ଗୌରାଙ୍ଗ ସାହୁ ଜମି ମାଲିକଙ୍କ ଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସର ଏକ ଟିମ୍ ମାଡି ବସିଥିଲା । ଗୌରାଙ୍ଗ ସାହୁ ଘଟଣାସ୍ଥଳରୁ ଫେରାର୍ ହେବାକୁ ଉଦ୍ୟମ କରି ଫେଲ୍ ମାରିଥିଲେ । ଭିଜିଲାନ୍ସ ଫରେଷ୍ଟରଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖିଛି । ଏକ ମାମଲା ରୁଜୁ କରି ଦୁଇଟି ସ୍ଥାନରେ ଚଢାଉ କରିଛି ।

### ଫେବ୍ରୁଆରୀ ୧୯ରେ...

ଯାଏ ଚାଲିବ । କେବଳ ଗଣିତ ପରୀକ୍ଷା ପାଇଁ ପରୀକ୍ଷାର୍ଥୀ ଅଧିକ ୧୫ ମିନିଟ ସମୟ ପାଇବେ । ଏହି କାର୍ଯ୍ୟସୂଚୀ ଉଭୟ ରେଗୁଲାର ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଲାଗୁ ହୋଇଛି । ଏଥର ୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ ।

ଫେବୃଆରୀ ୧୯ ତାରିଖ ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାତୃଭାଷା ପରୀକ୍ଷା ଦେବେ । ସେହିପରି ୨୧ ତାରିଖରେ ଇଂରାଜୀ, ୨୩ ତାରିଖରେ ସଂସ୍କୃତ /ହିନ୍ଦୀ, ୨୫ ତାରିଖରେ ବିଜ୍ଞାନ ଓ ୨୭ ତାରିଖରେ ସାମାଜିକ ବିଜ୍ଞାନ ପରୀକ୍ଷା ଦେବେ । ସେହିପରି ମାର୍ଚ୍ଚ ୨ ତାରିଖରେ ଛାତ୍ରଛାତ୍ରୀମାନେ ଗଣିତ ପରୀକ୍ଷା ଦେବେ ।

### ଇଣ୍ଡିଗୋର ସମସ୍ୟା...

ବାତିଲ କରିଛି । ଅନ୍ୟାନ୍ୟ ବିମାନ ବନ୍ଦର ସମେତ, ଶୁକ୍ରବାର ୪୦୦ରୁ ଅଧିକ ବିମାନ ବାତିଲ କରାଯାଇଛି । ଇଣ୍ଡିଗୋର ଏଭଳି ଅସୁବିଧାକୁ ନେଇ ସରକାରଙ୍କୁ ଘେରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ।

ରାହୁଲ ଗାନ୍ଧୀ କହିଛନ୍ତି ଯେ, ଇଣ୍ଡିଗୋର ବିଫଳତା ହେଉଛି, ସରକାରଙ୍କ ଏକାଚାଟିଆ ମଡେଲର ମୂଲ୍ୟ । ନଭେମ୍ବର ୬, ୨୦୨୪ର ଏକ ଆର୍ଟିକିଲକୁ ରିପୋଷ୍ଟ କରି ରାହୁଲ ଗାନ୍ଧୀ କହିଛନ୍ତି, 'ପୁଣିଥରେ ଭାରତୀୟମାନେ ବିଳମ୍ବ, ବାତିଲ ଏବଂ ଅସହାୟତା ରୂପରେ ଏହାର ମୂଲ୍ୟ ଦେଉଛନ୍ତି । ଭାରତ ପ୍ରତ୍ୟେକ କ୍ଷେତ୍ରରେ ନିରପେକ୍ଷ ପ୍ରତିଯୋଗିତା ପାଇବାକୁ ଯୋଗ୍ୟ ।'

ଇଣ୍ଡିଗୋ ବିମାନ ବାତିଲ ହେବା ଯୋଗୁଁ ଦେଶର ବିଭିନ୍ନ ବିମାନ ବନ୍ଦରରେ ଯାତ୍ରୀମାନେ ଫସି ରହିଛନ୍ତି ଏବଂ ହଇରାଣ ହେଉଛନ୍ତି । ସମସ୍ତ ପ୍ରମୁଖ ବିମାନ ବନ୍ଦରରେ ବିମାନକୁ ଅପେକ୍ଷା କରିଥିବା ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି । ଲୋକମାନେ କହିଛନ୍ତି ଯେ, ସେମାନଙ୍କୁ ସଠିକ୍ ସୂଚନା ପ୍ରଦାନ କରାଯାଉନାହିଁ । ସେମାନଙ୍କୁ କୁହାଯାଇ ନାହିଁ ଯେ, ବିମାନ କେବେ ଛାଡିବ । ଉତ୍ତେଜନା ମଧ୍ୟରେ, ଇଣ୍ଡିଗୋ ଏକ ବିବୃତ୍ତି ଜାରି କରି କ୍ଷମା ପ୍ରାର୍ଥନା କରିଛି । କହିଛି ଯେ, ଏହା ପରିସ୍ଥିତିକୁ ସୁଧାରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛି ।

### ଡିଜିସିଏ କୋହଳ...

ବିମାନ ମଧ୍ୟରାତି ପର୍ଯ୍ୟନ୍ତ ବାତିଲ କରାଯାଇଛି । ବାତିଲ ଯୋଗୁଁ ଗ୍ରାହକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ, ଇଣ୍ଡିଗୋ ପୂର୍ଣ୍ଣ ଅର୍ଥ ଫେରସ୍ତ ପ୍ରଦାନ କରିଛି । ଇଣ୍ଡିଗୋ ଏଥିପାଇଁ କ୍ଷମାମାଗି କହିଛି, ଆମଯୋଗୁଁ ପ୍ରଭାବିତ ଗ୍ରାହକମାନଙ୍କୁ ସମର୍ଥନ କରିବା ପାଇଁ, ଆମେ ସେମାନଙ୍କୁ ଜଳପାନ, ସେମାନଙ୍କ ପସନ୍ଦର ପରବର୍ତ୍ତୀ ଉପଲବ୍ଧ ବିମାନ, ହୋଟେଲ ରହଣି, ବ୍ୟାଗେଜ ପୁନରୁଦ୍ଧାରରେ ସହାୟତା କରୁଛୁ ଏବଂ ପ୍ରଯୁଜ୍ୟ ସ୍ଥାନରେ ପୂର୍ଣ୍ଣ ଅର୍ଥରାଶି ଫେରସ୍ତ କରୁଛୁ । ଡିଜିସିଏ ଡିଜି ଫୈଜ ଅହମ୍ମଦ କିଦୱାଇ ସମସ୍ତ ପାଇଲଟ୍ ସଂଘ ଏବଂ ପାଇଲଟ୍‌ମାନଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି ।

### ବ୍ରାଉନସୁଗାର ଜବତ...

ଏସଆଇ ବଳବୀର ଗଡ଼ନାୟକ, ଏଏସଆଇ ଦିଲ୍ଲୀପ ନନ୍ଦ ଓ ଅଜୟ ବେହେରା, କନେଷ୍ଟବଳ ଦିଲଜିତ ଦାସ, ରୋଜାଲିନ ପଟ୍ଟନାୟକ, ରଂଜିତ ସାହୁ, ଶଙ୍କର୍ଷଣ ରାଉତ, ଶିବାନନ୍ଦ ଷଡଙ୍ଗୀ ଓ ରୋଜାଲିନ ବେହେରା ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ୧୦ ଗୁଣା ବଢ଼ିଲା ବିମାନ ଟିକେଟ ଦର

**ନୂଆଦିଲ୍ଲୀ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଦେଶ ଯାତ୍ରାଠୁ ମହଙ୍ଗା ହେଲା ଭାରତୀୟ ସହରକୁ ବିମାନ ଯାତ୍ରା । ଶୁକ୍ରବାର ବିମାନ କମ୍ପାନୀଗୁଡ଼ିକ ଅଚାନକ ଟିକେଟ ଦର ବୃଦ୍ଧି କରିବା ଫଳରେ ଯାତ୍ରୀ ହରଡ଼ଘଣାରେ ପଡ଼ିଛନ୍ତି । ପ୍ରାୟ ୮ରୁ ୧୦ ଗୁଣା ପର୍ଯ୍ୟନ୍ତ ଟିକେଟ ଦର ବୃଦ୍ଧି କରିଛନ୍ତି ବିମାନ କମ୍ପାନୀ । ପୂର୍ବରୁ ଦିଲ୍ଲୀରୁ ମୁମ୍ବଇ ବିମାନ ଯାତ୍ରା ପାଇଁ ଯେଉଁଠି ୬ରୁ ୭ ହଜାର ଟଙ୍କା ଟିକେଟ ମୂଲ୍ୟ ରହିଥିଲା ଏବେ ତାହା ବଢ଼ି ୪୯ ହଜାରରେ ପହଞ୍ଚିଛି ।

ଅନ୍ତର୍ଜାତୀୟ ବାୟୁ ପରିବହନ ଆସୋସିଏସନ (ଆଇଏଟିଏ) ତଥ୍ୟ ଅନୁସାରେ, ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ, କଲକାତା ଏବଂ ହାଇଦ୍ରାବାଦ ମଧ୍ୟରେ ସବୁଠୁ ଅଧିକ ବିମାନ ଯାତ୍ରୀ ଚଳାଚଳ କରୁଛନ୍ତି । ଭାରତରେ ଏହି ରୁଟ ସବୁଠୁ ବ୍ୟସ୍ତବହୁଳ ରୁଟ୍ । ବର୍ତ୍ତମାନ ଇଣ୍ଡିଗୋ ବିମାନ ଉଡ଼ାଣରେ ସମସ୍ୟା ଯୋଗୁ ଅନ୍ୟ ବିମାନ କମ୍ପାନୀଗୁଡ଼ିକ ଏହି ରୁଟ୍‌ରେ ଟିକେଟ ଦରକୁ ଅହେତୁକ ବୃଦ୍ଧି କରିଛନ୍ତି ।

ଦିଲ୍ଲୀରୁ ମୁମ୍ବଇ ସିଧାସଳଖ ବିମାନ ଯାତ୍ରା ପାଇଁ ଟିକେଟ ଦର ୨୫ ହଜାର ୧୬୧ ଟଙ୍କା ରହିଛି । ଯିବା ଆସିବା ପାଇଁ ଏହା ୪୮ ହଜାର ୯୭୨ ଟଙ୍କା ରଖାଯାଇଛି । ତାହା ପୁଣି ଟିକସ ବ୍ୟତୀତ । ପୂର୍ବରୁ ଏହା ୧୨ରୁ ୧୩ ହଜାର ମଧ୍ୟରେ ରହିଥିଲା । ସେହିପରି ମୁମ୍ବଇରୁ ଦିଲ୍ଲୀ ଯିବାଆସିବା ଟିକେଟ ଦର ୪୬ ହଜାର ୮୦୦ ଟଙ୍କା ରଖାଯାଇଛି ।

ଅନ୍ୟପଟେ ଦିଲ୍ଲୀରୁ କଲକତା ଟିକେଟ ଦର ୩୨ ହଜାରରୁ ୩୯ ହଜାର ପର୍ଯ୍ୟନ୍ତ ରଖାଯାଇଛି । ଡିସେମ୍ବର ୬ ତାରିଖ ଯାତ୍ରା ପାଇଁ ଏହି ମୂଲ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି କଲକାତାରୁ ଦିଲ୍ଲୀ ୨୨ ହଜାରରୁ ୩୮ ହଜାର ପର୍ଯ୍ୟନ୍ତ ରହିଛି ।

ଦିଲ୍ଲୀରୁ ବେଙ୍ଗାଲୁରୁ ବିମାନ ଟିକେଟ ମୂଲ୍ୟ ବୃଦ୍ଧି ପାଇ ୮୦ ହଜାରରୁ ୮୮ ହଜାର ଟଙ୍କା ମଧ୍ୟରେ ରହିଛି । ଅନ୍ୟ ସାଧାରଣ ଦିବସରେ ଏହା ୧୪ ହଜାର ଟଙ୍କା ରହିଥିଲା । ଯେଉଁଠି ଭାରତରୁ ଦୁବାଇକୁ ବିମାନ ଯାତ୍ରା ୧୫ ହଜାର ଟଙ୍କା ଭିତରେ ହୋଇଯାଉଛି ସେଠାରେ ଦେଶ ଭିତରେ ଟିକେଟ ଦର ଏଭଳି ବୃଦ୍ଧି ପାଇବାକୁ ନେଇ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା: ସ୍ୱାମୀ-ସ୍ତ୍ରୀ ମୃତ

**ଦିଗପହଣ୍ଡି,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମଜିଲ୍ଲା ଦିଗପହଣ୍ଡି–ବ୍ରହ୍ମପୁର ରାସ୍ତା ଗଣିଆନାଳ ଛକ ନିକଟ ମା'କୁରେଇଶୁଣୀ ମନ୍ଦିର ସମ୍ମୁଖରେ ଏକ ସ୍କୁଟି ଓ ବାଇକ୍ ମୁହାଁମୁହିଁ ଧକ୍କା ପରେ ସ୍କୁଟିରେ ଥିବା ଦମ୍ପତିଙ୍କ ମୃତ୍ୟୁ ଘଟିଛି । ମୃତ ଦମ୍ପତି ହେଲେ ସାନଖେମୁଣ୍ଡି ବ୍ଲକ୍ ଗଙ୍ଗାପୁର ପଞ୍ଚାୟତ ଢେପାଗୁଡା ଗ୍ରାମର ପ୍ରତାପ ମଲ୍ଲିକ (୩୫) ଓ ତାଙ୍କ ପତ୍ନୀ ଲଳିତା ମଲ୍ଲିକ (୩୦) । ସେମାନଙ୍କ ୨ ବର୍ଷର ଶିଶୁପୁତ୍ର ଆହତ ହୋଇଥିବା ବେଳେ ଗଜପତି ଜିଲ୍ଲା ଆର୍.ଉଦୟଗିରି ଅଞ୍ଚଳର ବାଇକ୍ ଚାଳକ ସୁନୀଲ ଦଳାଇ (୩୬) ଆହତ ହୋଇଥିବା ଜଣାପଡିଛି ।

ଖବରନୁଯାୟୀ, ଲଳିତା ୮ ମାସର ଗର୍ଭବତୀ ଥିଲେ । ମଧ୍ୟାହ୍ନରେ ସ୍ୱାମୀ ଓ ଶିଶୁ ସହ ସ୍କୁଟି ଯୋଗେ ବ୍ରହ୍ମପୁର ବଡ଼ମେଡ଼ିକାଲରେ ସ୍ୱାସ୍ଥ୍ୟପରୀକ୍ଷା କରି ସନ୍ଧ୍ୟାରେ ସ୍କୁଟି ଯୋଗେ ଗ୍ରାମକୁ ଫେରୁଥିଲେ । ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ସୁନୀଲଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହେବାରୁ ସମସ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଉପସ୍ଥିତ ଡାକ୍ତର ପ୍ରତାପ ଓ ଲଳିତାଙ୍କୁ ମୃତ ଘୋଷଣା କରିଥିଲେ ।

ସେହିପରି ଗୁରୁତର ସୁନୀଲଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ମେଡିକାଲ ପରିସର ପରିବାର ଲୋକଙ୍କ କ୍ରନ୍ଦନରେ ଫାଟି ପଡୁଥିଲା । ଖବରପାଇ ଦିଗପହଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ଦୁଇ ମୃତଦେହ ଜବତ କରି ତଦନ୍ତ ଚଳାଇବା ସହ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଥାନାକୁ ଆଣିଛି । ଶନିବାର ସକାଳୁ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଯିବ ବୋଲି ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।

ଭୁବନେଶ୍ୱରରେ ଆମବସ୍ ଜଣେ ଯୁବକଙ୍କ ଜୀବନ ନେଇଛି । କ୍ରୁଟ ଦ୍ୱାରା ପରିଚାଳିତ ଆମ୍ ବସ୍ ପୁଣି ଦୁର୍ଘଟଣା ଘଟାଇଛି । ଭୁବନେଶ୍ୱର ସତ୍‌ସଙ୍ଗ୍ ବିହାର ନିକଟରେ ଏହି ଅଘଟଣ ଘଟାଇଛି । ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଛି । ଯୁବକଙ୍କ ମୃତ୍ୟୁ ପରେ ଉତ୍ତେଜନା ଦେଖାଯାଇଛି । ଘଟଣାସ୍ଥଳରେ ବାଣୀବିହାର ପୁଲିସ ପହଞ୍ଚି ବସ୍‌କୁ ଜବତ କରିବା ସହିତ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଦୁର୍ଘଟଣା ପରେ ରାସ୍ତାରେ ଶତାଧିକ ଯାନବାହନ ପ୍ରଭାବିତ ହୋଇଛି ।

## ଦ୍ୱିତୀୟ ବିବାହ କରି ଫସିଲେ ଜେଲ୍ ୱାର୍ଡର

**ଢେଙ୍କାନାଳ,୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଥମ ପତ୍ନୀ ଥାଉ ଥାଉ ପୁଣି ଅନ୍ୟ ଜଣଙ୍କୁ ପ୍ରେମ ବିବାହ କରି ଫସିଛନ୍ତି ଜେଲ୍ ୱାର୍ଡର । ନିଜ ପତ୍ନୀର ପରିଚୟ ଦେଇ ସରକାରୀ କ୍ୱାର୍ଟରରେ ରଖିଥିଲେ ଦ୍ୱିତୀୟ ପତ୍ନୀଙ୍କୁ । ଜଣେ ସରକାରୀ କର୍ମଚାରୀ ହୋଇ ସରକାରଙ୍କୁ ଠକି ଚାଲିଥିବା ବେଳେ ଆଇନ ଜାଲରେ ଫସିଛନ୍ତି ଏହି ସରକାରୀ କର୍ମଚାରୀ । ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଖାରଜ ଯୋଗୁଁ ସେ ଝାରପଡା ଜେଲକୁ ଯାଇଛନ୍ତି ।

ସୂଚନାଯୋଗ୍ୟ ଯେ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପ କାରଗାରର ୱାର୍ଡର ବିଜୟ କୁମାର ରାଉତ ପ୍ରଥମ ପତ୍ନୀ ଥାଉ ଥାଉ ଦ୍ୱିତୀୟ ବିବାହ କରି ଗିରଫ ହୋଇଛନ୍ତି । ବିଜୟଙ୍କ ଘର ଆଠଗଡ଼ ଥାନା ଅନ୍ତର୍ଗତ ସାମ୍ ସେରପୁର ଗ୍ରାମରେ । ବୈଦିକ ରୀତିରେ ବିଜୟ ପ୍ରଥମ ବିବାହ କରିସାରିଥିଲେ । ମାତ୍ର ଅନ୍ୟ ଜଣେ ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା । ପରେ ତାଙ୍କୁ ଲୁଚି ଛପି ବିବାହ କରିଥିଲେ । ଏପରିକି ନିଜ ପ୍ରଥମ ପତ୍ନୀ ଥାଉ ଥାଉ ବିଜୟ ଦ୍ୱିତୀୟ ପତ୍ନୀ ପରିଚୟ ଦେଇ ହିନ୍ଦୋଳ ଉପ କାରାଗାର ସରକାରୀ କ୍ୱାର୍ଟରରେ ନେଇ ରଖିଥିଲେ । ତେବେ ପ୍ରଥମ ପତ୍ନୀ ନ୍ୟାୟ ପାଇଁ ଏ ସମ୍ପର୍କରେ ଖୋର୍ଦ୍ଧା ଫ୍ୟାମିଲି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହା ପରେ ବିଜୟ ୨୦୨୪ ମସିହା ଜୁନ୍ ୬ ତାରିଖରୁ କେଉଁ ଆଡେ ଫେରାର ହୋଇଯାଇଥିଲେ । ତେବେ କୋର୍ଟ ଜାମିନ ବିହୀନ ପରୱାନା ଜାରି କରିଥିବାରୁ ପୋଲିସ ତାଙ୍କୁ ଖୋଜୁଥିଲା । ତେବେ ବିଶେଷ ସୂତ୍ରରୁ ଖବର ପାଇ ଆଠଗଡ଼ ଅଞ୍ଚଳରେ ବିଜୟଙ୍କୁ ପୋଲିସ କାବୁ କରିଥିଲା । ପରେ ଖୋର୍ଦ୍ଧା ଫ୍ୟାମିଲି କୋର୍ଟଙ୍କୁ ଚାଲାଣ ପରେ ଜାମିନ ଖାରଜ ହେବାରୁ ବିଜୟଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଥିବା ଜଣାପଡିଛି ।


Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ